# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୧୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 13/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 228 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।




**ରାହୁଲଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର କେ.ଏଲ୍. ରାହୁଲ। ୧୪

୧୦ **ଖଳନାୟକ ଭୂମିକାରେ କରନ୍‌ବୀର**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଶିଲା' ଫିଲ୍ମରେ ଅଭିନେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ।



# ନିର୍ଯାତନା ଅସହ୍ୟରୁ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ ନିଲମ୍ବିତ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ଅନୁଚିତ ଅନୁଗ୍ରହ(ଫେବର) ଦେଖାଇବା ଆଳରେ ଜଣେ ଛାତ୍ରୀଙ୍କୁ ବାରମ୍ବାର ମାନସିକ ନିର୍ଯାତନା ସହ ଅସଦାଚରଣ କରୁଥିଲେ। ଏହା ଅସହ୍ୟ ହେବାରୁ ତାହାକୁ ବିରୋଧ କରି ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି ଗତ ୭ଦିନ ତଳେ ଛାତ୍ରୀ ଥାନାର ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ହେଲେ ଇଣ୍ଟରନାଲ କମିଟି ଗଠନ କରାଯାଇଛି କହି କେହି କିଛି ଶୁଣିଲେ ନାହିଁ। ବାଧ ହୋଇ ଛାତ୍ରୀଜଣକ ଶନିବାର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଛାତ୍ରୀଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ କଲେଜର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ସମୀର ରଞ୍ଜନ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ ଘୋଷ ଏବଂ ଅଧ୍ୟାପକ ସାହୁଙ୍କୁ ନିଲମ୍ବନ କରାଯାଇଛି। ଏଥିସହିତ ଘଟଣାର ତଦନ୍ତ ପାଇଁ ଯୁଗ୍ମ ସଚିବସ୍ତରୀୟ କମିଟି ଗଠନ କରାଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।



ଅଧ୍ୟକ୍ଷ ଦିଲୀପ ଘୋଷ



ଅଧ୍ୟାପକ ସମୀର ରଞ୍ଜନ ସାହୁ

**ବାଲେଶ୍ୱର, ୧୨।୭(ବାଞ୍ଛାନିଧି ଦେ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରୀ ଗତ ୧ ତାରିଖରେ ଉକ୍ତ ବିଭାଗର ଏଚ୍‌ଓଡି ସମୀର ରଞ୍ଜନ ସାହୁଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତ ୬ ମାସ ତଳେ ଅଧ୍ୟାପକ ସାହୁ ଛାତ୍ରୀଙ୍କ ସହ ମନ୍ଦ ଉଦ୍ଦେଶ୍ୟରେ ସମ୍ପର୍କ ରଖିବା ପାଇଁ ଚାହିଁଥିଲେ। ମାତ୍ର ଛାତ୍ରୀଜଣକ ଏଥିରେ ଅରାଜି ହେବାରୁ ଅଧ୍ୟାପକ ସାହୁ ତାଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଆସୁଥିଲେ। ପ୍ରଥମେ କ୍ଲାସ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ। ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ମାତାପିତାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଛାତ୍ରୀଜଣକ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ସରକାରୀ ପ୍ରଶିକ୍ଷଣ ଶିବିର ଓ ବ୍ୟକ୍ତିଗତ କାରଣରୁ ସେ ବହୁ ସମୟରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ଉଠାଇ ଅଧ୍ୟାପକ ଜଣକ ବାରମ୍ବାର ଛାତ୍ରୀଙ୍କୁ ଅପମାନ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଛାତ୍ରୀଜଣକ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଚ୍‌ଓଡିଙ୍କ ବିରୋଧରେ ଅଧ୍ୟକ୍ଷଙ୍କଠାରେ ଅଭିଯୋଗ କରିବା ପରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦିନକ ପରେ ହିଁ ଅଧ୍ୟାପକ ଜଣକ ନିଜ ସହକର୍ମୀ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇ ସମ୍ପୃକ୍ତ ଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସେ ଅଭିଯୋଗ ☞ପୃଷ୍ଠା-୨

### ତଦନ୍ତ ପାଇଁ ଯୁଗ୍ମ ସଚିବସ୍ତରୀୟ କମିଟି ଗଠିତ: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ରାଜ୍ୟ ସରକାର ତଥା ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ଅଧ୍ୟାପକ ସମୀର କୁମାର ସାହୁ ଏବଂ ପ୍ରିନ୍ସିପାଲ ଦିଲୀପ କୁମାର ଘୋଷଙ୍କୁ ଶନିବାର ନିଲମ୍ବନ କରାଯାଇଛି। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଜଣେ ଉଚ୍ଚସ୍ତରୀୟ ମହିଳା ଅଧିକାରୀ(ଯୁଗ୍ମସଚିବ ପାଢ଼ୀ), ଜଣେ ବରିଷ୍ଠ ଏକାଡେମିସିଆନ(ଅନ୍ୟ କଲେଜ ଅଧ୍ୟକ୍ଷା)ଙ୍କୁ ନେଇ ଏକ କମିଟି ଗଠନ ହୋଇଛି। କମିଟିର ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। କଡ଼ା ପ୍ରତିକ୍ରିୟା ରଖି ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ସମାଜବାଦର ବିଜୟ

ଆଇଆଇଏମ୍ କଲିକତାରେ ଛାତ୍ରୀଙ୍କୁ ବଳାତ୍କାର ୧୦






No.T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

❋❋❋❋❋❋❋❋❋❋

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.14.07.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0169/2526



DSPL-168



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଖବରଦାତା ସମ୍ମିଳନୀ, ସ୍ଥାନ: ନେତାଜୀ ଭବନ, ୟୁନିଟ୍‌-୬, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ପ୍ରତିଭା ସମ୍ମାନ, ସ୍ଥାନ: ପ୍ରେସ୍ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା।

## କଟକ
- ୪୨ ମୌଜା ଅନ୍ତର୍ଗତ ଭଗବତୀ ପୀଠରେ ବିଷ୍ଣୁପ୍ରିୟା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ବନ ମହୋତ୍ସବ, ସ୍ଥାନ: ଶ୍ରୀରାମ ଭଗବତୀ ପୀଠ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- କାଠଯୋଡ଼ି ସାହିତ୍ୟ ସଂସଦ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଓ କ୍ଷୁଦ୍ର କବିତା ଆସର, ସ୍ଥାନ: ମଧୁସୂଦନ ଜେନା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ କଟକ ସେଣ୍ଟ୍ରାଲର ୩୩ତମ ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ରଶ୍ମି ପ୍ୟାଲେସ, ଚହଟା, ବିଡ଼ାନାସୀ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଣୀହାଟ ହାଇସ୍କୁଲ ୧୯୮୦ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ଆଶୁତୋଷ ମଣ୍ଡପ, ଶଙ୍କରପୁର ଉପରସାହି, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ମେଘମହ୍ଲାର କବିତା ପାଠ ଉତ୍ସବ ଓ ସାରସତ୍ୱ ସମାରୋହ, ସ୍ଥାନ:ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ:ଗୁରୁଶକ୍ତି ହୋଟେଲ ସମ୍ମିଳନୀ କକ୍ଷ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦର କବିତା ଆସର, ସ୍ଥାନ:ଗଡ଼ପୋଖରୀ ୟୁପି ସ୍କୁଲ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା,ସ୍ଥାନ:ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷ, ରୂପସା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ଅଧ୍ୟାପକ ସ୍ୱର୍ଗତଃ କୀର୍ତ୍ତନ ବିହାରୀ ଦାଶଙ୍କ ସ୍ମୃତିସଭା,ସ୍ଥାନ:ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ମାର୍କୋଣା, ସିମୁଳିଆ, ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ଟାଇମପାସ୍ ପୁସ୍ତକ ପର୍ବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## ମୟୂରଭଞ୍ଜ
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ, ବାରିପଦା,ସମୟ: ସକାଳ ୮ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ,ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କେନ୍ଦ୍ରର ସଂଲଗ୍ନ କକ୍ଷ,ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା-୨୦୨୫ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ସିପ୍ରୋନ ଇନ ହୋଟେଲ ବିବାହ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଷୁଦ୍ର ଚଳଚ୍ଚିତ୍ର 'ପ୍ରକୃତି' ଲୋକାର୍ପଣ ଉତ୍ସବ,ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ,ସମୟ: ଅପରାହ୍ନ ୨ଟା୧୫।
- ଜାତୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ସନ୍ଧ୍ୟାତାରା ପକ୍ଷରୁ ମାସିକ ବିଶେଷ ଆସର, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଢେଙ୍କାନାଳ ଲକ୍ଷ୍ମୀପୂଜା ପାଇଁ ଜରୁରୀ ବୈଠକ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବନ ମହୋତ୍ସବ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଚ୍ଚାମୁଣ୍ଡାଇ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବୈଠକ, ସ୍ଥାନ: ରାୟଗଡ଼ା କିସ୍ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଆର୍‌ଏସ୍‌ଏସ୍‌ର ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଆର୍‌ଏସ୍‌ଏସ୍‌ର ଗୁରୁପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଝରିଗାଁ ମାଉସୀମା ମନ୍ଦିର ପରିସର, ସମୟ: ପୂର୍ବାହ୍ନ୧୦ଟା।
- ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- କିଶୋରୀ ବାଳିକାଙ୍କ ତାଲିମ ଶିବିର, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ଏସ୍‌ଆର ମଲ୍ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗୀତା କେନ୍ଦ୍ର, ସମୟ : ସକାଳ ୯ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ୍, ସମୟ : ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଦିନ୍ ସକାଶେ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ନବନୀତା ଯୁବ ସାହିତ୍ୟ ସମାବେଶ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ଏମ୍ କଲେଜର ଗ୍ରାଜୁଏଶନ୍ ଡେ ୨୦୨୫ ପାଳନ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଅଫ୍ ଇଲିଟର ଇଷ୍ଟାଲେଶନ୍ ସେରେମନି, ସ୍ଥାନ: ସରୋଜିନୀ ରେସିଡେନ୍ସି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଗୃହରକ୍ଷୀ ପଦବୀ ପାଇଁ ଦକ୍ଷତା ପରୀକ୍ଷା, ସ୍ଥାନ: ରିଜର୍ଭ ପଡ଼ିଆ, ସମୟ: ପ୍ରାତଃ ୫ଟା।
- ସମ୍ଭାବନା ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ବରଟୋଲି, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ପୀଠରେ ବନ ମହୋତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଧୁସୂଦନ ରାଓଙ୍କ ସ୍ମୃତିରେ ସାହିତ୍ୟ ସଭା ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ରାଉରକେଲା ଅର୍ବାନର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୯, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଲାୟନ୍ସ କ୍ଲବର ବାର୍ଷିକ ସମ୍ମିଳନୀ,ସ୍ଥାନ: ହୋଟେଲ ଗଣପତି, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ ଉଇସ୍‌ଡମ୍ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ଖଣ୍ଡୁରା ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ସହର ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବଳହୀନ ରାଶ୍ୟାଧିପ କେତୁ ଯୁକ୍ତ ଯୋଗୁ ସ୍ୱାସ୍ଥ୍ୟହାନି ସହ ପାରିବାରିକ କଳହର କାରଣ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପରିବହନ, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ବାଧା ରହିବ ନାହିଁ। ବନ୍ଧୁ ଆସିବେ, ମାତ୍ର ଫେରିବା ସମୟକୁ ବହୁତ କଥା ଶୁଣେଇ ପାରନ୍ତି। ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ।

**ବୃଷ** ଶୁକ୍ର ନିଜ ଗୃହରେ ରହିଥିବାରୁ ଅର୍ଥ ଲାଭ ସହିତ ମଜାମଉଜରେ ଦିନଟି କଟିବ। ବୁଧାଦିତ୍ୟ ଯୋଗଜନିତ ସୁନ୍ଦର ମାଦକତାଭରା ପାରିବାରିକ ଜୀବନକୁ ଉପଭୋଗ କରିବେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** କର୍ମାଧିପ ରାଶିରେ ଅବସ୍ଥାନ କରି ସ୍ଥଗିତ କାର୍ଯ୍ୟ ସମୂହକୁ ପୂର୍ଣ୍ଣାଙ୍ଗ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଂକୋଚବଶତଃ ବନ୍ଧୁଙ୍କୁ ମନ କଥା କହିପାରିବେ ନାହିଁ। ମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଆତ୍ମୀୟଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ରହିପାରନ୍ତି।

**କର୍କଟ** ଶୁକ୍ରଙ୍କ ସୁପ୍ରଭାବରେ ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା, ପ୍ରତିବନ୍ଧକ ସାଙ୍ଗକୁ ବ୍ୟସ୍ତତା ବଢ଼ିଯିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ ; କିନ୍ତୁ ନିର୍ମାଣ, ପରିବହନରେ ସମସ୍ୟା ଦେଖାଦେବ। କଚେରି ମାମଲାରେ ବିଜୟୀ ହେବେ ଏବଂ ସମ୍ପର୍କୀୟଙ୍କ ଦ୍ୱାରା ଉପକୃତ ହେବେ।

**ସିଂହ** କର୍ମସ୍ଥାନରେ ଶୁକ୍ର ଅବସ୍ଥାନ କରିଥିବାରୁ କର୍ମାରମ୍ଭ ସକାଶେ ମନ ବଳାଇବେ। କିନ୍ତୁ ଜୀବିକା ନିର୍ବାହଜନିତ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପାପଗ୍ରହଦୃଷ୍ଟ ଗୁରୁଜନିତ ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜିହିଁ ସକ୍ଷମ ହେବେ।

**ତୁଳା** କର୍ମାଧିପ ଚନ୍ଦ୍ର ଭାଗ୍ୟାଧିପ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଲାଭ କରିବେ। ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଚାକିରିରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯେତେ ଭଲକାମ କଲେ ସୁଦ୍ଧା ପରିବାରରେ ସ୍ନେହ, ଶ୍ରଦ୍ଧା, ଆଦର ଦୁର୍ଲଭ ହୋଇପଡ଼ିବ।

**ବିଛା** ଭାଗ୍ୟାଧିପ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଅଭିଳାଷ ପୂରଣ ହେବାରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇଯିବ।

**ଧନୁ** ରାଶ୍ୟାଧିପଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଆପଣଙ୍କ ସୁସ୍ଥ ବିଚାରଧାରା ହିଁ ସୁଫଳର ପରିଚାୟକ ହେବ। ଏତଦ୍ ବ୍ୟତୀତ ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିଯୋଗିତାରେ ସଫଳତା ମିଳିବ। ଦୂରଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି। ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାର ଆବଶ୍ୟକତା ଅନୁଭବ କରିବେ।

**ମକର** ସପ୍ତମାଧିପତି ରାଶିରେ ଅବସ୍ଥାନ କରି ପାରିବାରିକ ଏବଂ ବ୍ୟବସାୟିକ ଉନ୍ନତି ସହ ଯାତ୍ରାରେ ଲକ୍ଷ୍ୟପୂରଣ କରିବେ। ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ, ମାତ୍ର ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ। ଭ୍ରମଣ ପରିପ୍ରେକ୍ଷୀରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ।

**କୁମ୍ଭ** ରାଶିରେ ରାହୁ ଥିବାରୁ ପରୋକ୍ଷ ଶତ୍ରୁତାଜନିତ ସମସ୍ୟାରେ ମନକୁ ଭାରାକ୍ରାନ୍ତ କରାଇବ। ବାଣିଜ୍ୟ, ନିର୍ମାଣ, ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ବନ୍ଧୁମାନଙ୍କ ମଧ୍ୟସ୍ଥତାରେ ବହୁତ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଶନିଙ୍କ ପ୍ରଭାବରେ ଆଜି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତାପ କରିପାରନ୍ତି। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ପରିଲକ୍ଷିତ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ବିବାଦ ଭିତରକୁ ଟାଣି ହୋଇଯିବେ। କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୧୩ ତାରିଖ, କର୍ମବୀର ଗୌରୀ ଶଙ୍କରଙ୍କ ଜୟନ୍ତୀ, ଶ୍ରାବଣ କୃଷ୍ଣ ତୃତୀୟା ରବିବାର। ରାଶିନକ୍ଷତ୍ର- ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୪ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୭ମି. ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

# ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ଭକ୍ତ

ଭୁବନେଶ୍ୱର,୧୨।୭ (ରବିନାରାୟଣ ଜେନା): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଥିବା କଥା ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଅ ସମାବେଶରେ କହିବାର କେଇଘଣ୍ଟା ନପୁରୁଣୁ ବାଲେଶ୍ୱରର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଲୋକଲୋଚନକୁ ଆସିଛି। ଜଣେ ଯୁବତୀ ନ୍ୟାୟ ପାଇଁ ସବୁଠାରୁ ବିଫଳ ହେବା ପରେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି ଯେ, ଅଧ୍ୟାପକଙ୍କ ଦ୍ୱାରା ଲୋଡ଼ାଯାଇଥିବା ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ, କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନଥିଲେ। ପିସିସି ସଭାପତି ଭକ୍ତଚରଣ ଦାସ ଯୁବତୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୧୨।୭(ରବିନାରାୟଣ ଜେନା)

ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟ ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଛାତ୍ରୀ ଜଣକ ଜୁଲାଇ ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଧ୍ୟାପକ ତାଙ୍କଠାରୁ କିଭଳି ଶାରୀରିକ ସୁଖ ଚାହୁଁଥିଲା ତାହା ମଧ୍ୟ ସେ ଦର୍ଶାଇଥିଲେ। ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନ ନେବାରୁ ପରେ ଥାନା ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ ; ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର କଥା ଏମ୍‌ପି ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲୁକା ଭାବେ ନେବା ଯୋଗୁ ଶନିବାର ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ବୋଲି ଇପ୍‌ସିତା କହିଛନ୍ତି। ଏହି ଅବସରରେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଏମ୍‌ସ ଗସ୍ତକରି ପୀଡ଼ିତାଙ୍କ ଭାଇଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରୁଷି ଯାଇ ବାଡ଼ି ପଟରେ ବସୁ
କେହି ନ ଡାକିଲେ ମନକୁ ଆସୁ ।**

ସାଧାରଣତଃ ମାନ ଅଭିମାନ ବା ରାଗ ରୁଷା ନିଜ ଲୋକଙ୍କ ଉପରେ ହିଁ କରାଯାଇଥାଏ। ତେବେ ହରଘଡ଼ି ରୁଷୁଥିବା ବ୍ୟକ୍ତିଙ୍କୁ କେହି ଖୋସାମତ କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରାତି ପାହିଲାଣି ରାବଇ କାଉ
ଉଠ ଉଠ ମଠ ନ କର ଆଉ ।**

ରାତି ନ ପାହୁଣୁ କାଉ କା' କରେ। ଉଷାକାଳେ ବା ପ୍ରାତଃକାଳେ କାଉର ରାବ ନିଦ୍ରିତ ଲୋକଙ୍କୁ ଜାଗ୍ରତ କରାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁହଁ ଖୋଲିଲେ ଅର୍ଚ୍ଚନା ନାଗ

ଭୁବନେଶ୍ୱର,୧୨।୭(ସତ୍ୟଜିତ୍ ରାଉତ)

ବ୍ଲାକମେଲ୍ କରି ଟଙ୍କା ମାଗିବା ମାମଲାରେ ଜେଲ ଯାଇଥିବା ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଗୁମର ଖୋଲିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବାବେଳେ ଶନିବାର ଖବରଦାତା ସମ୍ମିଳନୀ କରି ଅର୍ଚ୍ଚନା ବିଜେଡି ନେତା ଓ ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ରୋଟାରି କ୍ଲବ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ସହ ବାପା ସୁରେନ୍ଦ୍ର ନାଗ, ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

ଅର୍ଚ୍ଚନାଙ୍କ କହିବା ହେଲା 'ବିଜେଡିର କିଛି ଆଗଧାଡ଼ିର ନେତା ଓ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ପଛରୁ ଛୁରି ମାରିଥିଲେ।' ଟଙ୍କା ଦେଇ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିବାର ପ୍ରମାଣ ତାଙ୍କୁ ମିଳିଛି ବୋଲି ଅର୍ଚ୍ଚନା କହିଛନ୍ତି। ଅର୍ଚ୍ଚନା ଆହୁରି କହିଛନ୍ତି ଯେ, ତାଙ୍କୁ ନେଇ ବହୁତ କାହାଣୀ ଉପସ୍ଥାପନା କରାଯାଇଥିଲା। ସେ ଦୋଷୀ କି ନିର୍ଦ୍ଦୋଷ, କୋର୍ଟ ଏହାର ପ୍ରମାଣ କରିବେ। ୨୦୨୨ ଅକ୍ଟୋବର ୬ରେ ତାଙ୍କୁ ଗିରଫ କରାଯାଇଥିବା ଦେଖାଗଲା। ଅକ୍ଟୋବର ୪ରୁ ବାଲିଅନ୍ତା ଥାନାରେ ତାଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ସମସ୍ତେ ସାଦା ପୋଷାକରେ ଥିବାରୁ ସେମାନଙ୍କୁ ସେ ଚିହ୍ନି ପାରି ନ ଥିଲେ। ଅଭିଯୋଗକାରିଣୀ କିଏ ଏବଂ ଅଭିଯୋଗ ବାବଦରେ ସେ ୬ଦିନ ପରେ ଜେଲରେ ଜାଣିଥିଲେ। ଖଣ୍ଡଗିରି ଥାନାରେ ମାମଲା ହୋଇଥିବା ବେଳେ ବାଲିଅନ୍ତା ଥାନାକୁ

**ବିଜେଡି ନେତା, ପୋଲିସ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ**

- ଟଙ୍କାରେ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିଲା
- 'ଜେଲରେ ଦିଆଯାଉଥିଲା ନିର୍ଯାତନା'



ତାଙ୍କୁ କାହିଁକି ଅଣାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ପରିବାର ସଦସ୍ୟମାନଙ୍କୁ ୪୮ଘଣ୍ଟା ଅଟକ ରଖାଯାଇଥିଲା। ପୋଲିସ ତାଙ୍କ ଘରର ସିସିଟିଭି ହାର୍ଡ ଡିସ୍କକୁ ନଷ୍ଟ କରିଦେଇଥିଲା। କିଛି ବଡ଼ବଡ଼ିଆ, ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱମାନେ ଏହି ଘଟଣାରେ ସମ୍ପୃକ୍ତ ଥାଇ ତାଙ୍କୁ ପଛରୁ ଛୁରି ମାରିଛନ୍ତି।

ଗିରଫ ହେବାର ବହୁତ ଦିନ ପରେ ସେ ଏନେଇ ଜାଣିବାକୁ ପାଇଥିଲେ। ବିଜେଡି ନେତା ବବି ଦାସ, ମାନସ ମଙ୍ଗରାଜ, କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆ, ଡିସିପି ପ୍ରତୀକ ସିଂ, ଏସିପି ହିମାଂଶୁ ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀମାନେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ଏହା ଅଭିଯୋଗକାରିଣୀ ତାଙ୍କୁ କହିଥିବା ବେଳେ ତାଙ୍କ ପାଖରେ କଲ୍ ରେକର୍ଡିଂ ରହିଛି। ଏପରିକି ସେମାନେ କ୍ଷମତାର ଅପବ୍ୟବହାର କରି ଜେଲକୁ କିଣି ଦେଇଥିଲେ। ରାତାରାତି ଜଣେ ଜେଲରଙ୍କୁ ତାଙ୍କ ପାଇଁ ବଦଳି କରାଯାଇଥିଲା। ଜେଲ ଭିତରେ ତାଙ୍କୁ ବିଷ ଇଞ୍ଜେକ୍ସନ ଦେଇ ହତ୍ୟା କରିବାକୁ ଚେଷ୍ଟା ହୋଇଥିବାବେଳେ କିଛି ବିଚାରାଧୀନ କଏଦୀଙ୍କ ସାହାଯ୍ୟରେ ସେ ବଞ୍ଚିଥିଲେ। ଜେଲ ଭିତରକୁ ଡିସିପି ସିଂ, ଅତିରିକ୍ତ ଡିସିପି ପ୍ରକାଶ ପାଲ, ଏସିପି ହିମାଂଶୁ ବାରମ୍ବାର ଯାଉଥିଲେ। ତାଙ୍କୁ ପାଗଳୀ ବୋଲି ସ୍ୱୀକାର କରିବାକୁ ବାଧ୍ୟ କରାଯାଇଥିଲା। ଏପରିକି ରାଜ୍ୟ ଛାଡ଼ି ଯିବାକୁ ଚାପ ମଧ୍ୟ ପକାଯାଉଥିଲା ବୋଲି ଅର୍ଚ୍ଚନା କହିଛନ୍ତି। ତେବେ ବିଜେଡି ସରକାର ଯିବା ପରେ ଆଉ ଟଙ୍କା ଦିଆଯାଉ ନ ଥିବା ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ବେହେରା କଲ୍‌ରେ କହିଥିବା ସେ କହିଛନ୍ତି। ଅର୍ଚ୍ଚନାଙ୍କ ଏଭଳି ଅଭିଯୋଗ ପରେ ବିଜେଡି ନେତା ଏବଂ ପୋଲିସ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକ ରହିଛି ବୋଲି ଆଲୋଚନା ହେଉଥିବାବେଳେ ଏନେଇ ସମ୍ପୃକ୍ତ ନେତା ଓ ପୋଲିସ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ରଥମ ପୃଷ୍ଠାରୁ...

### ନିର୍ଯାତନା ଅସହ୍ୟରୁ ...

କରିଥିଲେ। ଏହି ଘଟଣାରେ ଏବିଭିପି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ତଦନ୍ତ ପାଇଁ ଦାବି କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ର ଏ ସମ୍ପର୍କରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କଲେଜ ଅଧ୍ୟକ୍ଷ ଓ ଏସ୍‌ପିଙ୍କ ସହ କଥା ହୋଇଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ ବୋଲି ଦାବି କରି ଶନିବାର ଛାତ୍ରୀଛାତ୍ର କଲେଜ ପରିସରରେ ଧାରଣାରେ ବସିଥିଲେ। ତେବେ ଧାରଣା ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଘୋଷ ଉକ୍ତ ଛାତ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। ହେଲେ ସେଠାରୁ ଫେରିବା ପରେ ଛାତ୍ରୀଜଣକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଛାତ୍ରୀଜଣକ ନିଆଁରେ ଜଳି ଯାଉଥିବା ଦେଖି ମଧ୍ୟ ମହାବିଦ୍ୟାଳୟର କର୍ମଚାରୀ ମାନବିକତା ଦେଖାଇ ନ ଥିଲେ। ଛାତ୍ର ଜ୍ୟୋତିପ୍ରକାଶ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିଲେ। ସେତେବେଳକୁ ଛାତ୍ରୀ ଜଣକ ପ୍ରାୟ ୯୦% ପୋଡ଼ି ଯାଇଥିଲେ। ତୁରନ୍ତ ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସଦର ବିଧାୟକ ମାନସ କୁମାର ଦତ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ପ୍ରମୁଖ କଲେଜ ପରିସରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରିନ୍ସିପାଲଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତ ଏଚ୍‌ଓଡି ସାହୁଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।

ଏ ସମ୍ପର୍କରେ ଅଧ୍ୟକ୍ଷ ଘୋଷ କହିଛନ୍ତି, ଘଟଣାକୁ ନେଇ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଏକ କମିଟି ଗଠନ କରାଯାଇ ଛାତ୍ରୀଙ୍କ ଅଭିଯୋଗ ମୁତାବକ ତଦନ୍ତ କରାଯାଇଥିଲା। ଧାରଣା ସ୍ଥଳରୁ ଛାତ୍ରୀଙ୍କୁ ଡାକି ଅଫିସ୍‌ରେ ଆଲୋଚନା କରିଥିଲୁ। ଅଫିସ୍‌ରୁ ବାହାରି ମାନସିକ ଭାରସାମ୍ୟ ହରାଇ ସେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଛାତ୍ରୀଙ୍କ ଭାଇ କହିଛନ୍ତି, ଅଧ୍ୟାପକ ସମୀର ସାହୁ ବାରମ୍ବାର ତାଙ୍କ ଭଉଣୀଙ୍କୁ ଫେବର ଦେବା ପାଇଁ କହୁଥିଲେ। କ୍ଲାସ୍‌ରେ ଅନୁପସ୍ଥିତ ରହୁଥିବାରୁ ପରୀକ୍ଷାରେ ଫେଲ୍ କରିଦେବେ ବୋଲି କହିଥିଲେ। ଏପରିକି ସେ ଥିବା ପର୍ଯ୍ୟନ୍ତ ତାଙ୍କୁ କୌଣସି ମତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏନେଇ ସେ ପୂର୍ବରୁ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି ଲାଭ ହେଲା ନାହିଁ। ଭଉଣୀର ଯଦି କୌଣସି ପ୍ରକାର ଅଘଟଣ ଘଟେ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ। ସହପାଠୀ ସୁଶ୍ରୀ ଭୂୟାଁ କହିଛନ୍ତି, ସମ୍ପୃକ୍ତ ଅଧ୍ୟାପକ ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରିଥାନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ମାନସିକ ନିର୍ଯାତନା ଦେଇଥାନ୍ତି। ମୋ ସହପାଠୀଙ୍କ ଉପରେ ଖରାପ ନଜର ରଖି ଗତ ୬ମାସ ଧରି ହଇରାଣ ହରକତ କରୁଥିଲେ। ସେ ଅତିଷ୍ଠ ହୋଇ ସାଙ୍ଗମାନଙ୍କୁ ଜଣାଇବା ସହ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟାୟ ନ ମିଳିବାରୁ ପୁଣି ଧାରଣାରେ ବସିଥିଲୁ।

### ତଦନ୍ତ ପାଇଁ ଯୁଗ୍ମ ...

ସେ ଆହୁରି କହିଛନ୍ତି, ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଉକ୍ତ ଘଟଣାରେ ବିଭାଗ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇ ପୀଡ଼ିତ ଛାତ୍ରୀଙ୍କୁ କିଭଳି ତ୍ୱରିତ୍ ଚିକିତ୍ସା ମିଳିପାରିବ ସେଥିପ୍ରତି ମୁଖ୍ୟମନ୍ତ୍ରୀଙ୍କ ସହିତ କଥାହୋଇ ପଦକ୍ଷେପ ଗ୍ରହଣ କରାଯିବ। ଏହି ଘଟଣାରେ ଛାତ୍ରୀ ଜଣକ ପୂର୍ବରୁ ରିପୋର୍ଟ କରିଥିଲେ ହେଁ କାହିଁକି ସରକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ତାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ପ୍ରିନ୍ସିପାଲ ଦିଲୀପ କୁମାର ଘୋଷ ଏବଂ ଅଧ୍ୟାପକ ସମୀର କୁମାର ସାହୁଙ୍କୁ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେଥିରେ ବିଭାଗୀୟ ଯୁଗ୍ମସଚିବ ଦର୍ଶାଇଛନ୍ତି, ଉକ୍ତ ଘଟଣାର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ସମୀର କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି ମାମଲାର ତଦନ୍ତଭାର ନେଇଥିବା ପ୍ରିନ୍ସିପାଲ ତଦନ୍ତରେ ବିଫଳ ହୋଇଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ୧ ତାରିଖରେ ସମ୍ପୃକ୍ତ ଅଧ୍ୟାପକଙ୍କ ନାଁରେ ପୀଡ଼ିତ ଛାତ୍ରୀ ଅଭିଯୋଗ ଆଣିଥିଲେ। ଅଧ୍ୟାପକଙ୍କ ଖରାପ ଉଦ୍ଦେଶ୍ୟ ଥିବା ଅଭିଯୋଗରେ ଦର୍ଶାଇଥିଲେ। ହେଲେ ମହାବିଦ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ବାଛିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୋଦିଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଉଭୟଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି।

# ଆଉ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବି ନାହିଁ: ଜୁଏଲ

ସମ୍ବଲପୁର,୧୨।୭
(ପ୍ରମୋଦ ବହିଦାର)

ଆଗକୁ ଆଉ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ହେବିନାହିଁ। ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ରୋଜଗାର ମେଳା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ସେ କହିଛନ୍ତି, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ୬ ଥର ଏମ୍‌ପି ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ସାରିଛି। ପ୍ରତ୍ୟେକ ଥର ମତେ ଦିଆଯାଇଥିବା ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରି ଆସିଛି। ତେଣୁ ଜୀବନରେ କୌଣସି ପରିସ୍ଥିତିରେ ମଧ୍ୟ ମୋର ପଶ୍ଚାତ୍ତାପ କରିବାର କିଛି ନାହିଁ। ବର୍ତ୍ତମାନ ମୋର ରାଜନୈତିକ ଜୀବନରେ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ। ତେଣୁ ଆଗକୁ ଆଉ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମୋର ଇଚ୍ଛା ନାହିଁ। ନୂତନ ପିଢ଼ିଙ୍କୁ ସୁଯୋଗ ଦେବା ମୋର ଇଚ୍ଛା। ତେବେ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ନ ହେଲେ ମଧ୍ୟ ଦଳ ଛାଡ଼ିବି ନାହିଁ। ଦଳ ପାଇଁ କାର୍ଯ୍ୟ ଅବ୍ୟାହତ ରଖିବି। ପ୍ରତ୍ୟକ୍ଷ ନିର୍ବାଚନ ପରିବର୍ତ୍ତେ ରାଜ୍ୟ ସଭା ସଦସ୍ୟ ବା ରାଜ୍ୟପାଳ ହେବାରେ କୌଣସି ଅସୁବିଧା ନାହିଁ। ପ୍ରତ୍ୟକ୍ଷ ନିର୍ବାଚନରୁ ଦୂରେଇ ରହିବା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି।



ଜୁଏଲ ଓରାମ

ମାତ୍ର ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ବା ଦଳ ପକ୍ଷରୁ ବାଧ୍ୟ କରାଗଲେ ଅନିଚ୍ଛା ସତ୍ତ୍ୱେ ନିର୍ବାଚନରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ୍ୟ ହେବି ବୋଲି ଜୁଏଲ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୯୮ ମସିହାରେ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ପ୍ରଥମ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ ଜୁଏଲ ଓରାମ। ୧୯୯୯ ମସିହାରେ ଗଠିତ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ନୂତନ ଭାବେ ଗଢ଼ା ଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ସେ ନିଯୁକ୍ତ ହୋଇଥିଲେ।

# ବଜ୍ରପାତରେ ୨ ମହିଳାଙ୍କ ସମେତ ୩ ମୃତ

**ନୀଳଗିରି, ୧୨।୭(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ରିଷିଆ ଡ୍ୟାମର ରାଇପାଳସ୍ଥିତ ଶାଖା କେନାଲ ମରାମତି କାମ ଚାଲିଥିବା ବେଳେ ଶନିବାର ବଜ୍ରପାତ ହେବାରୁ ୨ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ନଳବାହାର ଅଞ୍ଚଳର ଜେସିବି ଚାଳକ ଅଜିତ କୁମାର ହାଜିରା(୨୮)।

ସୂଚନା ଅନୁଯାୟୀ, କେନାଲ ମରାମତି କାର୍ଯ୍ୟରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିଲେ। ବର୍ଷାହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲିଆସିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ସମସ୍ତେ ବସି ଖାଉଥିବା ବେଳେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ୩ଜଣ ଚେତାଶୂନ୍ୟ ହୋଇପଡିଥିଲା ବେଳେ ଆଉ ଦୁଇଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶ୍ରମିକମାନେ ୩ଜଣଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ଏବଂ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବୈଦ୍ୟନାଥ
ଅସଲି ଆୟୁର୍ବେଦ
GOODCARE
Authentic Ayurveda
ହର୍ବାଲ ହେଲ୍‌ଥ ଜୁସ୍
ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ଏବଂ ସୁସ୍ଥ ରହିବା ପାଇଁ
Power of Pure




Scan to buy www.baidyanath.com amazon | Flipkart | TATA 1mg 1800 102 1855 (10 am - 6 pm)
ନିରାପଦ
ପ୍ରାକୃତିକ
ଫଳପ୍ରଦ

KALINGA INSTITUTE OF INDUSTRIAL TECHNOLOGY
KIIT DEEMED TO BE UNIVERSITY
(Established U/S 3 of UGC Act 1956), Bhubaneswar, Odisha, India
8th in India (both Govt. & Pvt.) in the Times Higher Education (THE) Asia University Ranking 2025
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years
Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET Accredited Programme The Institute of Engineering and Technology
KIIT SCHOOL OF DESIGN
DIRECT ADMISSION OPEN
Apply Now Through the website www.kiitee.kiit.ac.in
Last Date to Apply 25th July 2025
Eligibility: UCEED/NID/NIFT /Any National Level Test Score
COURSE OFFERED
B. Design (B.Des) 4 Yrs
• UX • Product • Graphic • Transportation & Automobile
Where creativity meets excellence
- Well Equipped First Design School in the Eastern India
- Industry-Oriented Curriculum
- International Tie-ups for Twinning Programs
- Experienced Faculty from IITs/NITs
- Capstone Projects and Industry Internships
- State-of-the-Art Labs/Workshops
- World Class Campus Facilities
Scan to Apply
Director, Admissions :
Admission Cell, Koel Campus, Po- KIIT Bhubaneswar-751024, Odisha, India | Ph: 8080 735 735 Fax : 0674 - 2741465 | Email: admission@kiit.ac.in Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

DSPL-172



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

# ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

ପଞ୍ଜିକରଣର ଶେଷ ତାରିଖ
୦୭-୦୯ -୨୦୨୫

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01510/13/0065/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ



# ସମାଜବାଦର ବିଜୟ



ଆକାର ପଟେଲ

ଚଳିତ ମାସରେ ଆମେରିକାର ନ୍ୟୁୟର୍କ ସହରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଘଟଣା ସାମ୍ନାକୁ ଆସିଛି। ୩୩ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମାମ୍‌ଦାନି ସହରର ମେୟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥିତ୍ୱ(ନୋମିନେଶନ) ହାସଲ କରିଛନ୍ତି। ଉକ୍ତ ନୋମିନେଶନ ହେଉଛି ଏକ ପ୍ରକାର ସେମିଫାଇନାଲ ମ୍ୟାଚ୍। କିନ୍ତୁ ନ୍ୟୁୟର୍କ ଡେମୋକ୍ରାଟିକ୍ ପାର୍ଟି ସମର୍ଥକଙ୍କ ସହର ହୋଇଥିବା ଯୋଗୁ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଦୌଡ଼ରେ ସେ ଆଗରେ ରହିଛନ୍ତି ଏବଂ ଜିତିବା ସମ୍ଭାବନା ମଧ୍ୟ ଅଛି। ଜୋହରାନ ହେଉଛନ୍ତି ଜଣେ ଗୁଜରାଟୀ ମୁସଲମାନ ପରିବାରର ସଦସ୍ୟ। ତାଙ୍କ ପିତା ଜଣେ ବିଶ୍ୱବିଦ୍ୟାଳୟ ପ୍ରଫେସର ଏବଂ ସେ ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ 'ଗୁଡ୍ ମୁସ୍‌ଲିମ, ବ୍ୟାଡ୍ ମୁସ୍‌ଲିମ' ପୁସ୍ତକ ଲେଖିଥିଲେ। ଜୋହରାନ୍‌ଙ୍କ ମା' ହେଉଛନ୍ତି 'ମନ୍‌ସୁନ୍ ୱେଡ଼ିଂ'ଏବଂ 'ସଲାମ ବମ୍ବେ'ର ନିର୍ଦ୍ଦେଶିକା ମୀରା ନାୟାର। କିନ୍ତୁ ଜୋହରାନ୍‌ଙ୍କ ସଫଳତା ପଛରେ ଏହି ପାରିବାରିକ ପୃଷ୍ଠଭୂମି ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେ ତାଙ୍କ ପାର୍ଟିର ଟାଣୁଆ ସମର୍ଥକ ନୋ ଆଣ୍ଡ୍ରୁ କ୍ୱୋମୋଙ୍କୁ ପରାସ୍ତ କରିଛନ୍ତି, ଯିଏ ନ୍ୟୁୟର୍କ ରାଜ୍ୟର ଗଭର୍ନର ଥିଲେ। ଜୋହରାନ୍‌ଙ୍କ ଏଭଳି ସଫଳତା ଗୁରୁତ୍ୱପୂର୍ଣ୍ଣ, କାରଣ ନ୍ୟୁୟର୍କ ମେୟରଙ୍କର ବହୁତ କ୍ଷମତା ଅଛି। ମେୟର ୧୦୦ ବିଲିୟନ ଡଲାରରୁ ଅଧିକ ବଜେଟର ତଦାରଖ କରିଥାନ୍ତି, ଯାହା ଅଧିକାଂଶ ଦେଶର ବଜେଟଠାରୁ ବେଶି। ବିଚାରପତି, ପୋଲିସ କମିଶନର ଏବଂ ସହରର ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ମୁଖ୍ୟ, ବୋର୍ଡ ଓ କମିଶନଗୁଡ଼ିକର ସଦସ୍ୟଙ୍କୁ ମଧ୍ୟ ମେୟର ନିଯୁକ୍ତ କରନ୍ତି।

ଜୋହରାନ୍‌ଙ୍କ ସଫଳତା ପଛର ପ୍ରଥମ ବିଷୟ ହେଉଛି, ତାଙ୍କ ବିଚାରଧାରା ସମାଜବାଦ ଓ ନିଜକୁ ସମାଜବାଦୀ ଭାବେ ଉପସ୍ଥାପନ କରନ୍ତି। ଆମେରିକାରେ ଏହି ଶବ୍ଦକୁ କେହି ଗ୍ରହଣ କରନ୍ତି ନାହିଁ, କାରଣ ସାମ୍ୟବାଦ ବିରୋଧରେ ସମାଜବାଦର ଇତିହାସ ରହିଆସିଛି। କିନ୍ତୁ ଜୋହରାନ୍ ସମାଜବାଦର ସମର୍ଥକ ବୋଲି ଗର୍ବ କରନ୍ତି ଏବଂ ସେ ଶ୍ରମିକଶ୍ରେଣୀ ଓ ନ୍ୟୁୟର୍କ ପ୍ରବାସୀଙ୍କ ପ୍ରତିନିଧିତ୍ୱ କରିବା ପଇଁ ସେଠାରେ ଅଛନ୍ତି ବୋଲି କହନ୍ତି, କିନ୍ତୁ ଧନୀଙ୍କ ପାଇଁ ନୁହେଁ। ପ୍ରଚାର ବେଳେ କହିଥିଲେ, ଜଣେ ମେୟର ଭାବେ ସେ ୨୦ ଲକ୍ଷ ଘରର ଭଡ଼ା ବୃଦ୍ଧି ବନ୍ଦ କରିବେ, ସିଟି ବସ୍‌ଭଡ଼ା ଛାଡ଼ କରିବେ, ମାଗଣାରେ ଶିଶୁ ଯତ୍ନ (ସେବା) ଯୋଗାଇଦେବେ ଏବଂ ପରୀକ୍ଷା ଭିତ୍ତିରେ ରାଜ୍ୟ ଦ୍ୱାରା ନ୍ୟୁୟର୍କର ୫ଟି ସହରାଞ୍ଚଳରେ ଗୋଟିଏ ଲେଖା ଗ୍ରୋସେରି ଦୋକାନ ଆରମ୍ଭ କରିବେ। ଏହା ସମ୍ଭବତଃ ଆମ ଦେଶର ରାଶନ କେନ୍ଦ୍ର ଭଳି ଏବଂ ଏହାର ଲକ୍ଷ୍ୟ ରିହାତିରେ ଖାଦ୍ୟଶସ୍ୟ ଯୋଗାଇବା। ଆୟକର ସାମାନ୍ୟ ବୃଦ୍ଧିକରି ସେ ଏହା କରିବେ ବୋଲି କହିଛନ୍ତି, କିନ୍ତୁ ନ୍ୟୁୟର୍କରେ ବର୍ଷକୁ ୧ ମିଲିୟନ ଡଲାର (୮କୋଟି ଟଙ୍କାରୁ ବେଶି)ରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ କେବଳ ଏହି ଟିକସ ଲାଗୁହେବ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଜୋହରାନ୍‌ଙ୍କ ପ୍ରଚାର ଶୈଳୀ। ପ୍ରାୟତଃ ଟିକ୍‌ଟକ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ସେ ପ୍ରଚାର କରିଥିଲେ। ନ୍ୟୁୟର୍କ ସହରର ସବୁଆଡ଼େ ବାସିନ୍ଦାଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ବିଷୟ ରହିଥିବା ଜୋହରାନ୍‌ଙ୍କ ଶର୍ଟ ଭିଡିଓଗୁଡ଼ିକ ତାଙ୍କୁ ଜଣେ ଆକର୍ଷଣୀୟ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଛି। ଦକ୍ଷିଣ ଏସିଆ ଓ ଲାଟିନ୍ ଆମେରିକୀୟଙ୍କୁ ସିଧାସଳଖ ହିନ୍ଦୀ, ସ୍ପାନିଶ୍ ଓ ବଙ୍ଗଳା ଭାଷାରେ ସ୍ପଷ୍ଟ ଭାବେ ଏଥିରେ ସମ୍ବୋଧିତ କରିଛନ୍ତି। ଆମେରିକାରେ ଥିବା ଅନ୍ୟ ଭାରତୀୟ ବଂଶୋଦ୍ଭବ ରାଜନୈତିକ ବ୍ୟକ୍ତିଙ୍କ ତୁଳନାରେ ଜୋହରାନ୍ ନିଜକୁ ଜଣେ ଦକ୍ଷିଣ ଏସୀୟ ବୋଲି ସାଧାରଣରେ ପ୍ରକାଶ କରିବାକୁ ଦ୍ୱିଧା ପ୍ରକାଶ କରିନାହାନ୍ତି।

ତୃତୀୟ ତଥା ଉଲ୍ଲେଖନୀୟ ବିଷୟ ହେଉଛି, ଜୋହରାନ୍ ପାଲେଷ୍ଟିନୀୟଙ୍କ ଅଧିକାର ପାଇଁ କହୁଥିବାବେଳେ ଇସ୍ରାଏଲ୍‌ର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଛନ୍ତି। ଏପରିକି ନିର୍ବାଚନ ଦୌଡ଼ରେ ଜୋହରାନ୍ ତାଙ୍କର ଏଭଳି ଦୃଷ୍ଟିକୋଣକୁ କୋହଳ କରିବା କିମ୍ବା ସେଥିରୁ ପଛକୁ ହଟିବା ପାଇଁ ମନାକରିଦେବା ତାଙ୍କ ସାହସକୁ ଦର୍ଶାଏ। ବାସ୍ତବତା ହେଉଛି, ନ୍ୟୁୟର୍କ ଟାଇମ୍ସ ସମେତ ବହୁ ମିଡିଆ ଜୋହରାନ୍‌ଙ୍କୁ ଅନ୍ୟାୟଭାବେ ଭୟଙ୍କର ଆକ୍ରମଣ କରିବା ସତ୍ତ୍ୱେ ସେ ଆକର୍ଷଣୀୟ ବିଜୟ ହାସଲକଲେ। ଏହି ବିଜୟ ଦର୍ଶାଉଛି, ତାଙ୍କ ସାହସକୁ ନ୍ୟୁୟର୍କବାସୀ ସମ୍ମାନ ଦେଇଛନ୍ତି, ଗ୍ରହଣ ଓ ସମର୍ଥନ ମଧ୍ୟ କରିଛନ୍ତି। ତାଙ୍କ ସପକ୍ଷରେ ଏବେ କ୍ଲିଣ୍ଟନ୍, ବାଇଡେନ୍ କିମ୍ବା ଓବାମା ନାହାନ୍ତି, କାରଣ ଜୋହରାନ୍ ଯାହା କହୁଛନ୍ତି ଓ କରୁଛନ୍ତି ତାହାକୁ ସମର୍ଥନ କରିବାରେ ସେମାନଙ୍କର ଭୟ ରହିଛି। ଅତୀତରେ ବେର୍ନି ସାଣ୍ଡର୍ସଙ୍କ ଭଳି ଯେଉଁ ଡେମୋକ୍ରାଟ୍‌ମାନେ ସମାଜବାଦୀ ରାଜନୀତିକୁ ଉତ୍ସାହିତ କରିଛନ୍ତି, ସେମାନେ ପସନ୍ଦୀୟ ହେଲେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ଗୌଣ ହୋଇଯିବା ଦେଖାଯାଇଛି। କିନ୍ତୁ ଜୋହରାନ୍‌ଙ୍କ ବ୍ୟକ୍ତିତ୍ୱ ନିଆରା। ତାଙ୍କ ବିଜୟ ସୂଚାଉଛି ଯେ, ତାଙ୍କ ପାର୍ଟି ତାଙ୍କଠାରୁ କିଛି ଶିକ୍ଷାକରିବା ଦରକାର, କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍‌ଥାନ ପରେ ଡେମୋକ୍ରାଟ୍‌ମାନେ ଅବ୍ୟବସ୍ଥିତ ହୋଇଯାଇଛନ୍ତି ଓ ଦ୍ୱନ୍ଦ୍ୱରେ ରହିଛନ୍ତି। ନିକଟରେ ରିପବ୍ଲିକାନ୍‌ମାନେ ସରକାରଙ୍କ ତିନୋଟି ଶାଖା ହ୍ୱାଇଟ ହାଉସ, ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ ଏବଂ ସିନେଟ୍‌କୁ ନିୟନ୍ତ୍ରଣ କରିଛନ୍ତି। ଟ୍ରମ୍ପଙ୍କ ଅଧ୍ୟାୟକୁ ନେଇ ଡେମୋକ୍ରାଟ୍‌ଙ୍କ ପାଖରେ କୌଣସି ଠୋସ୍ ଜବାବ ନାହିଁ। ତେବେ ଆମେରିକୀୟ ଶ୍ରମିକ ଶ୍ରେଣୀଙ୍କ ପାଇଁ ଜୋହରାନ୍‌ଙ୍କ ସଶକ୍ତ ଓ ସ୍ପଷ୍ଟ ନୀତିଗୁଡ଼ିକ କ୍ଷମତାକୁ ଫେରିବା ପାଇଁ ଡେମୋକ୍ରାଟ୍‌ଙ୍କୁ ଏକ ରାଷ୍ଟ୍ରୀୟ ମାର୍ଗ ଦେଖାଇଛି। ପ୍ରକୃତରେ ଗାଜାରେ ଜାରି ରହିଥିବା ଗଣହତ୍ୟା ଯୋଗୁ ପାଲେଷ୍ଟାଇନ୍ ଘଟଣା ଉପରେ ଅଧିକାଂଶ ଆମେରିକୀୟଙ୍କ ଦୃଷ୍ଟିକୋଣ ବଦଳିଯାଇଛି। ଡେମୋକ୍ରାଟିକ୍ ପାର୍ଟିରେ ସ୍ୱର ନିଷ୍ପ୍ରଭ ହୋଇରହିଥିବା ଏହି ସଂଖ୍ୟାବହୁଳଙ୍କର ପ୍ରତିନିଧିତ୍ୱ କରିଛନ୍ତି ଜୋହରାନ୍। ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ଯଦି ସେ ଜିତିବାକୁ ସକ୍ଷମ ହୁଅନ୍ତି ଏବଂ ପରେ କମ୍ ସମୟରେ ତାଙ୍କ ନୀତିଗୁଡ଼ିକ କାର୍ଯ୍ୟକାରୀ କରିବାରେ ସକ୍ଷମ ହୁଅନ୍ତି, ତେବେ ତାଙ୍କ ଦଳ ତାଙ୍କ କଥାକୁ ବିଚାର କରିବ, ତାଙ୍କୁ ଅଧିକ ସମର୍ଥନ ଦେବ। ତେବେ ଆମେରିକାରେ ଆସନ୍ତା ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍‌ଙ୍କ ପାଖରେ ଏବେ ଜଣେ ଭାରତୀୟ ବା ଦେଶୀ ହିରୋ ଅଛନ୍ତି, ଯିଏ ସେମାନଙ୍କୁ ଶିକ୍ଷା ଦେବେ କେଉଁ ପ୍ରସଙ୍ଗରେ କେମିତି ଲଢ଼ିବାକୁ ହେବ।

Email:aakar.patel@gmail.com

# ବିପଦରେ ଶ୍ରମିକଙ୍କ ଅଧିକାର



ଡ. ସନ୍ତୋଷ କୁମାର ମହାପାତ୍ର

ଦେଶର ୬୦ କୋଟି ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୧୦% ସଂଗଠିତ ଓ ଅବଶିଷ୍ଟ ୯୦% ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଚାକିରି ଅସୁରକ୍ଷିତ ଏବଂ ନିର୍ଦ୍ଦିଷ୍ଟ ମଜୁରି, ସାମାଜିକ ସୁରକ୍ଷା, ପେନ୍‌ସନ୍ ଆଦିର ସେପରି ସୁଯୋଗ ନ ଥାଏ। ସଂଗଠିତ କ୍ଷେତ୍ରର ଶ୍ରମିକଙ୍କଙ୍କ କ୍ଷେତ୍ରରେ ଏହି ସୁବିଧା ଥିଲାବେଳେ ତାହା ଆଜିର ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ଯୁଗରେ ବିପନ୍ନ ହେବାକୁ ବସିଛି। ଶ୍ରମିକଙ୍କ ସ୍ୱାର୍ଥ, ଅଧିକାର ଆଜି ବିପନ୍ନ ହୋଇଥିଲାବେଳେ ପେନ୍‌ସନ ସୁନିଶ୍ଚିତ ନୁହେଁ। ସାମାଜିକ ନ୍ୟାୟ ବିପନ୍ନ।

ଘରୋଇକରଣ ପ୍ରକ୍ରିୟା ଆହୁରି ଚାକିରିର ନିରାପତ୍ତା ବିପନ୍ନ କରିଛି। ଠିକା ଶ୍ରମିକ ବ୍ୟବସ୍ଥା, ଗିଗ ଅର୍ଥନୀତିର ବୃଦ୍ଧି, ଶ୍ରମିକଙ୍କ ବଦଳରେ ଯନ୍ତ୍ରପାତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ପୁଞ୍ଜିର ବହୁଳ ବ୍ୟବହାର ଯୋଗୁ ଶ୍ରମିକମାନେ ଅଧିକ କ୍ଷତିଗ୍ରସ୍ତ ଓ ଶୋଷିତ ହେଉଛନ୍ତି, କର୍ମସଂସ୍ଥାନ ହରାଉଛନ୍ତି, ବେକାରି ବୃଦ୍ଧି ପାଉଛି। ଅପରପକ୍ଷରେ ଶିଳ୍ପପତିମାନେ ପ୍ରଚୁର ଲାଭର ପାହାଡ଼ ସୃଷ୍ଟି କରୁଛନ୍ତି। ପୁଞ୍ଜି କେବଳ ଶ୍ରମ–ଶକ୍ତିକୁ ଶୋଷଣ କରିବାକୁ ଚେଷ୍ଟା କରେ ନାହିଁ, ବରଂ ବିକାଶ ପ୍ରକ୍ରିୟାରେ ଏହାର ଅବଦାନକୁ ମଧ୍ୟ ଅଣଦେଖା କରେ। ପୁଞ୍ଜିପତିମାନେ ସେହି ପ୍ରକ୍ରିୟାରେ ଶ୍ରମିକଙ୍କ ଅବଦାନକୁ ଲୁଚାଇବାକୁ ଚାହାନ୍ତି। ଅପରପକ୍ଷରେ ଶ୍ରମିକମାନେ ସେମାନଙ୍କର ଅବଦାନକୁ ସମ୍ପୂର୍ଣ୍ଣ ସ୍ୱୀକୃତି ପାଇବାକୁ ଚେଷ୍ଟା କରନ୍ତି, ଯାହା ଆନ୍ଦୋଳନର ରୂପ ନିଏ।

ବାସ୍ତବରେ ଶିଳ୍ପପତି, ପୁଞ୍ଜିପତି କେବଳ ସମ୍ପଦ ସୃଷ୍ଟିକାରୀ ନୁହନ୍ତି, ବରଂ ଶ୍ରମିକମାନେ ସମ୍ପଦର ପ୍ରକୃତ ସୃଷ୍ଟିକର୍ତ୍ତା। କିନ୍ତୁ ଶ୍ରମିକଙ୍କ ସ୍ୱାର୍ଥ କ୍ୱଚିତ ସୁରକ୍ଷିତ। ପ୍ରକୃତରେ ଶ୍ରମିକମାନଙ୍କ ବାସ୍ତବ ମଜୁରି (ନାମମାତ୍ର ମଜୁରି ମୁଦ୍ରାସ୍ଫୀତି) ଶ୍ରମିକଙ୍କ କଲ୍ୟାଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚକାଙ୍କ ମଧ୍ୟରୁ ଗୋଟିଏ। ଯଦି ଦେଶର ଜିଡିପି ବୃଦ୍ଧି ସହିତ ପ୍ରକୃତ ମଜୁରି ବୃଦ୍ଧି ନ ପାଏ କିମ୍ବା ସମୟ ବିତିବା ସହିତ ବାସ୍ତବ ମଜୁରିରେ କୌଣସି ଯଥେଷ୍ଟ ବୃଦ୍ଧି ନ ପାଏ, ତେବେ ଶ୍ରମିକମାନେ ଶୋଷିତ ବୋଲି ଧରାଯାଏ। ଆଜି ଭାରତୀୟ ଅର୍ଥନୀତିରେ ଠିକ୍ ଏହା ଘଟୁଥିବା ପରି ମନେ ହେଉଛି। ବାସ୍ତବ ମଜୁରିରେ ଅଭୂତପୂର୍ବ ହ୍ରାସ ପାଇଛି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ମଜୁରି ସଙ୍କଟକୁ ଘୋଡାଇ ଦେଉଛି। ୨୦୨୫ ମସିହାର ଅର୍ଥନୈତିକ ସର୍ଭେ ଅନୁଯାୟୀ, ଭାରତର ଅଭିବୃଦ୍ଧି ସତ୍ତ୍ୱେ, ପୁରୁଷମାନଙ୍କ ବାସ୍ତବ ମଜୁରି ହ୍ରାସ ପାଇଛି, ଯାହା ଅସମାନତାକୁ ବୃଦ୍ଧି କରୁଛି। ମୁଦ୍ରାସ୍ଫୀତି ଯୋଗୁ ମଧ୍ୟ କ୍ରୟ ଶକ୍ତି ହ୍ରାସ ଘଟୁଛି ଏବଂ ସମ୍ପଦର ସୁଷମ ବଣ୍ଟନ ନ ହେବା ଯୋଗୁ ଆର୍ଥିକ ଅସମାନତା ବୃଦ୍ଧି ପାଉଛି। ୨୦୨୩–୨୪ ମସିହାରେ ପୁରୁଷ ବେତନଭୋଗୀ ଶ୍ରମିକଙ୍କ ପ୍ରକୃତ ମାସିକ ମଜୁରି ୨୦୧୭–୧୮ ତୁଳନାରେ ୬.୪% କମ୍ ଥିଲା, ଯାହା କ୍ରୟ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦର୍ଶାଉଛି। ଆତ୍ମନିଯୁକ୍ତି ପୁରୁଷଙ୍କ ପାଇଁ ସମାନ ସମୟ ମଧ୍ୟରେ ବାସ୍ତବ ଆୟ ୯.୧% ହ୍ରାସ ପାଇଛି। ଗ୍ରାମୀଣ ଭାରତରେ ଏହି ସଙ୍କୋଚନ ଆହୁରି ସ୍ପଷ୍ଟ।



ପୁଞ୍ଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥସାଧନ ପାଇଁ ଶାସକ ଶ୍ରେଣୀ ଅଧିକ ଗୁରୁତ୍ୱ ଦେଲାବେଳେ ଶ୍ରମିକ ଓ କର୍ମଚାରୀଙ୍କ ଅଧିକାର କ୍ଷୁଣ୍ଣ କରିବା ସହ ଶୋଷଣ ବିରୋଧରେ ପ୍ରତିବାଦ କରିବାର ସେମାନଙ୍କ ଅଧିକାରକୁ ଦୁର୍ବଳ କରୁଛନ୍ତି। ଦୈନିକ କାର୍ଯ୍ୟ ନିର୍ଘଣ୍ଟକୁ ବୃଦ୍ଧି କରାଯାଉଛି। ଇଂରେଜ ଶାସନ କାଳରୁ ଆଜିଯାଏ କର୍ମଚାରୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସମୁଦାୟ ୪୪ଟି ଶ୍ରମ ଅଧିନିୟମରୁ ୧୫ଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ବାକି ୨୯ଟି ଅଧିନିୟମକୁ କେନ୍ଦ୍ର ସରକାର ଶିଳ୍ପପତି, ନିଯୁକ୍ତିଦାତାଙ୍କୁ ସୁହାଇଲା ଭଳି ୪ଟି ଶ୍ରମ ସହିଂତାରେ ପରିଣତ କରିସାରିଛନ୍ତି। ସେଗୁଡିକ ହେଉଛି 'ମଜୁରି ସଂହିତା ୨୦୧୯'; 'ଔଦ୍ୟୋଗିକ ସମ୍ପର୍କ ସଂହିତା ୨୦୨୦' ;'ସାମାଜିକ ସୁରକ୍ଷା ସଂହିତା ୨୦୨୦'; ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା ୨୦୨୦। ଯାହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ଏବଂ ସେମାନେ ଆନ୍ଦୋଳନ ଭିତରକୁ ଯାଉଛନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ଦୈନିକ ୮ ଘଣ୍ଟା କାର୍ଯ୍ୟ ଦିବସକୁ ଅନୁମୋଦନ କରିଥିଲା, ଯାହା ବିଶ୍ୱ ଶ୍ରମ ଆନ୍ଦୋଳନର ଗୁରୁତ୍ୱକୁ ଦୃଢ଼ କରିଥିଲା।

ଭାରତର କାରଖାନା ଆଇନ ୧୯୪୮ ଅନୁଯାୟୀ ପ୍ରତି ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟରେ ସୀମିତ କରିବା ସତ୍ତ୍ୱେ, ସହରାଞ୍ଚଳରେ ଅନେକ କର୍ମଚାରୀ ପ୍ରାୟତଃ ପର୍ଯ୍ୟାପ୍ତ କ୍ଷତିପୂରଣ ବିନା ଅଧିକ ସମୟ କାମ କରନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଶ୍ରମ ଆଇନଗୁଡ଼ିକ ସର୍ବଦା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରାଯାଏ ନାହିଁ, ଯାହା ଫଳରେ ସେମାନେ ଶୋଷଣର ଶିକାର ହୁଅନ୍ତି। ଦୁର୍ଭାଗ୍ୟବଶତଃ, ନିଯୁକ୍ତିଦାତାଙ୍କ ଲାଭ ବୃଦ୍ଧି କରିବା ପାଇଁ ସପ୍ତାହକୁ ୪୮ ଘଣ୍ଟାରୁ ୭୦ ଘଣ୍ଟା ପର୍ଯ୍ୟନ୍ତ, ଏପରିକି ୯୦ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ସମୟ ବୃଦ୍ଧି କରିବା ବିଷୟରେ ଆଲୋଚନା ହେଉଛି। ନୂତନ ଭାରତୀୟ ଶ୍ରମ ସଂହିତା ୪–ଦିନର କାର୍ଯ୍ୟ ସପ୍ତାହକୁ ଅନୁମତି ଦିଏ, କିନ୍ତୁ ସର୍ବାଧିକ ପୂର୍ବପରି ୪୮ ଘଣ୍ଟାର ସାପ୍ତାହିକ କାର୍ଯ୍ୟନିର୍ଘଣ୍ଟ ପୂରଣ କରିବା ପାଇଁ ଦୈନିକ ୧୨–ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡ଼ିବ। ପ୍ରକୃତରେ ଶିଳ୍ପପତି ୪ ଦିନର କାର୍ଯ୍ୟ ସପ୍ତାହ ନୁହେଁ ବରଂ ୬ଦିନ ଅର୍ଥାତ ୭୨ ଘଣ୍ଟା କାର୍ଯ୍ୟ କରିବାକୁ ଶ୍ରମିକମାନଙ୍କୁ ବାଧ୍ୟ କରିବେ।

ପୁନଶ୍ଚ ଆଉ ଦୈନିକ ୩ଟା ସିଫ୍ଟ ନରହି ୨ଟା ସିଫ୍ଟ ହେବ ଏବଂ ଅଧିକାଂଶ ନିଯୁକ୍ତି ବା କର୍ମ ସଂସ୍ଥାନ ହରାଇବେ। ସପ୍ତାହରେ ୬ ଦିନ ବା ୪ ଦିନ କାର୍ଯ୍ୟ କରିବା ଯେତିକି ଚିନ୍ତାଜନକ ନୁହେଁ ଦୈନିକ ୧୨ ଘଣ୍ଟା କାର୍ଯ୍ୟ କଲେ, ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ। ମହିଳାମାନଙ୍କ ଜୀବନ ବିପର୍ଯ୍ୟସ୍ତ ହେବ। ବୈବାହିକ ତଥା ପାରିବାରିକ ଜୀବନରେ ଝଡ଼ଝଞ୍ଜା ଆସିବ । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ମିଳିତ ଅଧ୍ୟୟନ ଅନୁଯାୟୀ, ଓଭର୍‌ଟାଇମ ସହିତ ଜଡିତ ମୃତ୍ୟୁ ଭାରତରେ ପ୍ରାୟ ସର୍ବାଧିକ। ଏହି ସମୟରେ ଗୁଜରାଟ ସରକାର କାରଖାନା କାର୍ଯ୍ୟ ଆଇନରେ ସଂଶୋଧନ କରିଛନ୍ତି। ମହିଳାମାନଙ୍କ ପାଇଁ ୧୨ ଘଣ୍ଟା ସିଫ୍ଟ ଏବଂ ରାତି ଡ୍ୟୁଟିକୁ ଅନୁମତି ଦେଇଛନ୍ତି। ଏହି ପଦକ୍ଷେପ କାରଖାନା (ଗୁଜରାଟ ସଂଶୋଧନ) ଅଧ୍ୟାଦେଶ, ୨୦୨୫ର ଏକ ଅଂଶ, ଯାହାକୁ ରାଜ୍ୟ ବିଧାନସଭା ଅଧିବେଶନ ଅନୁପସ୍ଥିତିରେ ଶ୍ରମ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ବିଭାଗ ଦ୍ୱାରା ୧ଜୁଲାଇରେ ଜାରି କରାଯାଇଥିଲା। ପୁନଶ୍ଚ ନୂତନ ଶ୍ରମ ସଂହିତା ଅନୁସାରେ ଦୈନିକ ମଜୁରି ପ୍ରଦାନ ବ୍ୟବସ୍ଥା ବଦଳରେ ଘଣ୍ଟା ପ୍ରତି ମଜୁରି ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବର୍ତ୍ତମାନ କାମ ସମ୍ପୂର୍ଣ୍ଣ ଦିନର ହୋଇନଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦିନ ପାଇଁ ମଜୁରି ଦେବାକୁ ପଡୁଛି। ତେବେ ଏବେ ନିଯୁକ୍ତିଦାତା ଘଣ୍ଟା ହିସାବରେ ଅଳ୍ପ ମଜୁରି ଦେଇ ଅଧିକ କାମ କରାଇପାରିବେ। ପରୋକ୍ଷରେ ଶୋଷଣ କରିବେ।

ସେହିପରି ସ୍ଥାୟୀ ନିଯୁକ୍ତି ବଦଳରେ ଏକ ନିର୍ଦ୍ଦିଷ୍ଟ ଅବଧି ଯଥା ୧ ବା ୨ ବା ୪ ବର୍ଷ ପାଇଁ ନିଯୁକ୍ତି ପ୍ରଦାନ କରାଯିବ। ଏହାର ବାର୍ଷିକ ନବୀକରଣ ନିଯୁକ୍ତିଦାତାଙ୍କ ଇଚ୍ଛା ଉପରେ ନିର୍ଭର କରିବ। ଏହା ଶ୍ରମିକଙ୍କୁ ସଂଗଠିତ ହେବା ଏବଂ ନିଜ ଦାବି ପାଇଁ ଆନ୍ଦୋଳନ କରିବାରୁ ନିବୃତ୍ତ କରିବ। ଚାକିରି ହରାଇବା ଭୟ ସର୍ବଦା ଘାରିବ। ପୁନଶ୍ଚ ଆଗରୁ ୧୦୦ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଥିବା ଏକ ସଂସ୍ଥା ବନ୍ଦ କରିବା ପାଇଁ ମାଲିକଙ୍କୁ ସରକାରଙ୍କ ଅନୁମତି ଆବଶ୍ୟକ ପଡୁଥିଲା। କିନ୍ତୁ ସେହି ସୀମାକୁ ୩୦୦କୁ ବୃଦ୍ଧି କରାଯାଇଛି। ଫଳସ୍ୱରୂପ ୬୦% ବ୍ୟବସାୟିକ ପ୍ରତିଷ୍ଠାନ ଶ୍ରମ ଆଇନ ପରିସର ବାହାରେ ରହିବ। ନୂତନ ନିୟମରେ ବନ୍ଦ ପାଇଁ କୌଣସି କ୍ଷତିପୂରଣ ଉଲ୍ଲେଖ କରାଯାଇ ନାହିଁ। ପୁନଶ୍ଚ ବର୍ତ୍ତମାନ ଧର୍ମଘଟ ପୂର୍ବରୁ ୧୪ ଦିନର ନୋଟିସ ଅବଧି ଆବଶ୍ୟକ, ଯାହାକୁ ୬୦ ଦିନକୁ ବୃଦ୍ଧି କରାଯାଇଛି। ଏହା ଯୋଗୁ ସାମୂହିକ ମୂଲଚାଲ ଅଧିକାର ଏକ ସ୍ୱପ୍ନ ହୋଇରହିଯିବ। ଶ୍ରମିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ଏବଂ ନ୍ୟାଯ୍ୟ ଦାବି ପାଇଁ ସେମାନଙ୍କର ଧର୍ମଘଟ କରିବାର ଶକ୍ତି ଏବଂ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିବ।

ମୋ:୯୪୩୭୨୦୮୭୬୨

# ତ୍ରୁଟି ସଂଶୋଧନ



ଦେବେନ୍ଦ୍ର କର

ତ୍ରୁଟି ଏକ କ୍ଷୁଦ୍ର ଶବ୍ଦ ହେଲେ ମଧ୍ୟ ଏହାର ଅର୍ଥ ବ୍ୟାପକ। ତ୍ରୁଟି ମଧ୍ୟରେ ଲୁକ୍କାୟିତ ରହିଛି ଆମ ଦୋଷ, ଦୁର୍ବଳତା ଓ ଅକ୍ଷମତା। ତ୍ରୁଟି ଆମକୁ ତର୍ଜମା କରିବାକୁ ଏକ ସୁଯୋଗ ପ୍ରଦାନ କରେ। ଆମେ ଚାହିଁଲେ ନିଜ ତ୍ରୁଟିକୁ ଲୁଚାଇ ମୁହଁ ଟାଣକରି ଯୁକ୍ତି ବାଢ଼ିପାରିବା ଆଉ ଚାହିଁଲେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା। ଉଭୟ ଆମ ଉପରେ ନିର୍ଭର। ବିବେକୀ ଦାୟିତ୍ୱବାନ୍ ଲୋକଟି ନିଜ ଦୋଷତ୍ରୁଟି ଦେଖିଲେ ସଙ୍ଗେ ସଙ୍ଗେ ନୀରବି ଯାଏ ଆଉ ଅବିବେକୀ ଅଳସୁଆ ଲୋକଟି ପ୍ରମାଣ ମାଗିବା ସହିତ ଉଚ୍ଚ ସ୍ୱରରେ ଯୁକ୍ତି ବାଢ଼େ। ଏ ଦୁନିଆରେ ସମ୍ପୂର୍ଣ୍ଣ ନିର୍ଭୁଲ ମଣିଷ ମିଳିବା ଆଦୌ ସମ୍ଭବ ନୁହେଁ କାରଣ ମଣିଷ ମାତ୍ରକେ ଭୁଲ୍। ତ୍ରୁଟିକୁ ସ୍ୱୀକାର ସତ୍ୟତାର ମାର୍ଗ ଆଉ ତ୍ରୁଟି ଲୁଚାଇବା ମିଥ୍ୟାର ମାର୍ଗ। ପ୍ରତ୍ୟେକ ଘଟଣା ଦୁର୍ଘଟଣା ପଛରେ କିଛି ନା କିଛି ତ୍ରୁଟି ରହିଥାଏ। ସମୟ ପୂର୍ବରୁ ସଂଶୋଧନ କରିନେଲେ ବଡ଼ ବିପତ୍ତି ଟଳି ଯାଏ । ଅନେକ ସମୟରେ ଆମେ ଅଘଟଣା ପୂର୍ବର ଆଭାସ ପାଇ ସୁଦ୍ଧା ଅଣଦେଖା କରିଦେଉ ଆଉ ଏହାର ପରିଣାମ ଆଖି ସାମ୍ନାରେ ରୂପାନ୍ତରିତ ହୋଇଯାଏ ସ୍ୱଳ୍ପ ସମୟରେ। ତ୍ରୁଟିକୁ ଅବିଳମ୍ବେ ସ୍ୱୀକାର କରୁଥିବା ବ୍ୟକ୍ତି ଦାୟିତ୍ୱବାନ୍ ଓ କର୍ତ୍ତବ୍ୟପରାୟଣର ପରିଚୟ ଦିଏ। ଭୁଲ୍ ହେବ ପୁଣି ଠିକ୍ କରାଯିବ। ଜୀବନର ଏହା ଏକ ନିରନ୍ତର ପ୍ରକ୍ରିୟା। ଆବଶ୍ୟକସ୍ଥଳେ ବଡ଼ ଗୁରୁଜନ ଓ ପୁରୁଖା ଲୋକଙ୍କ ପରାମର୍ଶ ଜରୁରୀ ହୁଏ। ଯେପରି ଆଗାମୀ ଦିନରେ ସେଇ ସମାନ ଭୁଲ୍‌ର ପୁନରାବୃତ୍ତି ନ ଘଟେ ସେଥି ଲାଗି ପ୍ରୟାସ କରିବାକୁ ହୁଏ। ନିଜ ତ୍ରୁଟିକୁ ଯିଏ ସ୍ୱୀକାର କରେ ଓ ନିରାକରଣ କରେ ସେ ହୁଏ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ଯିଏ ପାଲଟା ଦୋଷ ଲଦେ ଆଉ ନିଜ ଦୋଷ ତ୍ରୁଟିକୁ ଘୋଡ଼ାଏ ସେ କଦାପି ଜୀବନରେ ସଫଳ ହୋଇ ପାରେନି। ନିଜ ତ୍ରୁଟିର ଅନ୍ୟ କେହି ନୁହେଁ ବରଂ ନିଜେ ହିଁ ଏହାର ସମାଧାନ ଦିଗରେ ଯତ୍ନବାନ୍ ହେବା ବଡ଼ କଥା। ମୂଳ କଥା ହେଲା ନିଜ ତ୍ରୁଟିରୁ ତୁମେ କ'ଣ ଶିକ୍ଷା ପ୍ରାପ୍ତ କଲ। ସେଇ ଶିକ୍ଷାରୁ ଆଗାମୀ କାଲି ପାଇଁ ଏକ ସହଜ, ସରଳ ଆଉ ସୁନ୍ଦର ସୂତ୍ର ମିଳିପାରିବ। ଏ ଦୁନିଆରେ ତିନି ପ୍ରକାର ଲୋକ ଅଛନ୍ତି। ଜଣେ ଯିଏ ବହୁ ବୁଝିଲାବାଲା, ଆଉ ଜଣେ ବୁଝିଲାବାଲା, ଆଉ ଜଣେ ଯିଏ ମୂର୍ଖ। ବହୁ ବୁଝିଲାବାଲା ଅନ୍ୟର ଦୋଷ ତ୍ରୁଟି ଦେଖି ନିଜକୁ ଆଗୁଆ ସଂଶୋଧନ କରେ, ଆଉ ବୁଝିଲାବାଲା ନିଜ ଭୁଲ୍‌ରୁ ଶିକ୍ଷା ପାଇ ଆଉ ନ ଦୋହରାଇବାକୁ ତତ୍ପର ହୁଏ। ଆଉ ଶେଷରେ ମୂର୍ଖ ଯିଏ ନା ନିଜ ଦୋଷ ତ୍ରୁଟିରୁ କିଛି ଶିଖେ ନା ଅନ୍ୟର। କେବଳ ଅବାନ୍ତର ଯୁକ୍ତିରେ ତା' ସମୟ ବିତେ। ତ୍ରୁଟି ଆମ ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟ ହେବ ଏଥିଲାଗି ଲୋଡ଼ା କେବଳ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କରିବାର ସତ୍‌ସାହସ। କିଏ



କ'ଣ କହିଲା ନ କହିଲା ସେଆଡ଼େ କାନ ଡେରିବାର ନାହିଁ। ବଡ଼ବଡ଼ ସମସ୍ୟା ବି ସତ୍ ସାହସ ଆଗରେ ହାର୍ ମାନିଯିବ ଏଥିରେ ଆଦୌ ଦ୍ୱିମତ ନାହିଁ।

ଗୋଟେ ମନ୍ଦିରରେ ଜଣେ ବୟୋଜ୍ୟେଷ୍ଠ ପୂଜକ ଥିଲେ। ମନ୍ଦିରର ଦୈନନ୍ଦିନ ପୂଜାପାଠ ନୀତିକାନ୍ତି ନିୟମରେ ସେ ନିଷ୍ଠା ରଖୁଥିଲେ। ଏଣୁ ଭକ୍ତ ଓ ଆଖପାଖ ଲୋକଙ୍କର ତାଙ୍କ ପ୍ରତି ଗଭୀର ଆସ୍ଥା ବିଶ୍ୱାସ ଥିଲା। ବୟସ ବଢିବାରୁ ମନ୍ଦିର ଦାୟିତ୍ୱ ତୁଲାଇବା ତାଙ୍କ ପକ୍ଷେ କଷ୍ଟକର ହେଲା। ଏଣୁ ସେ ଜଣେ ଯୁବ ପୂଜକଙ୍କୁ ଦାୟିତ୍ୱ ଦେଇ ବିଶ୍ରାମ ନେବାକୁ ସ୍ଥିର କଲେ। ମନ୍ଦିରକୁ ମାତ୍ର ସ୍ୱଳ୍ପ ସମୟ ପାଇଁ ଆସିଲେ। ଯୁବ ପୂଜକ ଖୁବ୍ ମନ ଲଗେଇ ସବୁ କାମ କଲେ। ନୂଆ ନୂଆ ଯୁବକଙ୍କ କାମ ଦେଖି ବୃଦ୍ଧ ପୂଜକ ବହୁତ ପ୍ରଶଂସା କଲେ ଆଉ ନିଶ୍ଚିତ ହେଲେ ସେ ଦାୟିତ୍ୱବାନ ଓ ସଚ୍ଚୋଟ ମଧ୍ୟ।

ଏପଟେ ଯୁବ ପୂଜକ ସୁଯୋଗର ଅପବ୍ୟବହାର କରିବାକୁ ଲାଗିଲେ। ଧୂପ, ଫୁଲ, ଭୋଗ ସାମଗ୍ରୀ ମୂଲ୍ୟ ବଢ଼େଇ ଦେଲେ। ଦାନ ଦକ୍ଷିଣା ଆଡ଼କୁ ତାଙ୍କର ଖୁବ୍ ଧ୍ୟାନ ରହିଲା। ମନ୍ଦିରର ଯତ୍ନ ପରିଷ୍କାର ଆଗପରି ଆଉ ନିୟମିତ ହେଲା ନାହିଁ। ଧୀରେ ଧୀରେ ଠାକୁରଙ୍କ ନୀତିକାନ୍ତିରେ ବ୍ୟତିକ୍ରମ ଘଟିଲା। ଭକ୍ତ ଅସନ୍ତୁଷ୍ଟ ହେଉଥିଲେ ବି ମୁହଁ ଖୋଲିଲେ ନାହିଁ। ଦିନେ ଯୁବ ପୂଜକଙ୍କ ହାତଘଣ୍ଟା କେଉଁଠି ହଜିଗଲା। ଆଖପାଖ ଲୋକଙ୍କ ଉପରେ ମିଥ୍ୟା ଆକ୍ଷେପ କରି ଗାଳିମନ୍ଦ କଲେ। ବୃଦ୍ଧ ପୂଜକ ତାଙ୍କୁ ବୁଝାଇଲେ ଜିନିଷ ହଜିବାର ମୂଳ କାରଣ ତୁମ ଅସାବଧାନତା। ତ୍ରୁଟି ପ୍ରଥମେ ନିଜ ପାଖରୁ ଦେଖିବାକୁ ହୁଏ। ନିଜ ଦୋଷ ତ୍ରୁଟି ସୁଧାରେ ଆଉ ନିଜକୁ ବଦଳାଏ ଦେଖିବ ସବୁ ଠିକ୍ ହେବ। ବୃଦ୍ଧ ପୂଜକଙ୍କ ଉପଦେଶଗୁଡ଼ିକ ତାଙ୍କ ଉପରେ ଆଦୌ ପ୍ରଭାବ ପକାଇଲା ନାହିଁ। ସେ ତାଙ୍କର ଇଚ୍ଛାରେ କାମ କରୁଥାନ୍ତି। ଆଉ ଦିନେ ଯୁବ ପୂଜକଜଣଙ୍କ ମନ୍ଦିର ପାହଚ ଓହ୍ଲେଇଲା ବେଳେ ପାଦ ଖସିଗଲା ଆଉ ତାଙ୍କ ଗୋଡ଼ମାଡ଼ ହେଲା। ଡାକ୍ତର କହିଲେ ଗୋଡ଼ହାଡ଼ ଭାଙ୍ଗିଛି ପ୍ଲାଷ୍ଟର କରି ଗୋଟେ ମାସ ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ହେବ। ବୃଦ୍ଧ ପୂଜକଙ୍କୁ ପୁନର୍ବାର ମନ୍ଦିର କାମରେ ଯୋଗ ଦେବାକୁ ପଡ଼ିଲା। କିଛିଦିନ ପରେ ଦିନେ ବୃଦ୍ଧ ପୂଜକ ଯୁବକଙ୍କ ହାଲଚାଲ ବୁଝିବାକୁ ତାଙ୍କ ଗୃହକୁ ଗଲେ। ଯୁବକ ଧୀରେ ଧୀରେ ସୁସ୍ଥ ହେଉଥିଲେ। ବୃଦ୍ଧ ପୂଜକ କହିଲେ ମୁଁ ଆଗରୁ କହିଥିଲି ଏବେ ବି କହୁଛି ତୁମ ନୀତି ନିୟମରେ କେଉଁଠି ତ୍ରୁଟି ରହିଛି। ଯାହା ଲାଗି ଆଜି ଏଭଳି ସମୟର ସାମ୍ନା ହେଲା। ତୁମ ଘଡ଼ି ହଜିବା ଆଉ ଆଜିଏ ଅବସ୍ଥା ଏ ସବୁ ତୁମ ତ୍ରୁଟିର କାରଣ। ଭଗବାନ୍‌ଙ୍କୁ ଧନ୍ୟବାଦ ଦିଏ ଯେ ତୁମ ସହିତ ସେପରି କିଛି ବଡ଼ ଅଘଟଣ ଘଟି ନାହିଁ। ଯଥାଶୀଘ୍ର ନିଜକୁ ସଂଶୋଧନ କର ଆଉ ଆଗାମୀ କାଲି ପାଇଁ ପ୍ରସ୍ତୁତ ରୁହ। ମନୁଷ୍ୟ ପାଖରେ ବୁଦ୍ଧି, ଜ୍ଞାନ ଓ କ୍ଷମା ସାଇତା ହୋଇଥାଏ, ନିଜ ବିବେକକୁ ପଚାରି କର୍ମ କଲେ ପ୍ରମାଦ ନ ପଡ଼େ କେବେ। ଯୁବକ ଜଣଙ୍କ ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କଲେ ଆଉ ବୃଦ୍ଧ ପୂଜକଙ୍କ ନିକଟରେ କ୍ଷମାପ୍ରାର୍ଥନା କଲେ।

ମଙ୍ଗଳାବାଗ, ନିୟୋଗି କଲୋନି, କଟକ,
ମୋ: ୯୯୩୭୯୬୩୯୧୦

## ଏଇ ଭାରତରେ

ସମସ୍ତେ ଜାଣନ୍ତି ମହୁଲ ଫୁଲ କେବଳ ମହୁଲି ପାଇଁ। ଝାଡ଼ଖଣ୍ଡର ବୋକାରୋ ଜିଲା ଉଦ ମାଝଲିତଣ୍ଡ, ଗାଁରେ ଆଉ ମହୁଲ ଫୁଲରୁ ମହୁଲି ପ୍ରସ୍ତୁତ ହେଉନି, ବରଂ ସେଥିରୁ ଲଡ୍ଡୁ, କୁକିଜ ଓ ଆଚାର ତିଆରି ହେଉଛି। ଗ୍ରାମବାସୀ ଗ୍ରାମସଭା ମାଧ୍ୟମରେ ଏଭଳି ନିଷ୍ପତ୍ତି ନେଇ ନିଜର ତଥା ପିଲାମାନଙ୍କ ଭବିଷ୍ୟତ ପାଇଁ ପଦକ୍ଷେପ ନେଇଛନ୍ତି। ଦିନଥିଲା ଏହି ଗାଁରେ ମହୁଲ ଫୁଲ ସଂଗ୍ରହକୁ ନେଇ ଝଗଡ଼ା ହେଉଥିଲା, କିନ୍ତୁ ଏବେ ଏହି ଗଛର ସୁରକ୍ଷା ଓ ତା' ଫୁଲର ସଦ୍‌ବ୍ୟବହାରରେ ସେମାନେ ଏକତା ଭାବ ପ୍ରଦର୍ଶନ କରିବା ସହ ନିଯୁକ୍ତି ସୃଷ୍ଟି କରିପାରିଛନ୍ତି। ଗାଁରେ ଆର୍ଥିକ ସମୃଦ୍ଧି ଆଣିପାରିଛନ୍ତି। ଗ୍ରାମବାସୀଙ୍କୁ ଏହି ପଥ ଦେଖାଇବାରେ ସ୍ଥାନୀୟ ଏନ୍‌ଜିଓ ସାମ୍ବାଦ ମୁଖ୍ୟ ଭୂମିକା ନେଇଛି। ଗାଁର ସୀମାରେ ଥିବା ପାଖାପାଖି ୧୨,୮୦୦ ମହୁଲ ଗଛକୁ ପରିବାର ମଧ୍ୟରେ ବାଣ୍ଟି ଦିଆଯାଇଛି। ପ୍ରତି ପରିବାର ସେହିସବୁ ଗଛରୁ ଫୁଲ ସଂଗ୍ରହ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ କୌଣସି ବିବାଦ ଉପୁଜୁନାହିଁ। ସେମାନେ ଫୁଲ ସଂଗ୍ରହ କରିବା ପରେ ଏନ୍‌ଜିଓ ମାଧ୍ୟମରେ ସେଥିରୁ ଲଡ୍ଡୁ, କୁକିଜ ଓ ଆଚାର ପ୍ରସ୍ତୁତ କରି ରୋଜଗାର ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଜୁଲାଇ ୧୯୭୬

- ଭିଏତ୍‌ନାମର ମୁକ୍ତିଦାତା ତଥା ସ୍ୱର୍ଗତ ରାଷ୍ଟ୍ରପତି ହୋ–ଚି–ମିନ୍‌ଙ୍କ ସମ୍ମାନାର୍ଥେ ସାଇଗନ୍ ସହରକୁ ସରକାରୀ ଭାବେ 'ହୋ–ଚି–ମିନ୍ ନଗରୀ' ରୂପେ ନାମିତ କରାଯାଇଛି।
- ଭାରତୀୟ ତୁଳା କର୍ପୋରେସନ ହଂକଂ ଓ ବ୍ୟାଙ୍କକ୍‌କୁ ୪ କୋଟି ୭୪ ହଜାର ଟଙ୍କା ମୂଲ୍ୟର ୩୦ ହଜାର ଗାଣ୍ଠି ତୁଳା ରପ୍ତାନି କରିଛି।
- କେନ୍ଦ୍ର ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ ୫୦ ଜଣ ତରୁଣତର ଶିଳ୍ପୀଙ୍କୁ ମାସିକ ବୃତ୍ତି ଦେବା ନିମନ୍ତେ ଚୟନ କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 6 | | 2 | | |
| 1 | | | 2 | | | | | 9 |
| | | | 1 | | | | | |
| | | 6 | 3 | | | | | |
| | | | 5 | | | | 6 | |
| 2 | | | | | | 8 | 7 | |
| | 2 | 1 | | | 3 | 4 | | 5 |
| | | 5 | | 1 | | | 8 | 7 |
| 4 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 7 | 3 | 6 | 2 | 1 | 9 | 4 |
| 2 | 3 | 4 | 8 | 1 | 9 | 5 | 6 | 7 |
| 9 | 6 | 1 | 4 | 7 | 5 | 2 | 8 | 3 |
| 8 | 2 | 5 | 7 | 9 | 4 | 6 | 3 | 1 |
| 6 | 7 | 3 | 1 | 5 | 8 | 9 | 4 | 2 |
| 1 | 4 | 9 | 2 | 3 | 6 | 7 | 5 | 8 |
| 4 | 9 | 8 | 5 | 2 | 7 | 3 | 1 | 6 |
| 7 | 1 | 6 | 9 | 8 | 3 | 4 | 2 | 5 |
| 3 | 5 | 2 | 6 | 4 | 1 | 8 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପାସ୍ ବନ୍ଦ ହେଉ

ମହାଶୟ,

ଭଲ ହେଉ କି ମନ୍ଦ ହେଉ, ଶ୍ରୀଗୁଣ୍ଡିଚା ଯାତ୍ରା ସରିଛି। ଦୋଷୀ ଦଣ୍ଡ ପାଇଲେ । ସରକାରୀ କର୍ମଚାରୀ ତାଙ୍କ ମୁଣ୍ଡରେ ଦୋଷ ଲଦି ଅଧୁନା ସରକାର ବାହୁସ୍ଫୋଟ ମାରୁଛନ୍ତି। ତେବେ ପତିତପାବନ ଯାତ୍ରାରେ ପାସ୍ ପାଇଥିବା ଭିଆଇପିମାନେ ନିଶ୍ଚିତ ପତିତ ନୁହନ୍ତି। ମନ୍ଦିର ଓ ଯାତ୍ରାରେ ଏମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାରେ ସରକାର ଓ ସରକାରୀ କର୍ମଚାରୀ ବ୍ୟସ୍ତ ଏବଂ ସାଧାରଣ ପତିତ ଜନତା କ୍ଷୁବ୍ଧ। ସାଧାରଣତଃ ଦଉଡ଼ିଘେର ମଧ୍ୟରେ ରଥ ରଖି ଆଗକୁ ନେଇଯିବା ହିଁ ଶୃଙ୍ଖଳା। ଏହି ଶୃଙ୍ଖଳାକୁ ଅଣଦେଖା କରି ପର୍ଯ୍ୟାପ୍ତ ପରିମାଣରେ ପାସ୍ କରି ରଥ ଓ କର୍ଡନ ମଧ୍ୟକୁ ନେଇଯିବାରେ ପ୍ରଭୁ ଅସନ୍ତୁଷ୍ଟ। ସେବାୟତମାନେ ପ୍ରଭୁଙ୍କୁ ସେବା କରିବା ପାଇଁ ପ୍ରଚୁର ପାରିଶ୍ରମିକ ମନ୍ଦିର ପକ୍ଷରୁ ପାଇଥାନ୍ତି। ଡେପୁଟେଶନରେ ଆସିଥିବା କର୍ମଚାରୀଙ୍କୁ ମଧ୍ୟ ସୁବିଧା ମିଳେ। ମାତ୍ର ଏମାନେ ଭିଆଇପି ପାସ୍‌ଧାରୀଙ୍କୁ ସେବା ଯୋଗାଇ ଅନ୍ୟ କର୍ତ୍ତବ୍ୟକୁ ହେଳା କରିଦିଅନ୍ତି, ଯାହାପାଇଁ ବିଶୃଙ୍ଖଳା ହୁଏ। ଏଣୁ ଆଗାମୀ ବର୍ଷ ପାସ୍ ବ୍ୟବସ୍ଥା ସଂପୂର୍ଣ୍ଣ ଉଠାଇ ଦିଆଯାଉ।

– ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

## ଚିରନ୍ତନୀ

ମୋର ପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମମ୍ମୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ !
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶାଳ ଯୁବ ଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି




ପୂର୍ବତଟ ରେଳପଥ ପକ୍ଷରୁ ରେଳ ଅଡିଟୋରିୟମରେ ଅନୁଷ୍ଠିତ ରୋଜଗାର ମେଳାରେ ନବନିଯୁକ୍ତଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

## ୧୬ତମ ରୋଜଗାର ମେଳାରେ ୫୧ ହଜାରଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୨।୭ (ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ୧୬ଶ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ବିଭିନ୍ନ ବିଭାଗ ପାଇଁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ରୋଜଗାର ମେଳାର ଆୟୋଜନ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ୨୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ରେଳ ମନ୍ତ୍ରଣାଳୟରେ ସର୍ବାଧିକ ୧୪୩ଜଣ ନିଯୁକ୍ତିପତ୍ର ପାଇଥିବାବେଳେ ପୋଷ୍ଟାଲ ବିଭାଗରେ ୩୬ଜଣ, ଆର୍ଥିକ ସେବା ବିଭାଗରେ ୯ଜଣ, ଏମ୍‌ସ ଭୁବନେଶ୍ୱରରେ ୭ଜଣ, ଗୃହ ମନ୍ତ୍ରଣାଳୟ ଓ ରେଭିନ୍ୟୁ ବିଭାଗରେ ୨ଜଣ ଲେଖାଏ ଏବଂ ଶିକ୍ଷା ମନ୍ତ୍ରଣାଳୟ ଓ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚରେ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ମୋଦି ଭର୍ଚୁଆଲରେ ସମାବେଶକୁ ସମ୍ବୋଧିତକରି କହିଲେ, ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଏବଂ ସର୍ବବୃହତ୍ ଗଣତନ୍ତ୍ର ସହ ଭାରତ ଘରୋଇ ଏବଂ ବିଶ୍ୱସ୍ତରରେ ଭବିଷ୍ୟତକୁ ଗଢ଼ିତୋଳିବାର ଅନନ୍ୟ ସମ୍ଭାବନା ରଖିଛି। ଏହି ବିଶାଳ ଯୁବଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି ଏବଂ ସରକାର ଏହି ପୁଞ୍ଜିକୁ ରାଷ୍ଟ୍ରର ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁବିନିଯୋଗ କରିବା ନିମନ୍ତେ ନିରନ୍ତର ପ୍ରୟାସରତ। ବିଶ୍ୱର ସର୍ବବୃହତ୍ ଲୋକୋମୋଟିଭ ଉତ୍ପାଦକ ଭାବରେ ଭାରତର ଉଦୟ ଏବଂ ଲୋକୋମୋଟିଭ, ରେଳ କୋଚ୍ ଏବଂ ମେଟ୍ରୋ କୋଚ୍ କ୍ଷେତ୍ରରେ ଦେଶର ଦୃଢ଼ ରପ୍ତାନି ପ୍ରଦର୍ଶନକୁ ସେ ପ୍ରଶଂସା କରିଥିଲେ। ଅଟୋମୋବାଇଲ କ୍ଷେତ୍ର ମାତ୍ର ୫ ବର୍ଷ ମଧ୍ୟରେ ୪୦ ବିଲିୟନ ଡଲାରର ଏଫ୍‌ଡିଆଇ ଆକର୍ଷିତ କରିଛି, ଯାହାଫଳରେ ନୂତନ କାରଖାନା, ନୂତନ ନିଯୁକ୍ତି ସୁଯୋଗ ଏବଂ ରେକର୍ଡ ଯାନବାହନ ବିକ୍ରୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ 'ନାଗରିକ ଦେବୋ ଭବ' ଭାବେ ଅଭିହିତ କରିବା ସହ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ, ଦେଶ ଯୁବପିଢ଼ିଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ଦିଗରେ ଆଗକୁ ବଢ଼ୁଛି। ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ଆର୍ଥିକ ବିକଶିତ ଦେଶ ହେବ। ଏହି ବିକାଶ ଯୁବପିଢ଼ିଙ୍କ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ସେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମାତୃଭାଷାର ବ୍ୟବହାର ସହ ବହୁଳ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲଙ୍କ ସହିତ ଡାକ ବିଭାଗ, ଆଇସିଏମ୍‌ଆର୍, ଏମ୍‌ସ ଭୁବନେଶ୍ୱର, ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଆଇଜର, ଏସ୍‌ଏଲ୍‌ବିସି ଏବଂ ସିଆର୍‌ପିଏଫ୍‌ର ଅଧିକାରୀ ଯୋଗଦେଇଥିଲେ।

# 'ଏକାକୀ ନୁହେଁ, ଏକତ୍ର କାମକଲେ ସଫଳତା ମିଳିଥାଏ'



କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଅନ୍ୟ ଅତିଥିମାନେ।

## ଲୟୋଲା ସ୍କୁଲରେ ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ

ଭୁବନେଶ୍ୱର, ୧୨।୭(ଅନୁରାଧା ମହାରଣା)

ଲୟୋଲା ସ୍କୁଲର ରଜତ ଜୟନ୍ତୀ ଅବସରରେ ଶନିବାର ପ୍ରଥମ ମଡେଲ ୟୁନାଇଟେଡ୍ ନେଶନ (ଏମ୍‌ୟୁଏନ୍) ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ମାନିତ ଅତିଥି ଭାବେ ରେକ୍ଟର ଫାଦର ଏ. ଏଜାକୁନେଲ ଏସ୍‌ଜେ, ପ୍ରିନ୍ସିପାଲ ଫାଦର ଏ. ଅମଲାଦୋସ ଏସ୍‌ଜେ, ଭାଇସ୍ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ, ଲୟୋଲା ଏମ୍‌ୟୁଏନ୍‌ର ସେକ୍ରେଟାରୀ ଜେନେରାଲ ଅନ୍ୱେଷା ପ୍ରିୟଦର୍ଶିନୀ ପ୍ରଧାନ, ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ଯୋଗଦେଇ ଏମ୍‌ୟୁଏନ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଆଦ୍ୟାଶା କହିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଓ ଦଳୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏହା ଶୈକ୍ଷିକ ପ୍ରତିଯୋଗିତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବାସ୍ତବ ଜୀବନରେ ଏକାକୀ ନୁହେଁ, ଏକତ୍ର କାମ କରିବା ଦ୍ୱାରା ସଫଳତା ମିଳିଥାଏ। ଆଦ୍ୟାଶା ତାଙ୍କ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେ କହିଲେ, ଜ୍ଞାନ ହେଉଛି ଶକ୍ତି। ଆମେ କେଉଁ କାର୍ଯ୍ୟ ପ୍ରତି ଉତ୍ସାହିତ ତାହା ଖୋଜିବା ପରିବର୍ତ୍ତେ ଆମେ ବିଭିନ୍ନ ଦିଗରେ କାର୍ଯ୍ୟ କରିବା ଦରକାର। ଏହାଦ୍ୱାରା ଆମକୁ କୌଣସି ଦାୟିତ୍ୱକୁ ଚାପ ପରି ମନେ ହେବ ନାହିଁ ବରଂ ଆମେ ତାହାକୁ ଉପଭୋଗ କରିଥାଉ। ଯେତେବେଳେ ଆପଣ ଆଗ୍ରହର ସହିତ ସକ୍ରିୟ ଭାବେ ଜଡ଼ିତ ହୁଅନ୍ତି, ଚାପ ଦୂର ହୋଇଯାଏ। ଏହା ହିଁ ପ୍ରକୃତ ବିକାଶ ଓ ସଫଳତାର ଆରମ୍ଭ ବୋଲି ଆଦ୍ୟାଶା କହିଥିଲେ।

ଏ. ଅମଲାଦୋସ ଏସ୍‌ଜେ କହିଲେ, ଏହିଏମ୍‌ୟୁଏନ୍ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ, ଚିନ୍ତନଶକ୍ତି, ଗଭୀର ଅନ୍ତର୍ଦୃଷ୍ଟି ଓ ସାର୍ବଜନିକ କଥାବାର୍ତ୍ତା କ୍ଷମତା ବୃଦ୍ଧି କରିଛି। ଏହା ସେମାନଙ୍କୁ ବିଶ୍ୱସ୍ତରର ସମସ୍ୟାଗୁଡ଼ିକୁ ବୁଝିବା, ଶ୍ରେଣୀକକ୍ଷର ଜ୍ଞାନକୁ ବ୍ୟବହାର କରିବା, ଅନୁସନ୍ଧାନ କ୍ଷମତା, ବୈଜ୍ଞାନିକ ଭାବନା ଓ ଦଳରେ କାମ କରିବା ଦକ୍ଷତା ଉନ୍ନତ କରିବାର ସୁଯୋଗ ଦେଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୯ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୧୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୟୁଏନ୍‌ଜିଏ, ଡିଆଇଏସ୍‌ଇସି, ୟୁଏନ୍‌ଏଚ୍‌ଆରସି, ଏଆଇପିପିଏମ୍ ଓ ଆଇପିସି ଆଦି ଉପସମିତି ଗଠନ କରି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ଲୟୋଲା ବିଦ୍ୟାଳୟର ସଙ୍ଗୀତ ଦଳ ଦ୍ୱାରା ସୁନ୍ଦର ସଙ୍ଗୀତ ଏବଂ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଲୟୋଲା ଏମ୍‌ୟୁଏନ୍‌ର ଡେପୁଟି ସେକ୍ରେଟାରୀ ଜେନେରାଲ ସୃଷ୍ଟି ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟ ପ୍ରେସିଡେଣ୍ଟ ଅବଧୂତ ଆନନ୍ଦ ବିଶି ଉଦ୍‌ବୋଧନ ଦେଇଥିଲେ।

# ପ୍ଲାଟଫର୍ମରୁ ୨ ମୃତଦେହ ଜବତ

ବ୍ରହ୍ମପୁର, ୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଲ୍‌ୱେ ପୋଲିସ (ଜିଆରପି) ଶନିବାର ଅପରାହ୍ନରେ ପ୍ଲାଟଫର୍ମରୁ ୨ ଅଚିହ୍ନା ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଉଭୟଙ୍କ ବୟସ ୫୫ରୁ ୬୦ ବର୍ଷ ହେବ। ଏ ସଂକ୍ରାନ୍ତରେ ପୋଲିସ ନଂ. ୬୬/୨୫ ଓ ୬୭/୨୫ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି।

ବ୍ରହ୍ମପୁର ରେଲଷ୍ଟେଶନ ୪ନଂ. ପ୍ଲାଟଫର୍ମ ଛତ୍ରପୁର ପଟରେ ଥିବା ଫୁଟ୍ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ିରହିଥିବା ଜିଆରପି ଖବର ପାଇଥିଲା। ପୋଲିସ ପହଞ୍ଚି ଦେଖିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ସେମାନଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ଉଭୟେ ବିଷପାନ କରିଥିବା ସନ୍ଦେହ କରାଯାଉଛି। ପରିଚୟ ଜାଣିବା ଲାଗି ଉଭୟ ମୃତଦେହ ସଂରକ୍ଷିତ ରଖାଯାଇଛି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ସେମାନେ ବିଷପାନ କରିଥିଲେ ନା ଅନ୍ୟ କେହି ଖାଦ୍ୟରେ କିଛି ମିଶାଇ ଉଭୟଙ୍କୁ ଦେଇଥିଲେ ସେ ନେଇ ତଦନ୍ତ କରାଯାଉଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ କହିଛନ୍ତି।

# ମୁମ୍ବାଇରୁ ଫେରିଲେ ନବୀନ, ନେତା କର୍ମୀ ଉତ୍ସାହିତ

ଭୁବନେଶ୍ୱର, ୧୨।୭ (ରବିନାରାୟଣ ଜେନା)

ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ମୁମ୍ବାଇ ଗସ୍ତ କରିଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ପହଞ୍ଚିବା ପରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶତାଧିକ ନେତୃବୃନ୍ଦ, କର୍ମୀ, ଶୁଭେଚ୍ଛୁ ତାଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ନବୀନଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ବିଜେଡି କର୍ମୀ, ନେତା ଓ ଜନତାଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।



ନବୀନ ପଟ୍ଟନାୟକଙ୍କୁ ବିମାନ ବନ୍ଦରରୁ ନବୀନ ନିବାସକୁ ପାଛୋଟି ନେଉଛନ୍ତି ନେତା, କର୍ମୀ ଓ ସମର୍ଥକ।

ସୂଚନାଯୋଗ୍ୟ, ଜୁନ୍ ୨୦ରେ ନବୀନ ମୁମ୍ବାଇ ଯାଇଥିଲେ। ୨୨ ତାରିଖରେ ତାଙ୍କର ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସଫଳତାର ସହ ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେଶନ ହୋଇଥିଲା। ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଅସ୍ତ୍ରୋପଚାର କରିଥିଲେ। ଚଳିତମାସ ୭ରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ ହେଁ ୪ଦିନ ଧରି ଅବଜରଭେଶନରେ ରହିଥିଲେ। ନବୀନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ରାଜ୍ୟରେ ଦଳୀୟ ନେତାଙ୍କଠାରୁ ଆରମ୍ଭ କରି କର୍ମୀ ଏବଂ ଶୁଭେଚ୍ଛୁମାନେ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।

# ହରିଶଙ୍କରକୁ ଯୋଡ଼ିବ ରେଳପଥ

**ବଲାଙ୍ଗୀର-ନୂଆପଡ଼ା ଭାୟା ପାଟଣାଗଡ଼ ରେଳପ୍ରକଳ୍ପ ଆଶା ଉଜ୍ଜୀବିତ**

- ରାଜ୍ୟ ସରକାରଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ଅନୁରୋଧ କରିଛି ରେଲ୍‌ୱେ ବୋର୍ଡ
- ଡିପିଆର୍ ମାଗିଲା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ

ଯାଜପୁର, ୧୨।୭(ହର୍ଷବର୍ଦ୍ଧନ ବେହେରା)

ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ୧୦୦ କି.ମି. ନୂତନ ରେଳଲାଇନ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ରେଲ୍‌ୱେ ବୋର୍ଡର ଅତିରିକ୍ତ ସଦସ୍ୟ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ମାଗଣାରେ ଆବଶ୍ୟକ ଜମି ଯୋଗାଇ ଦେବା ସହ ସମୁଦାୟ ଖର୍ଚ୍ଚର ୫୦% ଅଂଶୀଦାର ହେବାକୁ ଅନୁରୋଧ କରିଛନ୍ତି। ବୋର୍ଡର ଏହି ପ୍ରସ୍ତାବ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେବା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର), ପ୍ରକଳ୍ପ ବାବଦ ଖର୍ଚ୍ଚ ନିର୍ଦ୍ଧାରଣ ସମ୍ପର୍କିତ ରେଲୱେ ଗାଇଡ୍‌ଲାଇନ୍ ଆବଶ୍ୟକ। ଏ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପୂର୍ବତଟ ରେଲ୍‌ୱେର ଜେନେରାଲ ମ୍ୟାନେଜରଙ୍କୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସରୋଜ କୁମାର ରାଉତ (ପତ୍ରସଂଖ୍ୟା ୮୨୭୦/୭।୭।୨୦୨୫) ଅନୁରୋଧ କରିଛନ୍ତି। ଦୀର୍ଘଦିନ ହେଲା ସର୍ଭେ ହୋଇ ଅଟକି ରହିଥିବା ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ସମେତ ନୃସିଂହନାଥକୁ ରେଳ ଯୋଗାଯୋଗ ସମ୍ଭବ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

ଓଡ଼ିଶାରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ରହିଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ସେ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପୁଣି ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ଆଦି ରହିଛି। ଏହିକ୍ରମରେ ଗତ ୩୦ ବର୍ଷ ହେବ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତାଲାଭ କରିପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି। ଏହିକ୍ରମରେ ଗୋଟିଏ ପରେ ଗୋଟିଏ ରେଳ ପ୍ରକଳ୍ପ ପାଇଁ ଜମି ଓ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ରେଲ୍‌ୱେ ବୋର୍ଡ ପକ୍ଷରୁ ଅନୁରୋଧ ହେଉଥିବାବେଳେ ରାଜ୍ୟ ସରକାରଙ୍କ ତତ୍ପରତାର ଆବଶ୍ୟକତା ରହିଛି। ବଲାଙ୍ଗୀରଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ରେଳ ପ୍ରକଳ୍ପ ନିର୍ମାଣ ହେଲେ ରାୟପୁରକୁ ସିଧାସଳଖ ରେଳଲାଇନ ସଂଯୋଗ ହୋଇପାରିବ। ଏଥିସହ ବଲାଙ୍ଗୀର ଜିଲାର ଅର୍ଦ୍ଧାଧିକ ଅଞ୍ଚଳବାସୀ ରେଳ ସୁବିଧା ପାଇପାରିବେ।

# ମାନବ ଅଧିକାର କମିଶନରେ ମାମଲା ରୁଜୁ

**ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ହଳ କରାଇବା ଘଟଣା**

ରାୟଗଡ଼ା, ୧୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ଗୁରୁବାର ପ୍ରେମୀଯୁଗଳଙ୍କୁ ଜୁଆଳି ପକାଇ ବଳଦ ବଦଳରେ ହଳ କରାଯାଇଥିଲା। ଶୁକ୍ରବାର ଏହା ଜଣାପଡ଼ିବା ପରେ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ନେଇ ଶନିବାର ମାନବ ଅଧିକାର କମିଶନରେ ମାମଲା ରୁଜୁହୋଇଛି। ନିଖୋଜ ପ୍ରେମୀଯୁଗଳଙ୍କ ସ୍ଥିତି ନେଇ କଲ୍ୟାଣସିଂହପୁର ପୋଲିସ ଓ ପ୍ରଶାସନ ତନାଘନା ଆରମ୍ଭ କରିଛି। କଙ୍ଗାରୁକୋର୍ଟ ଯାହା ମୂଳତଃ ପକ୍ଷପାତିତା କିମ୍ବା ଅନ୍ୟାୟର ଅନେକ ସମୟରେ ମାନବ ଅଧିକାର ଉଲ୍ଲଂଘନ କରେ। ଏହା ଭାରତୀୟ ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରୁଛି। ଏହାସହ ଧାରା ୧୪ (ଆଇନ ସମ୍ମୁଖରେ ସମାନତା), ୧୫ (ଭେଦଭାବ ନିଷେଧ) ଏବଂ ୧୯ (ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା)ର ଉଲ୍ଲଂଘନ ମଧ୍ୟ କରୁଛି। ଏହାକୁ ନେଇ କୋରାପୁଟ ଜିଲା ଜୟପୁର ସହରର ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ଅନୁପ କୁମାର ପାତ୍ର ଏହି ପ୍ରସଙ୍ଗଟି ସମ୍ବିଧାନର ଧାରା ୨୧,୧୪, ୧୫ ଏବଂ ୧୯ ଅନୁଯାୟୀ ମାନବ ଅଧିକାର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ଅଭିଯୋଗ କରିଛନ୍ତି। ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ପୀଡ଼ିତଙ୍କୁ ନ୍ୟାୟଦେବା ପାଇଁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଶନିବାର ପାତ୍ର ଅଭିଯୋଗ କରିଛନ୍ତି। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ପାଇଁ କମିଶନଙ୍କ ନିକଟରେ ସେ ଦାବି କରିଛନ୍ତି।

# ହଷ୍ଟେଲ୍ ଛାତରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ, ୧୨।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ହୃଦୟ ବିଦାରକ ଘଟଣା ଘଟିଯାଇଛି। ସ୍କୁଲ ହଷ୍ଟେଲର ୪ ମହଲା ଛାତରୁ ପୂର୍ବାହ୍ନ ୧୦ଟାରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଷଢ଼େଇକଲା ଅଞ୍ଚଳର ସୁଧାଂଶୁ ଶେଖର ପ୍ରଧାନଙ୍କ ପୁଅ କ୍ରିଷ୍ଣା ପ୍ରଧାନ। ପରିବାର ଲୋକେ ପୁଅକୁ ନିର୍ଯାତନା ତଥା ମାଡ଼ ମରାଯାଇଥିବା ଅଭିଯୋଗ କରିଛନ୍ତି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍କୁଲ ଓ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ଛାତ୍ର ଜଣଙ୍କ ସ୍କୁଲ ହଷ୍ଟେଲରେ ରହି ଅଧ୍ୟୟନ କରୁଥିଲେ। ଶନିବାର ସକାଳେ ପ୍ରାର୍ଥନା ସାରି ନିଜ ରୁମ୍‌କୁ ଯାଇଥିଲେ। କିଛି ସମୟ ପରେ ଏକ ଖୋଲା ଝରକା ଦେଇ ତଳକୁ ଡେଇଁ ପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଚମ୍ପୁଆ ପୋଲିସ ଓ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ଅଭିଭାବକ ଚମ୍ପୁଆ ଡାକ୍ତରଖାନାରେ ପହଞ୍ଚି ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ। ପୁଅକୁ ସ୍କୁଲରେ ମାଡ଼ ମାରାଯାଇଥିବା ନେଇ ଅଭିଯୋଗ କରିବା ସହିତ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ପାଇଁ ପୋଲିସକୁ ଅନୁରୋଧ କରିଥିଲେ। ପରିବାରର ୩ ସଦସ୍ୟଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ମାତ୍ର ପରିବାର ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନାକୁ ଆସନ୍ତୁ ବୋଲି ଦାବି କରିଥିଲେ। ଏନେଇ ବିଦ୍ୟାଳୟ ଓ ଡାକ୍ତରଖାନା ଆଗରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ କରିବାକୁ ଛାଡ଼ି ନ ଥିଲେ। ପରିସ୍ଥିତି ଅଣାୟତ ହେବାରୁ ଆଡିଶିନାଲ ଏସ୍‌ପି, ଚମ୍ପୁଆ ଏସ୍‌ଡିପିଓ, ଚମ୍ପୁଆ ଆଇଆଇସି, ବଡ଼ବିଲ ଆଇଆଇସି, ତୁରୁମୁଙ୍ଗା ଆଇଆଇସି, ପ୍ରୋବେସନାଲ ଏସ୍‌ଡିପିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ତହସିଲଦାର ସଜତ ମାର୍କେ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପହଞ୍ଚି ବୁଝାଶୁଝା କରିବା ପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ.୧୮୭/୨୫)ରୁଜୁ କରିଛି।



# ମଧ୍ୟାହ୍ନଭୋଜନ ଖାଇବାକୁ ସ୍କୁଲରୁ ୧ କି.ମି. ଯାଉଛନ୍ତି ପିଲା

**ଅବ୍ୟବସ୍ଥା ଘେରରେ ବିଷ୍ଣୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ**

- ନାହିଁ ପାନୀୟ ଜଳ ବ୍ୟବସ୍ଥା, ବାହାରେ ଶୌଚ କରୁଛନ୍ତି ଛାତ୍ରୀଛାତ୍ର
- ନିଜସ୍ୱ ପଟ୍ଟା ନ ଥିବାରୁ ଫେରିଗଲା ୪୫ ଲକ୍ଷ ଟଙ୍କା

ରାୟଗଡ଼ା, ୧୨।୭(ଭାଗ୍ୟଶ୍ରୀ ମିଶ୍ର)



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ ବିଜ୍ଞାନ ଲାବରେଟୋରି।



ସ୍କୁଲ ଶୌଚାଳୟ ।

ବିଦ୍ୟାଳୟ ଭିତ୍ତିଭୂମି ସଜାଡ଼ିବାକୁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ବଦଳୁନି ସରକାରୀ ବିଦ୍ୟାଳୟର ଚିତ୍ର। ରାୟଗଡ଼ା ବ୍ଲକ୍ ପିତାମହଲ ପଞ୍ଚାୟତ ଅଧୀନ ବିଷ୍ଣୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଏହାର ଏକ ଉଦାହରଣ। ବିଜେଡି ସରକାର ସମୟରେ ୫-ଟି ରେ ଜିଲାର ଅନେକ ବିଦ୍ୟାଳୟକୁ ସାମିଲ କରାଯାଇ ରୂପାନ୍ତରୀକରଣ କରାଯିବାର ଯୋଜନା ଥିଲା। ସରକାରଙ୍କ ପକ୍ଷରୁ ୪୫ ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ଆସିଥିଲା । ହେଲେ ବିଦ୍ୟାଳୟର ନିଜସ୍ୱ ଜମି (ଆର୍‌ଓଆର୍ ) ନ ଥିବାରୁ ସରକାରଙ୍କ ପାଖକୁ ଅନୁଦାନ ଫେରିଯାଇଛି। ଫଳରେ ଛାତ୍ରୀଛାତ୍ର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି।

ସୂଚନାଯୋଗ୍ୟ, ୨୦୧୬-୧୭ରେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଧୀନରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ଏଠାରେ ୮ମ, ୯ମ, ୧୦ମରେ ସର୍ବମୋଟ ୮୫ ପିଲା ପଢୁଛନ୍ତି। ନିର୍ମାଣ କାମ ନିମ୍ନମାନର କରାଯାଇଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିବାଳା ପାଢ଼ୀ ଅଭିଯୋଗ କରିଛନ୍ତି। ଏହି ସ୍କୁଲରେ ପାନୀୟ ଜଳ ସମସ୍ୟା ରହିଛି। ଛାତ୍ରୀଛାତ୍ର ବସି ଖାଦ୍ୟ ଖାଇବାର କୌଣସି ସୁବିଧା ନାହିଁ। ପିଲାମାନେ ବର୍ଷା ହେଉ କି ଖରା ଚାଲିଚାଲି ୧ କି.ମି. ଦୂରରେ ଥିବା ଅନ୍ୟ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଖାଦ୍ୟ ଖାଉଛନ୍ତି। ସେହିପରି ବିଦ୍ୟାଳୟର କିଛି କ୍ଲାସ୍ ରୁମ୍ ଫାଟି ଆଁ କରି ରହିଛି। ଶୌଚାଳୟରେ ପାଣି ବ୍ୟବସ୍ଥା ନ ଥିବାରୁ ପିଲାମାନେ ବାହାରକୁ ଶୌଚ ହେବାକୁ ଯାଉଛନ୍ତି। ଏ ନେଇ ଅନେକ ଥର ଲିଖିତଭାବେ ଜଣାଇବା ପରେ କିଛିଟା କ୍ଲାସ୍ ରୁମ୍ ମରାମତି କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ପାନୀୟ ଜଳ ବ୍ୟବସ୍ଥା ନାହିଁ। ମଧ୍ୟାହ୍ନଭୋଜନ ଦେବାରେ ହଇରାଣ ହେଉଥିବା ସେ କହିଛନ୍ତି। ବିଦ୍ୟାଳୟ ନିକଟରେ ଏକ ବୋର୍ ୱେଲ୍ ପୂର୍ବରୁ ଖନନ କରାଯାଇଛି ହେଲେ ଗ୍ରାମର କେହି ଜଣେ ନିଜସ୍ୱ ଜାଗା କହି ତାକୁ ଅକ୍ତିଆର କରି ବାଡ଼ ଦେଇ ରଖିଛନ୍ତି। ସେହିପରି ବିଜ୍ଞାନ ଲାବ୍‌ରକୋଠା ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ନ ଥିବାରୁ ମେଶିନ ଲାଗିବା ସମ୍ଭବ ନଥିବା ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ କହିଛନ୍ତି। ତେଣୁ ତୁରନ୍ତ ବିଦ୍ୟାଳୟ ଭିତ୍ତିଭୂମି ମରାମତି ପାଇଁ ଅଭିଭାବକ ଦାବି କରିଛନ୍ତି। ଏ ନେଇ ଡିଇଓ ରାମଚନ୍ଦ୍ର ନାହକଙ୍କୁ ପଚାରିବାରୁ ବିଦ୍ୟାଳୟ ସମସ୍ୟାସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ସେକହିଛନ୍ତି।

## 'ପରମ୍ପରାରେ ଅନୁପ୍ରାଣିତ ହୋଇ ଆଧ୍ୟାତ୍ମିକ ବିକାଶ କର'

**ଭାଗବତ ଟୁଙ୍ଗିର ୬ଷ୍ଠତମ ବାର୍ଷିକ ଉତ୍ସବ**

ମୁନିଗୁଡ଼ା,୧୨।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ଆଦିତ୍ୟ ବାହିନୀ ଶାଖା ଦ୍ୱାରା ଗଠିତ ମାଗୁଣି ଗ୍ରାମସ୍ଥିତ ଶ୍ରୀ ଦାରୁବ୍ରହ୍ମ ଭାଗବତ ଟୁଙ୍ଗିର ୬ଷଷ୍ଠ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଦିତ୍ୟ ବାହିନୀ, ଟୁଙ୍ଗିର ସଦସ୍ୟ ଓ ଗ୍ରାମବାସୀ ପ୍ରାତଃରେ ଗାଁ ସଫେଇ କରିଥିଲେ। ପରେ ସଙ୍କୀର୍ତ୍ତନ ମଣ୍ଡଳୀ ସହ ପ୍ରଭାତ ଫେରି କରାଯାଇଛି। ଏଥିସହ ଗଙ୍ଗା ଆବାହନ ପୂଜା ପରେ ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପରେ ମଣ୍ଡପ ନିକଟରେ କଳସ ସ୍ଥାପନ, ହୋମଯଜ୍ଞ, ଭାଗବତ ଶେଷ ଅଧ୍ୟାୟ ପଠନ, ତୁଳସୀ ଅର୍ପଣ ସମାପନ ଓ ଭଜନ ସଙ୍କୀର୍ତ୍ତନ କରାଯାଇଛି। ଆଦିତ୍ୟ ବାହିନୀ ମୁନିଗୁଡ଼ା ଶାଖା ସମ୍ପାଦକ ସୁଧାକର ପାତ୍ର ହନୁମାନ ଚାଳିଶା ପଠନ କରିଥିଲେ। ଗୁରୁ ବନ୍ଦନା ପରେ ସମସ୍ତ ଭକ୍ତଗଣଙ୍କୁ ଶଙ୍କରାଚାର୍ଯ୍ୟ ମହାରାଜଙ୍କ "ଗୋଟିଏ ଟଙ୍କା ଓ ଗୋଟିଏ ଘଣ୍ଟା" ଆହ୍ୱାନ ଦେଇଥିଲେ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସଂଘବଦ୍ଧ ଭାବେ ପ୍ରାଚୀନ ପରମ୍ପରାରେ ଅନୁପ୍ରାଣିତ ହୋଇ ନିଜ ଆଧ୍ୟାତ୍ମିକ ବିକାଶ ପାଇଁ ପ୍ରେରଣା ଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ରାଜନେତା ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଗାଁ ଗାଁ ରେ ଭାଗବତର ପ୍ରଚାର କରୁଥିବାରୁ ଆଦିତ୍ୟ ବାହିନୀ ମୁନିଗୁଡ଼ା ଶାଖାର ସମସ୍ତ କର୍ମକର୍ତ୍ତା ଓ ଭଗବତପ୍ରେମୀଙ୍କୁ ସାଧୁବାଦ ଜଣାଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭାଗବତ ଟୁଙ୍ଗିର ସଦସ୍ୟଙ୍କୁ କମିଟି ପକ୍ଷରୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତ ଭକ୍ତଙ୍କ ନିମନ୍ତେ ଅର୍ନ୍ନପ୍ରସାଦ ଆୟୋଜନ କରାଯାଇଥିଲା। ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଭାଗବତ ପ୍ରଚାରକ ବଂଶୀଧର ନନ୍ଦ, ଜାମି ମହେଶ, ଭାସ୍କର ଭୋଗୀ, ରାମ ଭୋଗୀ, ଭରତ କାଶୀ, କୋଦଣ୍ଡ ଆର୍ଯ୍ୟା, ତରଣୀ ବେହେରା, ଦିଲ୍ଲୀପ ସୁବୁଦ୍ଧି, ଭବାନୀ ଆର୍ଯ୍ୟା, ଭାଗ୍ୟ ଆର୍ଯ୍ୟା, ପୁଷ୍ପା ଆମ୍ବାଡି, ନମିତା ଆର୍ଯ୍ୟା, ଜୟନ୍ତୀ ଆର୍ଯ୍ୟା, ଲକ୍ଷ୍ମୀ ଆର୍ଯ୍ୟା, ଗାନ୍ଧୀ ଆୟଙ୍ଗାରଙ୍କ ସମେତ ବିଜାବଣ୍ଡଲି, ସିଙ୍ଗାରୀ, ପାତ୍ରଗୁଡ଼ା ସେଲେମା, ହାତୀପଦର, ଗଉଡ଼ଗୁଡ଼ା,ମୁନିଗୁଡ଼ା ପାଇକସାହି ଓ ଟିକିରାପଡ଼ା ସହ ବିଭିନ୍ନ ଅଞ୍ଚଳର ଭାଗବତ ଟୁଙ୍ଗିର ସଦସ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଅନ୍ୟମାନେ ।

**ସଂକ୍ଷେପରେ**

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଟିକିରି, ୧୨।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଥାନା ଅଧୀନ କୋଡିକିପଦର ଛକ ନିକଟରେ ଶନିବାର ଏକ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ କୋଡିକିପଦର ଗ୍ରାମର ଗୁରୁନାଥ ମାଝୀ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

### ଚାକିରି କରାଇଦେବାକୁ କହି ଠକେଇ ଅଭିଯୋଗ

ଜୟପୁର,୧୨।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନାରେ ରେଳ ବିଭାଗରେ ଚାକିରି କରାଇବା ନାଁରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମାମଲା ଅନୁଯାୟୀ, ଜୟପୁର ସଦର ଥାନା ହାଡିଆ ପଞ୍ଚାୟତର ଖଇରିମୁଣ୍ଡି ଗ୍ରାମର ପ୍ରହ୍ଲାଦ ହରିଜନ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦା ତଥା ବର୍ତ୍ତମାନ ଆମ୍ବାଗୁଡରେ ରହୁଥିବା ମନୋଜ କୁମାର ନାୟକଙ୍କ ସହ ଅଭି ନାମକ ଜଣେ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରୀୟାରେ ପରିଚୟ ହୋଇଥିଲା। ଅଭିଯୁକ୍ତ ମନୋଜ ରେଳ ବିଭାଗରେ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ କରାଇଦେବାକୁ କହିଥିଲେ। ଉଭୟଙ୍କୁ ଚାକିର ବାବଦକୁ ୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି କହିଥିଲେ। ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ। ପ୍ରହ୍ଲାଦଙ୍କ ଝିଅ ଓ ଶଳା ଅନଲାଇନ ମାଧ୍ୟମରେ ଆବେଦନ କରଥିଲେ। ଏହିପରି ଅଭିଯୁକ୍ତ ମନୋଜଙ୍କ ଉପରେ ପୀଡିତଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା ଏହା ପରେ ଫୋନ ପେ ମାଧ୍ୟମରେ ଅଭିଯୁକ୍ତଙ୍କୁ ଏପ୍ରେଲ ମାସରୁ ମେ ମାସ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଜୁନ ୨୬ରେ ବିଶାଖପାଟଣା ରେଳ ବିଭାଗର ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ କରିଥିଲେ। କିନ୍ତୁ ତାଙ୍କର ଫୋନ ସୁଇଚ ଅଫ ଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ଗାଁକୁ ଫେରି ଆସିଥିଲେ। ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଘରକୁ ଯାଇଥିବା ବେଳେ ଘରେ ତାଲା ପଡିଥିବା ଦେଖିଥିଲେ। ପଡ଼ୋଶୀଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା କହିଥିଲେ। ତାଙ୍କ ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ। କିନ୍ତୁ ସେଠାରେ ମଧ୍ୟ ତାଙ୍କର କୌଣସି ଦେଖା ମିଳିନଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଗୋଷ୍ଠୀ ବିବାଦରୁ ଦୂରେଇ ରହି ଦଳକୁ ମଜଭୁତ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମକର୍ତ୍ତା।

**ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ୱାଇ ଗଣପତିଙ୍କୁ ସମ୍ବର୍ଦ୍ଧନା**

ଗୁଣପୁର, ୧୨।୭ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ପୂର୍ତ୍ତ ବଙ୍ଗଳାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ .ଗଣପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଥିଲେ। ଆୟୋଜିତ ସଭାରେ ନୂତନ ଭାବେ ନିର୍ବାଚିତ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଅଞ୍ଚଳର ବିକାଶ ସହ ଦଳର ସଙ୍ଗଠନ ମଜବୁତ କରିବା ନିମନ୍ତେ ଗୋଷ୍ଠୀ ବିବାଦରୁ ଦୁରେଇ ରହି ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନୀଳମାଧବ ପାଢ଼ୀ, ରାଜେନ୍ଦ୍ର ନାୟକ, ସାରଙ୍ଗଧର ନାଗଂଶ, ଈଶ୍ୱର ଚନ୍ଦ୍ର ଗମାଙ୍ଗ, ରାମ ପଟ୍ଟନାୟକ, ଇନ୍ଦ୍ରାକ୍ଷୀ ଦାଶ, ଗୋପାଳକୃଷ୍ଣ ଦେଓପାତ୍ର, ଅମର ସାହୁ, ସଂଗ୍ରାମ ସାହୁ, ଟୁକୁରୁ ପାଣିଗ୍ରାହୀ, ମନୋଜ ପାଣିଗ୍ରାହୀ, ଜଗଦିଶ ପାତ୍ର, ସତ୍ୟ ସୁନ୍ଦର କରଙ୍କ ସମେତ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀନିବାସ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୨୫ କୁଇଣ୍ଟାଲ ୬୦ କିଲୋ ମହୁଲ ଜବତ

ଡାବୁଗାଁ, ୧୨।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଗ୍ରାମରେ ଶୁକ୍ରବାର ରାତିରେ ଡାବୁଗାଁ ଅବକାରୀ ବିଭାଗ ଚଢ଼ାଉକରି ୮୦ ବସ୍ତା ମହୁଲ ଜବତ କରିଛି। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ଏସ୍‌ଆଇ ଚନ୍ଦନ ସାହୁ, ଡାବୁଗାଁ ଅବକାରୀ ଉପନିରୀକ୍ଷକ ସମୀର କୁମାର ସ୍ୱାଇଁ ଚଖାଉରେ ସାମିଲ ଥିଲେ। ଶୁକ୍ରବାର ସନ୍ଧ୍ୟାରୁ ମହେନ୍ଦ୍ରୀ ଗ୍ରାମରେ ଚଢ଼ାଉ ଆରମ୍ଭ ହୋଇ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ମହୁଲ ମହଜୁଦ ରଖିଥିବା ବ୍ୟକ୍ତି ଚଢ଼ାଉ ଖବର ପାଇ ଫେରାର ହୋଇଯାଇଛନ୍ତି। ଏହି ଚଢ଼ାଉରେ ୮୦ ବସ୍ତା ପ୍ରାୟ ୨୫ କୁଇଣ୍ଟାଲ ୬୦ କିଲୋ ମହୁଲ ଜବତ କରାଯାଇଛି। ଏନେଇ ଅବକାରୀ କାର୍ଯ୍ୟାଳୟ କେସ୍ ନଂ. ୯୯/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି।

### ସାଇକେଲକୁ ଧକ୍କା ଦେଲା ଟ୍ରକ୍, ନାବାଳକ ଆହତ

ଛତ୍ରପୁର,୧୨।୭ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ନିକଟସ୍ଥ ଜାତୀୟ ରାଜପଥରେ ଏକ ଟ୍ରକ ଧକ୍କାରେ ଜଣେ ନାବାଳକ ସାଇକେଲ ଆରୋହୀ ଆହତ ହୋଇଛନ୍ତି। ଶନିବାର ଅପରାହ୍ଣ ୪ଟାରେ ସିଦ୍ଧାର୍ଥ ରେଡ୍ଡୀ (୧୪) ନାବାଳକ କାଳିଆବାଲିରୁ ଚମାଖଣ୍ଡି ଖେଳ ପଡିଆକୁ ସାଇକେଲ ଯୋଗେ ଯାଉଥିବା ବେଳେ ତାଙ୍କୁ ଟ୍ରକ (ଏପି ୩୯ ୟୁଏଲ୍- ୭୭୯୯) ଧକ୍କା ଦେଇଥିବା ଜଣାପଡିଛି। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଟିମ୍ ପହଞ୍ଚି ଆହତ ସିଦ୍ଧାର୍ଥଙ୍କୁ ଉଧାର କରି ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚମାଖଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି।

## ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମୁନିଗୁଡ଼ା, ୧୨।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ନୋଡ଼ାଲ ହାଇସ୍କୁଲ ଶ୍ରେଣୀ ଗୃହ ପରିସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସୁମତି ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦୁଷ୍ମନ୍ତ ମାଝୀଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ନନ୍ଦିନୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଇଓ ଗଣେଶ ଶବର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ କ୍ଲଷ୍ଟର ସିଆର୍‌ସିସି ବାଲାଜୀ ପଟ୍ଟନାୟକ, ଏସ୍‌ଏମ୍‌ସି ସଭାପତି ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିକ୍ଷୟିତ୍ରୀ ଜେନାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଜେନା ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ କାର୍ଯ୍ୟ କରିଥିବା ଓ ଛାତ୍ରୀଛାତ୍ରଙ୍କ ପାଇଁ ନିଜକୁ ଉତ୍ସର୍ଗ କରି ଶିକ୍ଷାଦାନ କରିଥିବା ଅତିଥିମାନେ କହିଛନ୍ତି। ପରେ ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ଅଭିଭାଷଣ ରଖିଥିଲେ। ଶିକ୍ଷୟିତ୍ରୀ ଜେନା ଜଣେ ଶାନ୍ତ, ସରଳ ବ୍ୟକ୍ତିତ୍ୱ ଥିଲେ ବୋଲି ଅନ୍ୟ ଶିକ୍ଷକମାନେ ମତ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଜେନା ଚାକିରୀ ଜୀବନର ଅଭୁଲା ସ୍ମୃତି ସବୁକୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ଏମ୍.ସାଇଲକ୍ଷ୍ମୀ, ସୁମନ ଶବର, ମାଧୁରୀ ତ୍ରିପାଠୀ, ରଶ୍ମୀ ମହାପାତ୍ର, ଅନିତା ସ୍ୱାଇଁ ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ।

## କାଉଡ଼ିଆ ଘାଟ ସଫାକଲେ ସ୍ୱେଚ୍ଛାସେବୀ

ଜୟପୁର,୧୨।୭(ପବନ ପାଣିଗ୍ରାହୀ)

ଶ୍ରାବଣ ମାସ ପ୍ରଥମ ସୋମବାର ପାଇଁ ପାତ୍ରପୁଟ ନଦୀ ନିକଟ ଅଞ୍ଚଳକୁ ଜୟପୁରର କେତେକ ସ୍ୱେଚ୍ଛାସେବୀ ସଫା କରିଛନ୍ତି। ନଦୀରୁ ପାଣି ନେଇ ବାବା ଗୁପ୍ତେଶ୍ୱରକୁ ପୀଠକୁ ଯିବାକୁ ଥିବାରୁ ସେହି ଅଞ୍ଚଳକୁ ସଫା କରାଯାଇଛି। ସ୍ୱେଚ୍ଛାସେବୀମାନେ ନଦୀ ନିକଟରେ ଥିବା ଲଟାବୁଦାଗୁଡିକୁ ସଫା କରି କାଉଡିଆମାନେ ଶାନ୍ତିରେ ପାଣି ଭାର ଧରି ନଦୀରୁ ରାସ୍ତା ଉପରକୁ ଯାଇପାରିବା ନେଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଅଞ୍ଚଳରେ ଫିନାଏଲ ପକାଇଛନ୍ତି। ସେହି ଅଞ୍ଚଳରେ ମଦୁଆଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ତାକୁ ସଫା କରାଯାଇଛି। କାଉଡିଆମାନେ ଜଳାଭିଷେକ ପରେ ବ୍ୟବହାର କରୁଥିବା ଜରିଗୁଡ଼ିକ ଏଣେ ତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବାକୁ ସ୍ୱେଚ୍ଛାସେବୀ ପକ୍ଷରୁ ନିବେଦନ କରାଯାଇଛି। ସ୍ୱେଚ୍ଛାସେବୀ ରବିନ୍ଦ୍ର ନାୟକ, ହରିଶଙ୍କର ନାୟକ, ରାଜେନ୍ଦ୍ର ବିଷୋୟୀ, ନାରାୟଣ ମହାନ୍ତି, ନରସିଂହ ବିଷୋୟୀ ଓ ଅନ୍ୟମାନେ ସଫେଇରେ ସହଯୋଗ କରିଥିଲେ।

## ଗୁରୁତରଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଲେ ସାମାଜିକ କର୍ମୀ

ପଦ୍ମପୁର, ୧୨।୭(ପ୍ରଶାନ୍ତ କୁମାର କର)

ଏଟିଏଚ୍ ରକ୍ ପରିବାର ଉପସଭାପତିଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚି ପାରିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାନୁଯାୟୀ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଧରାପୁର ଗ୍ରାମର ଈଶ୍ୱର ଶବର ପାରିବାରିକ କଳହରୁ ଶୁକ୍ରବାର ରାତି ୮ ଟାରେ ଘାସ ମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏଥିରେ ସେ ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ମେଡିକାଲକୁ ଅଣା ଯାଇଥିଲା। ଏଟିଏଚ୍ ରକ୍ ପରିବାର ରାଜ୍ୟ ଉପ ସଭାପତି ଆଦିତ୍ୟ ନାରାୟଣ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଈଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତରିତ କରିଥିଲେ। ହେଲେ ସେ ସମୟରେ କୌଣସି ଆମ୍ବୁଲାନ୍ସ ଖାଲି ନ ଥିବାରୁ ମିଶ୍ର ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ଘଟଣା କୁ ଗୁରୁତର ସହ ନେଇ ମିଶ୍ର ଓ ତାଙ୍କ ସହଯୋଗୀ ଯୁଗଳ ଶବର ରାତି ୧୧ ଟାରେ ପାରଳାଖେମୁଣ୍ଡି ନେଇ ସେଠାରେ ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ଈଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ମିଶ୍ରଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଛନ୍ତି ।



ଈଶ୍ୱରଙ୍କ ଚିକିତ୍ସା ଚାଲିଛି।

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଅବକାରୀ ସଚିବ

- ଗଳି କନ୍ଦିରେ ମଦ ବେପାର
- ମହୁଲ ବଦଳରେ ଚିନି ଗୁଡ଼ରେ କରୁଛି ସରକାରୀ ମଦ ଭାଟି

ବିଷମକଟକ, ୧୨।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ବ୍ଲକ ଆଖପାଖ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧିପାଉଛି। ଅବକାରୀ ବିଭାଗର ନୀରବତା ଯୋଗୁ ଖୋଲାରେ ଏହା ଚାଲିଥିବା ଅଭିଯୋଗ ହେଉଛି। ବିଷମକଟକ ବ୍ଲକ ୨୧ ପଞ୍ଚାୟତର ଅଞ୍ଚଳରେ ରହିଥିବା ବିଭିନ୍ନ ଢାବା, ପାନଦୋକାନ, ଜଳଖିଆ ଦୋକାନ, ହୋଟେଲ ଓ ସାହିସାହିରେ ଦେଶୀ ମଦ ବିକ୍ରି ହେଉଛି। ସମସ୍ତ ସ୍ଥାନରେ ସରକାରୀ ପ୍ରାପ୍ତ ଭାଟିମଦ ଏବଂ ବିଷାକ୍ତ ରନ୍ଧାମଦ ବ୍ୟବସାୟ ଦିନକୁ ଦିନ ବଢ଼ିଚାଲିଛି। ମଦ ବିକ୍ରିର ସମୟ ସୀମା ରହୁନାହିଁ। ୨୪ ଘଣ୍ଟା ବିକ୍ରି ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଏଥିଯୋଗୁ ଦୁର୍ଘଟଣା, ଚୋରି ମଧ୍ୟ ବଢୁଛି। ଏହାକୁ ରୋକିବା କାମ ଅବକାରୀ ବିଭାଗର ହୋଇଥିଲେ ମଧ୍ୟ ଏହାକୁ ପୋଲିସ ତୁଲାଉଛି। ଅପମିଶ୍ରିତ ବିଷାକ୍ତ ମଦରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସରକାର ବିଷମ କଟକରେ ଏକ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଭାଟି ଖୋଲିଛନ୍ତି। ଏଠାରେ ମହୁଲ ପରିବର୍ତ୍ତେ ଚିନି ଓ ଗୁଡରେ ଅପମିଶ୍ରିତ ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ହେଉଛି। ଏହି ଭାଟିରେ ପ୍ରସ୍ତୁତ ମଦ ବିକ୍ରି ନିମନ୍ତେ ଦୁର୍ଗୀ, ଚାଟିକୋଣା, ଭାତପୁର ଓ ଡୁକୁମ୍‌ରେ ସବ୍ କାଉଣ୍ଟର ଖୋଲିଛନ୍ତି । ଭାଟିରେ ପ୍ରସ୍ତୁତି ମଦକୁ ସବ୍ କାଉଣ୍ଟର ବ୍ୟତିତ ବ୍ଲକର ସମସ୍ତ ଗ୍ରାମରେ ଏହା ବିକ୍ରି ହେଉଛି। ଦିନ ତମାମ ଭାଟି କର୍ମଚାରୀମାନେ ବାଇକ୍ ଯୋଗେ ବିଭିନ୍ନ ଗ୍ରାମରେ ମଦ ପହଞ୍ଚାଉଛନ୍ତି। ଲୋକଙ୍କ ପାଖରେ ଅପମିଶ୍ରିତ ମଦ ଉପଲବ୍ଧ ହେଉଥିବାରୁ ନିଶାସକ୍ତ ହୋଇ ବୁଲୁଛନ୍ତି। ଦିବାଲୋକରେ ଘରେ ପଶି ଚୋରି କରୁଛନ୍ତି । ରାସ୍ତାକଡରୁ ବାଇକ୍ ଚୋରି ଆଦି ଘଟାଉଛନ୍ତି। ଏହା ବ୍ୟତିତ ବ୍ଲକର କାଙ୍କୁବାଡି, ଚାଟିକୋଣା ଓ ସାହାଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଷାକ୍ତ ଏବଂ ଅପମିଶ୍ରିତ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ବିକ୍ରି ନିମନ୍ତେ ପଠାଯାଉଛି। ଭାଟି ଇଙ୍ଗିତରେ ଏହି ମଦ କାଉଣ୍ଟର ସବୁ ଖୋଲିଥିବାରୁ ଏମାନଙ୍କୁ ହାତ ମାରୁନି ଅବକାରୀ ବିଭାଗ। ଉପରିସ୍ଥ ଅଧିକାରୀଙ୍କ ଆଖିରେ ଧୂଳି ଦେବାପାଇଁ ମାସରେ କିଛି କୋଚିଆ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ କରୁଛି ବିଭାଗ। ସେମାନଙ୍କୁ ମଦଭାଟି ତରଫରୁ ଜାମିନରେ ବାହାର କରାଯାଉଥିବାର ସଙ୍ଗୀନ ଅଭିଯୋଗ ମଧ୍ୟ ରହିଛି।

ବିଷମକଟକ ବ୍ଲକରେ ଏଭଳି ମଦ କାରବାରରେ ରୋକ୍ ଲାଗିପାରୁ ନ ଥିବାରୁ ଉଭୟ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୧ ପଞ୍ଚାୟତର ସମସ୍ତ ୨୭୧ ଗାଁରେ ଛୋଟ ପାନ ଦୋକାନଠାରୁ ଆରମ୍ଭକରି ସହରରେ ଥିବା ପ୍ରତ୍ୟେକ ସାହି, ରାୟଗଡ଼ାରୁ କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଥିବା ସମସ୍ତ ଢାବା, ମନ୍ଦିର ପାଖ, ମେଡିକାଲ ସାମ୍ନା, ଚାଟିକଣା, ହଟାମୁନିଗୁଡ଼ା, ଡୁକୁମ୍, ସାହାଡ଼ା, କାଙ୍କୁବାଡ଼ି ଓ ଭାତପୁର ଆଦି ଅନେକ ପଞ୍ଚାୟତରେ ଦେଶୀ ଓ ବିଷାକ୍ତ ରନ୍ଧାମଦ ଦୋକାନ ଖୋଲିଛି। ବ୍ଲକର ଏମିତି କୋଉ ଗାଁ ନାହିଁ ଯେଁଠାରେ ଏହି ବିଷାକ୍ତ ମଦ ବିକ୍ରି ହେଉନାହିଁ । ବିଷମ କଟକ ସଦରରେ ଅବକାରୀ କାର୍ଯ୍ୟାଳୟ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନାକ ତଳେ ସାହି, ଗଳିରେ ମଦ ବିକ୍ରି ଚାଲିଛି। ଏ ସମ୍ବନ୍ଧରେ ସ୍ଥାନୀୟ ଲୋକେ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କଲେ ସେମାନେ ନୀରବ ଦ୍ରଷ୍ଟା ସାଜିଛନ୍ତି।

ବେଆଇନ କାରବାର ଏବଂ ଚିନି ଗୁଡରେ ମଦ ପ୍ରସ୍ତୁତି ଅଭିଯୋଗ ସମ୍ପର୍କରେ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କୁ ପଚାରିବାରୁ ସେ ତାଙ୍କ ସଚିବ ଗୁହା ପୁନମ୍ ତାପସ କୁମାରଙ୍କ ସହିତ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ସଚିବଙ୍କୁ ଯୋଗାଯୋଗ କରିବାରୁ ସେ ଅତି ଶୀଘ୍ର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ସଂକ୍ଷେପରେ**

## ମହେନ୍ଦ୍ରୀ ଗ୍ରାମରେ ଅବକାରୀ ଚଢ଼ାଉ ୨୫ କୁଇଣ୍ଟାଲ ୬୦ କିଲୋ ମହୁଲ ଜବତ

ଡାବୁଗାଁ, ୧୨।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଗ୍ରାମରେ ଶୁକ୍ରବାର ରାତିରେ ଡାବୁଗାଁ ଅବକାରୀ ବିଭାଗ ଚଢ଼ାଉକରି ୮୦ ବସ୍ତା ମହୁଲ ଜବତ କରିଛି। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ଏସ୍‌ଆଇ ଚନ୍ଦନ ସାହୁ, ଡାବୁଗାଁ ଅବକାରୀ ଉପନିରୀକ୍ଷକ ସମୀର କୁମାର ସ୍ୱାଇଁ ଚଢ଼ାଉରେ ସାମିଲ ଥିଲେ। ଶୁକ୍ରବାର ସନ୍ଧ୍ୟାରୁ ମହେନ୍ଦ୍ରୀ ଗ୍ରାମରେ ଚଢ଼ାଉ ଆରମ୍ଭ ହୋଇ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ମହୁଲ ମହଜୁଦ ରଖିଥିବା ବ୍ୟକ୍ତି ଚଢ଼ାଉ ଖବର ପାଇ ଫେରାର ହୋଇଯାଇଛନ୍ତି। ଏହି ଚଢ଼ାଉରେ ୮୦ ବସ୍ତା ପ୍ରାୟ ୨୫ କୁଇଣ୍ଟାଲ ୬୦ କିଲୋ ମହୁଲ ଜବତ କରାଯାଇଛି। ଏନେଇ ଅବକାରୀ କାର୍ଯ୍ୟାଳୟ କେସ୍ ନଂ. ୯୯/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି।

## କାଉଡ଼ିଆ ଘାଟ ସଫା କଲେ ସ୍ୱେଚ୍ଛାସେବୀ

ଜୟପୁର, ୧୨।୭(ପବନ ପାଣିଗ୍ରାହୀ)

ଶ୍ରାବଣ ମାସ ପ୍ରଥମ ସୋମବାର ପାଇଁ ପାତ୍ରପୁଟ ନଦୀ ନିକଟ ଅଞ୍ଚଳକୁ ଜୟପୁରର କେତେକ ସ୍ୱେଚ୍ଛାସେବୀ ସଫା କରିଛନ୍ତି। ନଦୀରୁ ପାଣି ନେଇ ବାବା ଗୁପ୍ତେଶ୍ୱରଙ୍କୁ ପୀଠକୁ ଯିବାକୁ ଥିବାରୁ ସେହି ଅଞ୍ଚଳକୁ ସଫା କରାଯାଇଛି। ସ୍ୱେଚ୍ଛାସେବୀମାନେ ନଦୀ ନିକଟରେ ଥିବା ଲଟାବୁଦାଗୁଡିକୁ ସଫା କରି କାଉଡିଆମାନେ ଶାନ୍ତିରେ ପାଣି ଭାର ଧରି ନଦୀରୁ ରାସ୍ତା ଉପରକୁ ଯାଇପାରିବା ନେଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଅଞ୍ଚଳରେ ଫିନାଏଲ ପକାଇଛନ୍ତି। ସେହି ଅଞ୍ଚଳରେ ମଦୁଆଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ତାକୁ ସଫା କରାଯାଇଛି। କାଉଡିଆମାନେ ଜଳାଭିଷେକ ପରେ ବ୍ୟବହାର କରୁଥିବା ଜରିଗୁଡ଼ିକ ଏଣେ ତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବାକୁ ସ୍ୱେଚ୍ଛାସେବୀ ପକ୍ଷରୁ ନିବେଦନ କରାଯାଇଛି। ସ୍ୱେଚ୍ଛାସେବୀ ରବିନ୍ଦ୍ର ନାୟକ, ହରିଶଙ୍କର ନାୟକ, ରାଜେନ୍ଦ୍ର ବିଷୋୟୀ, ନାରାୟଣ ମହାନ୍ତି, ନରସିଂହ ବିଷୋୟୀ ଓ ଅନ୍ୟମାନେ ସଫେଇରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଟିକିରି, ୧୨।୭
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଥାନା ଅଧୀନ କୋଡିକିପଦର ଛକ ନିକଟରେ ଶନିବାର ଏକ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ କୋଡିକିପଦର ଗ୍ରାମର ଗୁରୁନାଥ ମାଝୀ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ଆନ୍ଦୋଳନରୁ ଓହରିବାକୁ ନିବେଦନ କଲା ଜିଲା ଭାଜପା

ନବରଙ୍ଗପୁର, ୧୨।୭(ସଦାଶିବ ପ୍ରହରାଜ)


ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ଡ୍ରାଇଭର ମହାସଂଘର ଆନ୍ଦୋଳନ ୮ ତାରିଖରୁ ଜାରି ରହିଛି। ଫଳରେ ନିତ୍ୟ ବ୍ୟବହାର ସାମଗ୍ରୀ ପରିବହନରେ ସମସ୍ୟା ହେଉଛି। ସଂଘର ସମସ୍ତ ଦାବି ଉପରେ ଆଲୋଚନା ପାଇଁ ସରକାରଙ୍କ ଦ୍ୱାର ଖୋଲା ରହିଛି। ତେଣୁ ଆନ୍ଦୋଳନରୁ ଓହରିବାକୁ ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ଜିଲା ସଭାପତି କୁଞ୍ଜବିହାରୀ ଦାଶ ଓ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଶନିବାର ସ୍ଥାନୀୟ ସର୍କିଟ ହାଉସରେ ଏକ ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି।

ବିଧାୟକ ମାଝୀ ଓ ସଭାପତି ଦାଶ କହିଛନ୍ତି, ଡ୍ରାଇଭରମାନେ ସମାଜର ଏକ ବିଶିଷ୍ଟ ଅଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସହଯୋଗୀ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସରକାର ରାଜ୍ୟ ଡ୍ରାଇଭର ସଂଘ ସହ ଦାବି ଉପରେ ଆଲୋଚନାକରି ତାହାକୁ ପୂରଣ କରିବାକୁ ଥିଲା। ସଂଘ ବିଜେଡି ଓ କଂଗ୍ରେସ ପ୍ରବଞ୍ଚନାରେ ପଡ଼ି ଆନ୍ଦୋଳନ ଜାରି ରଖିଛନ୍ତି। କିନ୍ତୁ ସରକାର ଡ୍ରାଇଭର ସଂଘ ସାଥିରେ ଅଛନ୍ତି। ସରକାର କ୍ଷମତାକୁ ଆସିବା ୧୩ ମାସ ହୋଇଛି। ବିରୋଧୀ ଟଙ୍କା ଦେଇ ବିଭିନ୍ନ ସଙ୍ଗଠନକୁ ଆନ୍ଦୋଳନ ପାଇଁ ଉସୁକାଉଛନ୍ତି। ବର୍ତ୍ତମାନ ପେଟ୍ରୋଲ, ଡିଜେଲ, ଗ୍ୟାସ୍, କ୍ଷୀର, ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିବାପରେ ସମସ୍ୟା ଦେଖାଦେଉଛି। ତେଣୁ ଡ୍ରାଇଭର ସଂଘ ଆନ୍ଦୋଳନରୁ ଓହରିବାକୁ ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଦେବଦାସ ମହାକୁଡ ଓ ଯୁବମୋର୍ଚ୍ଚାର ଅନନ୍ତ ପଣ୍ଡା ଉପସ୍ଥିତ ଥିଲେ।

# ୨୪୧ ଶିକ୍ଷକ, ୧୦୪ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି

### ୭୭ ନୂତନ ଶିକ୍ଷକ ପଦବୀ, ୨୬୨ ଅଣଶିକ୍ଷକ ପଦବୀ ସୃଷ୍ଟି ପାଇଁ ସରକାରଙ୍କୁ ଚିଠି

ନବରଙ୍ଗପୁର, ୧୨।୭ (ସଦାଶିବ ପ୍ରହରାଜ)

ପିଲାଙ୍କ ଭବିଷ୍ୟତ ସ୍କୁଲ ଶିକ୍ଷା ଉପରେ ବିଶେଷଭାବେ ନିର୍ଭରକରେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ହିଁ ମୂଳଦୁଆ ପଡ଼ିଥାଏ। ତେବେ ଜିଲାରେ ବହୁଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷକ ଅଭାବରେ ପିଲାଙ୍କ ଭବିଷ୍ୟତ କଥା ସରକାର ଚିନ୍ତା କରିବା ବିଡ଼ମ୍ବନାର ବିଷୟ। ସୀମିତ ଶିକ୍ଷକଙ୍କ ଉପରେ ଚାପ ପକାଇବା ପରିବର୍ତ୍ତେ ଶିକ୍ଷକ ନିଯୁକ୍ତି ଏକ ମାତ୍ର ବିକଳ୍ପ ବୋଲି ଆଲୋଚନା ହେଉଛି।

ନବରଙ୍ଗପୁର ଜିଲାରେ ୧୩୫ ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୧୦୪ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ୧୦୩୬ ଶିକ୍ଷକ ପଦବୀ ମଧ୍ୟରୁ ୭୯୫ ଶିକ୍ଷକ ରହିଛନ୍ତି। ୨୪୧ ଶିକ୍ଷକ ପଦବୀ ଖାଲି ପଡ଼ିଛି। ହାଇସ୍କୁଲ ସଂଖ୍ୟା ବୃଦ୍ଧି ପାଇବା ସହ ଶିକ୍ଷକ ପଦବୀ ମଧ୍ୟ ସୃଷ୍ଟି କରାଯାଇ ନାହିଁ। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ୧୦୪ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାବ୍ୟତୀତ ୭୭ ନୂତନ ଶିକ୍ଷକ ପଦବୀ, ଅଣଶିକ୍ଷକ ପଦବୀ, ନୂତନ ପିଅନ ପଦବୀ ୭୭ ଓ ନୂତନ କିରାଣି ୧୮୫ ପଦବୀ ପାଇଁ ମଧ୍ୟ ସରକାରଙ୍କୁ ଚିଠି କରିଛନ୍ତି । ଶିକ୍ଷକ ଅଭାବ ଶିକ୍ଷାଦାନ ବ୍ୟବସ୍ଥାକୁ ସଙ୍ଗିନ ପରିସ୍ଥିତି ଆଡ଼କୁ ଠେଲି ଦେଉଛି ।ଏନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି।

# ନାତୁଣୀ ଏକୋଇଶିଆରେ ଶତାଧିକ ଚାରା ଲଗାଇଲେ ଜେଜେ ବାପା



ଚାରାରୋପଣ କାର୍ଯ୍ୟକ୍ରମରେ ରାଉତ ପରିବାର ସଦସ୍ୟ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ତେନ୍ତୁଲିଖୁଣ୍ଟି, ୧୨।୭(ଚିଦାନନ୍ଦ ସାହୁ)

ଘରେ ଝିଅ ଜନ୍ମହେବା ଖୁସିକୁ ସମସ୍ତଙ୍କ ସହ ବାଣ୍ଟିବାକୁ ପରିବାର ଲୋକେ ଆପଣାଇଥିଲେ ଅଭିନବ ଉପାୟ। ଝିଅ ଏକୋଇଶିଆରେ ସମସ୍ତେ ଏକାଠି ହୋଇ ଲଗାଇଥିଲେ ଶତାଧିକ ଚାରା। ଏପରି ଏକ ସୁନ୍ଦର ଦୃଶ୍ୟ ଶନିବାର ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଅଞ୍ଚଳରୁ ସାମ୍ନାକୁ ଆସିଛି।

ତେନ୍ତୁଲିଖୁଣ୍ଟି ବ୍ଲକ୍ ସଦର ଅଞ୍ଚଳର ବ୍ୟବସାୟୀ କୃପାନିଧି ରାଉତଙ୍କ ପୁଅ ହେମନ୍ତଙ୍କ କନ୍ୟା ସନ୍ତାନଟିଏ ହୋଇଥିଲା। ନାତୁଣୀର ଏକୋଇଶିଆକୁ ଏକ ଅଭିନବ ଢଙ୍ଗରେ ପାଳିବାକୁ କୃପାନିଧି ମନସ୍ଥ କରିଥିଲେ। ସାଙ୍ଗସାଥୀ, ଖବରଦାତା ବନ୍ଧୁ ପରିଜନଙ୍କୁ ଏକାଠି କରି ଚାରା ରୋପଣ କରିବାକୁ ସ୍ଥିର କରିଥିଲେ। ଏ ନେଇ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ ସରକାରୀ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସହ ମିଶି ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। ଏହି ସମୟରେ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିନୟ ବେହେରା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ଚାକିରି କରାଇଦେବାକୁ କହି ଠକେଇ ଅଭିଯୋଗ

ଜୟପୁର, ୧୨।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନାରେ ରେଳ ବିଭାଗରେ ଚାକିରି କରାଇବା ନାଁରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମାମଲା ଅନୁଯାୟୀ, ଜୟପୁର ସଦର ଥାନା ହାଡିଆ ପଞ୍ଚାୟତର ଖଇରିମୁଣ୍ଡି ଗ୍ରାମର ପ୍ରହ୍ଲାଦ ହରିଜନ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦା ତଥା ବର୍ତ୍ତମାନ ଆମ୍ବାଗୁଡରେ ରହୁଥିବା ମନୋଜ କୁମାର ନାୟକଙ୍କ ସହ ଅଭି ନାମକ ଜଣେ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରିଆରେ ପରିଚୟ ହୋଇଥିଲା। ଅଭିଯୁକ୍ତ ମନୋଜ ରେଳ ବିଭାଗରେ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ କରାଇଦେବାକୁ କହିଥିଲେ। ଉଭୟଙ୍କୁ ଚାକିର ବାବଦକୁ ୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି କହିଥିଲେ। ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ। ପ୍ରହ୍ଲାଦଙ୍କ ଝିଅ ଓ ଶଳା ଅନଲାଇନ ମାଧ୍ୟମରେ ଆବେଦନ କରଥିଲେ। ଏହିପରି ଅଭିଯୁକ୍ତ ମନୋଜଙ୍କ ଉପରେ ପୀଡିତଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା ଏହା ପରେ ଫୋନ ପେ ମାଧ୍ୟମରେ ଅଭିଯୁକ୍ତଙ୍କୁ ଏପ୍ରେଲ ମାସରୁ ମେ ମାସ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଜୁନ ୨୬ରେ ବିଶାଖପାଟଣା ରେଳ ବିଭାଗର ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ କରିଥିଲେ। କିନ୍ତୁ ତାଙ୍କର ଫୋନ ସୁଇଚ ଅଫ ଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ଗାଁକୁ ଫେରି ଆସିଥିଲେ। ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଘରକୁ ଯାଇଥିବା ବେଳେ ଘରେ ତାଲା ପଡିଥିବା ଦେଖିଥିଲେ। ପଡ଼ୋଶୀଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା କହିଥିଲେ। ତାଙ୍କ ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ। କିନ୍ତୁ ସେଠାରେ ମଧ ତାଙ୍କର କୌଣସି ଦେଖା ମିଳିନଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।


# ଚୋରି ଘଟଣାରେ ୨ ଅଭିଯୁକ୍ତ ଗିରଫ


ପୋଲିସ ସହ ଗିରଫ ୨ ଅଭିଯୁକ୍ତ।

ନବରଙ୍ଗପୁର, ୧୨।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରର ଶଙ୍ଖାରିସାହିର ଏନ୍.ସନ୍ତୋଷ ରାଓଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିଲେ। ୫ ତାରିଖରେ ସନ୍ତୋଷଙ୍କ ପୁଅ ଏନ୍. ଆପ୍ପା ରାଓ ଘରକୁ ଆସିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଏତଲା ଦେଇଥିଲେ। ପୋଲିସ ୨୫୯/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ଏହି ଚୋରି ମାମଲାରେ ସମ୍ପୃକ୍ତ ୨ ଜଣଙ୍କୁ ଶନିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୋଡିଙ୍ଗା ଥାନା ଅଧୀନ ଭାଲୁଗୁଡ଼ା ଗାଁର ସୁବାସ ଭତରା ଓରଫ ଦେଶିଆ ଓ ନବରଙ୍ଗପୁର ଲୋହରା ସାହିର ଜାଗା ହରିଜନ। ସେମାନଙ୍କଠାରୁ ୪ଟି ସୁନା ଚେନ୍ ଜବତ କରାଯାଇଛି। ଏସ୍‌ଆଇ ସମ୍ମିତ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ଡାକ୍ତର ଦିଲୀପ ଦଳେଇ ରାଜ୍ୟସ୍ତରରେ ପୁରସ୍କୃତ



ଡାକ୍ତର ଦିଲୀପ ଦଳାଇ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପାପଡ଼ାହାଣ୍ଡି, ୧୨।୭
(ସ୍ୱପ୍ନଜିତ ପଟ୍ଟନାୟକ)

### ପାପଡ଼ାହାଣ୍ଡିର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ

ବିଶ୍ୱ ଜନସଂଖ୍ୟା ଦିବସରେ ଶୁକ୍ରବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଦିଲୀପ ଦଳେଇଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଡା. ଦଳେଇଙ୍କୁ ପୁରସ୍କୃତ କରିଛନ୍ତି। ଏଠାରେ ବେଷ୍ଟ ସର୍ଜନ ଭାବେ ରାଜ୍ୟର ୧୫ ଜଣ ଡାକ୍ତରଙ୍କୁ ପୁରସ୍କୃତ କରାଯାଇଛି। ସେମାନଙ୍କ ମଧ୍ୟରେ ଦିଲ୍ଲୀପ ଅନ୍ୟତମ। ସେ ୨୦୨୪ରୁ ୨୫ ମଧ୍ୟରେ ୧୧୦୦ରୁ ଊର୍ଦ୍ଧ୍ୱ ସ୍ତ୍ରୀ ଓ ପୁରୁଷଙ୍କ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରିଥିଲେ। ଏଥିପାଇଁ ଡା. ଦଳେଇଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଗର୍ଭବତୀମାନେ କିପରି ଉନ୍ନତ ସେବା ପାଇବେ ସେଥିପ୍ରତି ଡାକ୍ତର ଦଳେଇ ସବୁବେଳେ ଯତ୍ନବାନ୍ ରହିବା ସହ ଅଧିକରୁ ଅଧିକ ସରକାରୀ ସୁବିଧା ଯୋଗାଇବା ନେଇ ଧ୍ୟାନଦେବେ ବୋଲି କହିଛନ୍ତି। ସେ ପୂର୍ବରୁ ୨୦୨୪ ମସିହାରେ ଜିଲା ସ୍ୱାସ୍ଥ୍ୟ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ମାନସିକ ଅନଗ୍ରସର ବିଦ୍ୟାଳୟରେ ଜନ୍ମଦିନ ପାଳିଲେ ବିଧାୟକ



ବିଧାୟକ ଗୌରୀ ଶଙ୍କର ମାଝି ପିଲାଙ୍କୁ ମିଠା ଖୁଆଉଛନ୍ତି।

ନବରଙ୍ଗପୁର, ୧୨।୭
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାୟକ ଗୌରୀ ମାଝୀ ନିଜ ଜନ୍ମ ଦିନକୁ ସ୍ଥାନୀୟ ମାନସିକ ଅନଗ୍ରସର ଆଶା କିରଣ ବିଦ୍ୟାଳୟରେ ପାଳନ କରିଛନ୍ତି। ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଛେନା ପୋଡ଼ କାଟିଥିଲେ। ସାଙ୍ଗରେ ଆଣିଥିବା ନୂଆଁ ଡ୍ରେସ୍ , ଖାତା ପେନ୍, ଚକୋଲେଟ ବାଣ୍ଟି ଥିଲେ। ଏହି ସମୟରେ ବିଧାୟକଙ୍କ ସ୍ତ୍ରୀ ତରୁଣୀ ମାଝୀ ଓ ଭାଜପାର ନଗର ସଭାପତି ପିଣ୍ଟୁ ମିଶ୍ର, ଜିଲା ସଭାପତି କୁଞ୍ଜ ଦାସ, ମିଡିଆ ସେଲ ସଞ୍ଚାଳକ ଦେବଦାସ ମହାକୁଡ଼ ଏବଂ ଅନେକ କର୍ମୀମାନେ ଉପସ୍ଥିତ ଥିଲେ। ଜନ୍ମ ଦିନ ଅବସରରେ ଆଶା କିରଣ ବଗିଚାରେ ଏକ ଦଶରି ଆମ୍ବ ଚାରାରୋପଣ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍କୁଲ ସମସ୍ୟାକୁ ଲିଖିତଭାବେ ଜଣାଇଥିଲେ। ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲର ସମସ୍ତ କୋଠାକୁ ରଙ୍ଗୀନ କରାଯିବ ବୋଲି କହିଥିଲେ। ପୂର୍ବରୁ ଅନେକ ଥର ଆସିଥିଲେ ମଧ୍ୟ ଜନ୍ମଦିନ ଏଠାରେ ପାଳିବା ଏକ ନିଆରା ଅନୁଭୂତି ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା, ଈଶ୍ୱର ବଞ୍ଜାରା, ଶାନ୍ତି ପଣ୍ଡା, ରଶ୍ମିତା ପ୍ରଧାନ, ରିଙ୍କୁରାଜ ବେହେରା, ରଶ୍ମିତ ଧନଫୁଲଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ମିଳୁନି ରନ୍ଧନ ଗ୍ୟାସ୍, ପେଟ୍ରୋଲ ଡିଜେଲ



ମଇଦଲପୁରରେ ବନ୍ଦ ଥିବା ଏକ ପେଟ୍ରୋଲ ଟାଙ୍କି।

### ଓଡ଼ିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଆସୁନି ଗାଡ଼ି

ପାପଡ଼ାହାଣ୍ଡି, ୧୨।୭
(ସ୍ୱପ୍ନଜିତ ପଟ୍ଟନାୟକ)

ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ପ୍ରଭାବରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ସମେତ ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ସରିଯାଇଛି। ମାଲିକ ମାନେ ପେଟ୍ରୋଲ ପମ୍ପରେ ଏବଂ ରନ୍ଧନ ଗ୍ୟାସ କାର୍ଯାଳୟରେ ତାଲା ପକାଇବା ପରେ ସ୍ଥିତି ବିଗୁଡ଼ିଛି। ୨ ଦିନ ହବ ମୈଦଲପୁର ସହର ସମେତ ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲ ସରିଛି। ଗାଡ଼ି ଆସୁନଥିବା ଏପରି ଅବସ୍ଥା ହୋଇଛି। ଲୋକେ ବର୍ତ୍ତମାନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ପାଇଁ ହନ୍ତସନ୍ତ ହେଉଛନ୍ତି। କଳା ବଜାରକାରୀ ଏହାର ଫାଇଦା ଉଠାଉ ଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ପ୍ରତିଷ୍ଠାନମାନେ ବାଣୀଜିକ ଗ୍ୟାସ ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି।

# ସ୍କୁଲ ପରିସର, ଶ୍ରେଣୀଗୃହରେ ଅଳିଆ ଦେଖି ରାଗିଲେ ମନ୍ତ୍ରୀ

ଉମରକୋଟ, ୧୨।୫(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରକୁ ଶନିବାର ଅଚାନକ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗସ୍ତ କରିଥିଲେ। ସ୍କୁଲ ପରିସର ଓ ଶ୍ରେଣୀଗୃହରେ ଅଳିଆ, ଆବର୍ଜନା ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ। ଆଉ ଥରେ ଏପରି ଦେଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ।

ସୂଚନାନୁଯାୟୀ, ମନ୍ତ୍ରୀ ବିଦ୍ୟାଳୟ ଭିତରେ ପଶୁପଶୁ ଅଳିଆ ଆବର୍ଜନା ପଡ଼ିଥିବା ଦେଖିଥିଲେ। ବିଦ୍ୟାଳୟ ବାହାରେ ଯେମିତି ପରିସ୍ଥିତି ଶ୍ରେଣୀଗୃହ ଭିତରେ ମଧ୍ୟ ଠିକ୍ ସେହିଭଳି ଦେଖା ଯାଉଥିଲା।


ମନ୍ତ୍ରୀ ଶ୍ରେଣୀଗୃହରେ ପଡ଼ିଥିବା ଅଳିଆ ଦେଖୁଛନ୍ତି।

ପିଲାଙ୍କ ପ୍ରତ୍ୟେକ ଟେବୁଲ ତଳେ କୁଢ଼ କୁଢ଼ ଅଳିଆ ଦେଖି ବିରକ୍ତି ପ୍ରକାଶ କରିବା ସହ ମନ୍ତ୍ରୀ ରାଗିଯାଇଥିଲେ। ଉପସ୍ଥିତ ଶିକ୍ଷକମାନଙ୍କ ଉପରେ ଭୀଷଣ ବର୍ଷିଥିଲେ। ଅଳିଆ ଆବର୍ଜନା ସଫା କିପରି ହେବ ତାହା ଶିକ୍ଷକମାନଙ୍କ ଦାୟିତ୍ୱ ବୋଲି ତାଗିଦ କରିଥିଲେ। ତୁରନ୍ତ ସ୍କୁଲର ଅଳିଆ ଆବର୍ଜନା ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ବିଦ୍ୟାଳୟ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ବର୍ତ୍ତମାନଠାରୁ ନିୟମିତ ସ୍କୁଲ ପରିଦର୍ଶନରେ ଆସିବେ ବୋଲି କହିଥିଲେ। ଏହି ପରିଦର୍ଶନ ସମୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲା ଭାଜପା ଏସ୍‌ସି ମୋର୍ଚ୍ଚାର ଉପସଭାପତି ରମେଶ ଦାସ ଓ ମୁନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

# ଏମ୍‌ଭି-୧୦୪ ଗାଁରୁ ଏମ୍‌ଭି-୧୦୯ ମୁଖ୍ୟ ରାସ୍ତାରେ ଆଣ୍ଠୁଏ କାଦୁଅ

**କୋରୁକୋଣ୍ଡା, ୧୨।୭(ଶିବଦତ୍ତ ସାହୁ)**

- ୧.୫ କି.ମି. ପାଇଁ ୬୦ ଲକ୍ଷ ହୋଇଥିଲା ଖର୍ଚ୍ଚ
- ତଦନ୍ତ ପରେ ତୁରନ୍ତ ପଦକ୍ଷେପ ନିଆଯିବ:ନିର୍ବାହୀ ଯନ୍ତ୍ରୀ

କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ପଞ୍ଚାୟତ ଏମ୍‌ଭି-୧୦୪ ରୁ ଏମ୍‌ଭି-୧୦୯ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। କିଛି ବର୍ଷ ପୂର୍ବେ ୧.୫ କି.ମି.ପାଇଁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାସ୍ତା ତିଆରି ସରିବାର କିଛି ମାସ ନ ହେଉଣୁ ପିଚୁ ଉଠି ଅବସ୍ଥା ଶୋଚନୀୟ ହୋଇପଡିଛି। କେଉଁଠି ରାସ୍ତା ଦବିଯାଇଛି, କେଉଁଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟିହେବା ଯୋଗୁ ବହୁ ସ୍ଥାନରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ଏକ ବ୍ରିଜ୍ ଉପରୁ କଂକ୍ରିଟ ଉଠିଯାଇ ରଡ୍‌ଗୁଡିକ ଉପରକୁ ବାହରି ରହିଛି। ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ରାସ୍ତା ସାରା କାଦୁଅ ହୋଇଯାଇଛି। ଯାତାୟାତ କରିବା ସମୟରେ ଗ୍ରାମବାସୀ, ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଲଖମା ଓ କାଦୁଅ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପାଇଁ ଆସିଥିବା ୬୦ଲକ୍ଷ ଟଙ୍କା ଠିକ୍ ଭାବେ ଖର୍ଚ୍ଚ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ତିଆରି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ଗାଁରେ ୧୬୦ରୁ ଅଧିକ ପରିବାର ବାସ କରୁଛନ୍ତି । ଲୋକସଂଖ୍ୟା ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ରହିଛି ।


ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି ।

ସୂଚନାଯୋଗ୍ୟ, ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ଚିତାପାରି –୧ ଗାଁ ଆରମ୍ଭରୁ ଏମ୍‌ଭି-୧୦୪ ଗାଁ ଶେଷ ପର୍ଯ୍ୟନ୍ତ ପ୍ରାୟ ୧.୫ କି.ମି.ରାସ୍ତା ଉପରେ ଚିତାପାରି-୧, ଏମ୍‌ଭି-୧୦୪, ଏମ୍‌ଭି-୧୦୯, ବାଲିମେଳା ଟାଉନ ଓ ତାର୍ଲାକୋଟା ସମେତ ଆଖ ପାଖ ବିଭିନ୍ନ ପଞ୍ଚାୟତର ଶତାଧିକ ଗ୍ରାମବାସୀ ପ୍ରତିଦିନ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। କିଛି ବର୍ଷ ପୂର୍ବେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୬୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ୫ ବର୍ଷ ଭିତରେ ମରାମତି ପାଇଁ ଅତିରିକ୍ତ ୩ ଲକ୍ଷ ୪୦ହଜାର ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଠିକାଦାର ସୁଦନ୍ୟ ସରକାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭ ହେବାର କିଛି ମାସ ପରେ ଶେଷ ହୋଇଥିଲା। ନିମ୍ନ ମାନର କାମ ଯୋଗୁ କିଛି ମାସ ନ ଯାଉଣୁ ଅବସ୍ଥା ଶୋଚନୀୟ ହୋଇପଡିଛି। ଖାଲି ମୁଖ୍ୟ ରାସ୍ତା ନୁହେଁ, ଗାଁ ଭିତରେ ମଧ କଂକ୍ରିଟ କରାଯାଇଛି। ଅନ୍ୟ ରାସ୍ତା ଅବସ୍ଥା ନ କହିବା ଭଲ। ମୁଖ୍ୟତଃ ଏମ୍‌ଭି-୧୦୪ ରୁ ଏମ୍‌ଭି ୧୦୯ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ହୋଇ ଆଣ୍ଠୁଏ ଲେଖାଏ କାଦୁଅ ଓ ପାଣି ଜମି ରହିଛି। ଏହି ରାସ୍ତା ନିର୍ମାଣ ପାଇଁ ୨ ଗ୍ରାମବାସୀ ବହୁବାର ପଞ୍ଚାୟତ ଅଧିକାରୀ, ବ୍ଲକ୍ କର୍ତ୍ତୃପକ୍ଷ, ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା ଉଭୟ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିନ୍ତୁ କିଛି ପଦକ୍ଷେପ ନିଆଯାଇ ନାହିଁ।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀଙ୍କୁ ପଚାରିବାରୁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ଗ୍ରାମକୁ ପଠାଇ ରାସ୍ତା ଅନୁଧ୍ୟାନ କରିବା ପରେ ବିଭାଗ ପକ୍ଷରୁ ମରାମତି ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ୨୩ ମାଓବାଦୀଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣ କରିଥିବା ୨୩ ମାଓବାଦୀ ।

**ମାଲକାନଗିରି, ୧୨।୭
(ଦୁର୍ଯ୍ୟୋଧନ ପାତ୍ର/ଗୌରୀ ଶଙ୍କର ପଣ୍ଡା)**

ଛତିଶଗଡ଼ର ସୁକ୍‌ମା ଜିଲାରେ ଶନିବାର ୨୩ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଅନେକ ହିଂସା ଘଟଣାରେ ଜଡ଼ିତ ଥିଲେ। ଦିନକୁ ଦିନ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ଜଣ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ୨୩ ଜଣଙ୍କ ନାମରେ ୧ କୋଟି ୧୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ସୁକ୍‌ମା ଏସ୍‌ପି କିରଣ ଚୌହାନ ଏବଂ ସିଆର୍‌ପିଏଫ୍ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ପାଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ୫୦ ହଜାର ଲେଖାଏ ସହାୟତା ରାଶି ସହ ଏମାନଙ୍କୁ ଆଗକୁ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ସୁକ୍‌ମାର ପୂର୍ବତନ ଜିଲାପାଳ ଆଲେକ୍ସ ପଲ ମେନନ୍‌ଙ୍କ ଅପହରଣରେ ଜଡିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ୬ ଗୋରୁ ମୃତ


ରାସ୍ତାରେ ମରି ପଡିଥିବା ଗୋରୁ ।

**କାଳିମେଳା, ୧୨।୭(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଳା ଥାନା ୩୨୬ ନଂ. ଜାତୀୟ ରାଜପଥ ଏମ୍‌ଭି ୬୬ ଛକରେ ଶୁକ୍ରବାର ରାତି ପ୍ରାୟ ୨ଟାରେ ଅଜଣା ଗାଡ଼ି ଧକ୍କାରେ ୬ ଗୋରୁଙ୍କ ମୃତ୍ୟୁ ହୋଇଛି । ଏମଭି ୬୬ ଗ୍ରାମର ଶମ୍ଭୁ ଢାଲି, ବିଶ୍ୱଜିତ ପାତ୍ର, ସୁବାସ ଶର୍କରା, ଦୀପଙ୍କର ମଣ୍ଡଳ ଓ ସମୀର ମଜୁମଦାରଙ୍କ ଗୋରୁ ହୋଇଥିବା ବେଳେ ସେଥିରେ ୩ ଗାଈ,ଗୋଟିଏ ବାଛୁରି ଏବଂ ଦୁଇଟି ବଳଦ ଥିବା ଜଣାପଡିଛି । ରାଜପଥ ଉପରେ ଗୋରୁଗୁଡ଼ିକ ରାତିରେ ଶୋଇଥିବା ବେଳେ କୌଣସି ଅଜଣା ଗାଡିଧକ୍କାଦେଇ ଫେରାର ହୋଇଯାଇଛି। ଦୀର୍ଘ ସମୟ ଧରି ଗୋରୁଙ୍କ ମୃତଦେହଗୁଡିକ ରାସ୍ତା ଉପରେ ପଡିଥିବା ବେଳେ ପୋଲିସ ଏବଂ ଗ୍ରାମବାସୀଙ୍କ ସହାୟତରେ ମୃତଦେହ ଗୁଡିକ ରାସ୍ତାରୁ ଉଠାଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ କରିଛି । ପ୍ରଶାସନ ପକ୍ଷରୁ ଗୋରୁ ମାଲିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ସନ୍ଦେହ

**କୋରୁକୋଣ୍ଡା, ୧୨।୭(ଶିବଦତ୍ତ ସାହୁ)**

କୋରୁକୋଣ୍ଡା ବ୍ଲକ୍ ପୋଡ୍ରେଲ ପଞ୍ଚାୟତ ପୁରୁଣା ଚିତାପାରି ଗ୍ରାମରେ ରହୁଥିବା ଶରତ ଖରା(୨୪)ଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ ସାପ କାମୁଡିବା ଯୋଗୁ ତାଙ୍କର ମୃତ୍ୟୁ ସନ୍ଦେହକରି ପରିବାର ଲୋକେ କୋରୁକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ପ୍ରଦୀପ କୁମାର ଖିଲଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶରତ ଶୁକ୍ରବାର ରାତିରେ ଘରେ ଥିଲେ। ଶନିବାର ସକାଳୁ ଅଚେତ ଅବସ୍ଥାରେ ଏକ ଗଛ ମୂଳେ ଶୋଇଥିବା ଏବଂ ତାଙ୍କ ପାଟିରୁ ଫେଣ ବାହାରୁଥିବା ଲୋକେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ବାଲିମେଳା ମେଡିକାଲକୁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣା ପଡିବ ବୋଲି ଥାନା ଅଧିକାରୀ ବାରିକ କହିଛନ୍ତି।

### ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍‌ର ଅନୁଧ୍ୟାନ

**ଜୟପୁର, ୧୨।୭(ପବନ ପାଣିଗ୍ରାହୀ)**

ଭୁବନେଶ୍ୱରରୁ ଏକ ସ୍ୱାସ୍ଥ୍ୟ ଟିମ୍ ଜୟପୁର ସହରାଞ୍ଚଳରେ ଥିବା ପୁରୁଣା ହସ୍ପିଟାଲ ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଜଗଧାତ୍ରୀପୁର ସ୍ୱାସ୍ଥ୍ୟକେନ୍ଦ୍ରର କ୍ୱାଲିଟି ଶନିବାର ଯାଞ୍ଚ କରିଛନ୍ତି। ଚିକିତ୍ସାଳୟର ଚାରିପଟେ ବୁଲି କ୍ୱାଲିଟି ଯାଞ୍ଚ କରିବା ସହ ନଥିପତ୍ର, ଔଷଧ ଏବଂ ନୂତନ କୋଠା ନିର୍ମାଣ ସ୍ଥାନ ଦେଖିଥିଲେ। ରାଜ୍ୟ ସରକାରଙ୍କୁ ଏହି ଚିକିତ୍ସାଳୟର ରିପୋର୍ଟ ଦେବା ପରେ ଆଗାମୀ ଦିନରେ କେନ୍ଦ୍ରର ଏକ ଟିମ୍ ଆସି ଏହାର ଅନୁଧ୍ୟାନ କରିବେ ବୋଲି ୨ ଡାକ୍ତର ଶିଭାଶିଷ ସ୍ୱାଇଁ ଓ ତାପସ ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ରାଜ୍ୟ ଟିମ୍ ସହ ଡା. ଅରୁଣ ପାଢି ଓ ଡା. ସ୍ୱର୍ଣ୍ଣପ୍ରଭା ବେହେରା ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା


ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ ଛାତ୍ରଙ୍କ ସହ ଅତିଥି ।

**ଖଇରପୁଟ, ୧୨।୭(ଜଗନ୍ନାଥ ମାଝି)**

କୁଡୁମୁଲୁଗୁମ୍ମା ଗୁଣ୍ଡୁରିଗୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ କନ୍ଦର୍ପ ଦଳେଇଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସଭାରେ ବିଦ୍ୟାଳୟ ଅଧକ୍ଷ ମହେଶ୍ୱର ସାହୁ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନାର ପୁରାତନ କମିଟି ସଦସ୍ୟ ସୁକୁମାର ଦେଓ, ବାଳକୃଷ୍ଣ ପ୍ରଧାନ, ମଳୟ କୁମାର ନନ୍ଦୀ,ଦିଲ୍ଲୀପ କୁମାର ଦାସ ଓ ଭଗବାନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଅଧକ୍ଷ ସାହୁ ସଂସ୍କୃତ ଶିକ୍ଷକ ଦଳେଇ ଜଣେ ନମ୍ର, ଶାନ୍ତ , ସରଳ, ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ବ୍ୟକ୍ତି ଅଟନ୍ତି । ଶିକ୍ଷକତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବାରୁ ଛାତ୍ରୀଛାତ୍ରଙ୍କ ସହ ସମସ୍ତଙ୍କ ଆଦର୍ଶ ହୋଇଛନ୍ତି ବୋଲି କହିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭମନାସୀ ଥିଲେ । ଶେଷରେ ଦଳେଇ ଏକ ଗପ ମାଧ୍ୟମରେ ସମୟର ମୂଲ୍ୟ ବୁଝାଇ କହିଥିଲେ, ଅତୀତର ସମୟକୁ କେହି ଫେରାଇପାରିବେ ନାହିଁ, କି ଭବିଷ୍ୟତ ସମୟ ବିଷୟରେ କିଛି ଭବିଷ୍ୟବାଣୀ କରିହେବ ନାହିଁ । ଏଣୁ ବର୍ତ୍ତମାନ ସମୟର ଠିକ୍ ସଦ୍‌ଉପଯୋଗ ଓ ବିନିଯୋଗ ଏକ ଅମୁଲ ମୂଳ ସଦୃଶ। ଯାହାର କୌଣସି ତୁଳନା ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶେଷରେ ଦଳେଇଙ୍କୁ ଅଧକ୍ଷ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କାଳିମେଳା ପୋଲିସ ଦ୍ୱାରା ଗଞ୍ଜେଇ ଜବତ

**କାଳିମେଳା, ୧୨।୭(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଳା ପୋଲିସ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ପପୁଲୁର ପଞ୍ଚାୟତ ଅନ୍ତର୍ଗତ ଦୁଲାଗୁଣ୍ଡି ଗାଁ ଜଙ୍ଗଲରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ନେଇ କାଳିମେଳା ପୋଲିସକୁ ଖବର ମିଳିଥିଲା । ପରେ ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଡି.ଡି.ସୁଗ୍ରୀଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଅପରାହ୍ଣ ୪ଟାରେ ଚଢ଼ାଉ କରି ପ୍ରାୟ ୪୬ ଟି ବସ୍ତାରେ ଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଏଥିରେ କାହାକୁ ଗିରଫ କରାଯାଇନାହିଁ। ସେ ଗୁଡିକ ଓଜନ କରାଯିବା ପରେ ୧୧ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ପୋଲିସ ମାମଲା ରୁଜୁ କରି ଏତେ ଗୁଡିକ ଗଞ୍ଜେଇ କିଏ ରଖିଥିଲା ସେ ନେଇ ତଦନ୍ତ ଆରମ୍ଭ କରିଛି।

# ମହିଳାଙ୍କୁ ବୈଦ୍ୟୁତିକ ମାଟିପାତ୍ର ତିଆରି ଯନ୍ତ୍ର ପ୍ରଦାନ



ମହିଳାମାନେ ବୈଦ୍ୟୁତିକ ଯନ୍ତ୍ରରେ ମାଟି ପାତ୍ର ଗଢୁଛନ୍ତି।

**ନନ୍ଦପୁର, ୧୨।୭ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ଓର୍ମାସ ପକ୍ଷରୁ ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ କୁମ୍ଭାର ସାହିର ୨୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ବୈଦ୍ୟୁତିକ ମାଟି ପାତ୍ର ତିଆରି ଯନ୍ତ୍ର ଶନିବାର ପ୍ରଦାନ କରାଯାଇଛି। ମହିଳାଙ୍କ ମଧ୍ୟରେ ପୋଟେରୀ(ମାଟି ସାମଗ୍ରୀ) ଶିଳ୍ପ ପ୍ରତି ଚାହିଦା ସୃଷ୍ଟି କରି ଲୋପ ପାଉଥିବା କୁମ୍ଭକାରଙ୍କ କୌଳିକ ବୃତ୍ତିର ପୁନରୁଦ୍ଧାର କରିବା ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଓର୍ମାସ ପକ୍ଷରୁ ଚେଷ୍ଟା କରାଯାଉଛି। କେନ୍ଦ୍ରୀୟ ଗ୍ରାମଦ୍ୟୋଗ ବିକାଶ ଯୋଜନାରେ ମହିଳାଙ୍କୁ ବୈଷୟିକ ଜ୍ଞାନ, ଯନ୍ତ୍ରାଂଶ ଯୋଗାଇ ୧୦ ଦିନିଆ ଶିବିର ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଜିଲା ଓର୍ମାସ, ଖଦୀ ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରି କମିଶନର ଅତିରିକ୍ତ ଅତିରିକ୍ତ ନିର୍ଦ୍ଦେଶକ ଅମିତ୍ କୁମାର ଭୂୟାଁ, ପରିଚାଳକ, ସହ ପରିଚାଳକ, ହସ୍ତ ଶିଳ୍ପ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ(ଏଡିଏଚ) ସମୀର ପାତ୍ର, ଏଚପିଓ ଅଭିମନ୍ୟୁ ସିଂ ଓ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ପ୍ରମୁଖ ମହିଳାଙ୍କୁ ଯନ୍ତ୍ରାଂଶ ପ୍ରଦାନ କରିଥିଲେ। ମହିଳାମାନେ ଏହି ଯନ୍ତ୍ରାଂଶର ବିନିଯୋଗ କରି ମାଟିରେ ବିଭିନ୍ନ ପାତ୍ର, ଦୀପ, ରୁଖା ଓ ବିଭିନ୍ନ ମାଟି ସାମଗ୍ରୀ ତିଆରି କରିବାରେ ସକ୍ଷମ ହେବେ ବୋଲି ଅଧିକାରୀମାନେ କହିଛନ୍ତି।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for Supply, installation, commissioning & testing of solar based drinking water pumping systems at Kaniha block of Angul district, Odisha. Refer www.baif.org.in & www.baifodisha.org for details.

Plot no.: 1565/2682, At Bhatra,
PO. Dhanupali, Sambalpur, Odisha – 768005
Telephone: +91-7894418530

**ପୂର୍ବ ତଟ ରେଳପଥ**

S&T-OT-AMC-IPS-STATCON ENERGIAA-477, ତା. : 04.07.2025ରିଖ

**କାର୍ଯ୍ୟର ନାମ :** ତିନି ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମେସର୍ସ ଷ୍ଟେଟକନ୍ ଏନର୍ଜିଆ ଇଣ୍ଡିଆ ଲିମିଟେଡ ଦ୍ୱାରା ନିର୍ମିତ SMPS ଆଧାରିତ ଏକିକୃତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଅନୁବନ୍ଧର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 43,35,466.74, EMD : ₹ 86,700/-, ବିକ୍ରି ଆରମ୍ଭ ହେବା ତାରିଖ : 14.07.2025, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.07.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।


ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-345/Q/25-26

**वरीय पुलिस अधीक्षक का कार्यालय, राँची।
सर्वसाधारण के लिए सूचना।**



**नाम–मुकेश बड़ाईक, उम्र–24 वर्ष, रंग–साँवला,
ऊँचाई–05 फीट 6 ईंच, पहनावा–टी शर्ट एवं नीला रंग का जींस पैंट हुए है।**

उपरोक्त लापता व्यक्ति मुकेश बड़ाईक, पिता–महेश्वर बड़ाईक, उम्र–24 वर्श, पता–जगरनाथपुर चौक, थाना–जगरनाथपुर, जिला–राँची, जो दिनांक–22.05.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में जगननाथपुर थाना सनहा संख्या–22/2025, दिनांक–24.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, हटिया, रॉची। – 9431706143
थाना प्रभारी जगरनाथपुर, रॉची। – 9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 357176 Police (25-26)D

# ୪ ଶ୍ରେଣୀଗୃହରେ ୩୮୫ ଛାତ୍ରୀ

## ଗଞ୍ଜାମ ବାଳିକା ବିଦ୍ୟାଳୟରେ ଅବ୍ୟବସ୍ଥା

**ଗଞ୍ଜାମ, ୧୨।୭(ବିଦ୍ୟାଧର ସାହୁ)**

ଗଞ୍ଜାମ ସହର କରଣ ସାହି ଷ୍ଟେସନ ରୋଡ଼ଠାର ପୁରାତନ ବାଳିକା ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ଏହି ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ ଶିକ୍ଷା ବିଭାଗର ଦୃଷ୍ଟି ପଡୁନାହିଁ। ଏଥିସହ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ମଧ୍ୟ ଏଠି ସ୍ପଷ୍ଟ ବାରି ହେଉଛି। ଏଠାରେ ଆବଶ୍ୟକ ମୁତାବକ ଶ୍ରେଣୀ ଗୃହ ନ ଥିବାରୁ ଆଜବେଷ୍ଟ ଘରେ ପାଠପଢ଼ା ଚାଲିଛି। ୪ଟି ଶ୍ରେଣୀରେ ଚଳିତ ବର୍ଷ ମୋଟ ୩୮୫ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ନବମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୬୮ ଜଣ ଛାତ୍ରୀ ଏବଂ ଦଶମ ଏ ଓ ବି ଶ୍ରେଣୀରେ ଯଥାକ୍ରମେ ୭୨ ଜଣ ଛାତ୍ରୀ ବସୁଛନ୍ତି। ଗୋଟିଏ ଶ୍ରେଣୀ ଗୃହରେ ୪୦ ପିଲା ବସିବାକୁ ଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଗୋଟିଏ ଶ୍ରେଣୀରେ ୮୦ ପିଲା ବସି ପାଠ ପଢିବାକୁ ବାଧ ହେଉଛନ୍ତି ବୋଲି ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ପିଲାମାନଙ୍କ ଜଏନିଂ ପ୍ରକ୍ରିୟା ଚାଲିଛି। ଏଣୁ ପିଲାଙ୍କ ସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ ହେବ ବୋଲି ଆଶଙ୍କା ରହିଛି। ଏହା ସହିତ ଆବଶ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅନିଲ ପାଣିଗ୍ରାହୀ କହିଛନ୍ତି। ଏଥିସହ ଉକ୍ତ ବିଦ୍ୟାଳୟରେ ପରିସରରେ ହରିଜନ ଛାତ୍ରୀ ନିବାସ ଥିବାବେଳେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାଁନ୍ତି। ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପ୍ରାୟ ଦେଢ଼ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଥିବା ବେଳେ ମାତ୍ର ୩ ଶିକ୍ଷକ। ଫାଇଭ ଟି ସ୍କୁଲ ରୂପାନ୍ତିକରଣ ବେଳେ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ଶ୍ରେଣୀ ଗୃହକୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ନୂତନ ଗୃହ ନିର୍ମାଣ ହେଲାନି। ଗତ ୨ ମାସ ତଳେ ଏହାର ଟେଣ୍ଡର ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏଥିସହ ଏଠାରେ ପାନୀୟ ଜଳ ସମସ୍ୟା ମଧ ରହିଛି। ମଧାହ୍ନ ଭୋଜନ ରୋଷେଇ ପାଇଁ ଗୋଟିଏ ପାଣି ଷ୍ଟାଣ୍ଡ ପୋଷ୍ଟ ଦିଆଯାଇଛି କିନ୍ତୁ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦିଆଯାଉ ନ ଥିବା ବିଦ୍ୟାଳୟର ଜଣେ ଶିକ୍ଷକ କହିଛନ୍ତି। ଖେଳ ପଡିଆ ନ ଥିବାରୁ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି।


ଗଞ୍ଜାମ ବାଳିକା ବିଦ୍ୟାଳୟ ।

**DISTRICT PROJECT OFFICE,
SAMAGRA SHIKSHA, SUBARNAPUR**

No.1379//Dt.11.07.2025


**OFFICE ORDER**

Applications are invited from the eligible Female candidates for engagement Warden and Part Time Teachers (Math/ Science/ English / Sanskrit) against the vacancies in Kasturba Gandhi Balika Vidyalaya (KGBV) of the district. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection other criteria and prescribed application forms can be available in the District Project Office in all working days and District website **subarnapur.odisha.gov.in** & **osepa.odisha.gov.in**.The application in prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 30th July, 2025 at 5.00 PM in registered post/ Speed Post/ Courier**. Incomplete applications and applications received late will be rejected. The undersigned is not responsible for any kind of postal delay.

By the Order of Collector and Chairperson,
SS, Subarnapur

**Sd./- District Education Officer cum DPC,
Samagra Shiksha, Subarnapur**

**पुलिस अधीक्षक का कार्यालय, गुमला
(गुमशुदा की तलाश)**



सर्व साधारण को सुचित किया जाता है कि पीड़िता मुक्ता टोप्पो, उम्र– 14 वर्ष, पे0–स्व0 इंजीनियुस टोप्पो ग्राम–पुण्डी, थाना–जारी, जिला–गुमला (झारखण्ड ) जो माह अप्रैल 2014 दिल्ली से लापता है, जिसे अंतिम बार रोहतक (हरियाणा) में देखा गया था। इस संबंध में अहतु थाना कांड सं0 14/2021 दिनांक–28.08.2021 दर्ज कर खोजबीन किया जा रहा हैं। **जिसका रंग सावला, शरीर सामान्य, बाल काला, भाषा सादरी एवं हिन्दी बोलती है। पीड़िता का आधार नं0 xxxx-10148-9996** है । इनकी खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आव यक है।

अतः सभी जन साधारण से अनुरोध है कि उपरोक्त पीड़िता मुक्ता टोप्पो, उम्र–14 वर्ष के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते इस लापता लड़की के संबंध में अगर किसी भी प्रकार की कोई जानकारी/ पहचान होने पर नीचे लिखे अंकित मो0 नं0 पर सम्पर्क कर सूचित कर सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। – 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, अहतु – 8986604606

पुलिस अधीक्षक,
गुमला।

PR.NO.357121 Police Wireless Headquarter(25-26):D

# ୧୪ରେ ଏମ୍ଏସ୍ଏମ୍ଇର ଜାତୀୟ ସଚେତନତା ସଭା

## ସାମିଲ ହେବେ ବିଭାଗୀୟ ମନ୍ତ୍ରୀ

କୋରାପୁଟ,୧୨।୭(ଅମିତାଭ ବେହେରା)

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍ଏସ୍ଏମ୍ଇ) ପକ୍ଷରୁ ଜୁଲାଇ ୧୪ରେ କୋରାପୁଟ ମେଡିକାଲ କଲେଜର ସମ୍ମିଳନୀ କକ୍ଷରେ ଏକ ସଚେତନତା ବୈଠକ ଓ ପ୍ରଦର୍ଶନୀ ଆୟୋଜିତ କରାଯିବ। ଏ ନେଇ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଦେବୀ ପ୍ରସାଦ ମହାନ୍ତି ଏକ ଖବରଦାତା ସମ୍ମିଳନୀ କରି ଶନିବାର ସୂଚନା ଦେଇଛନ୍ତି। ଏଥିରେ ବିଭାଗୀୟ କେନ୍ଦ୍ର ସହକାରୀ ସଚିବ ଏଚ୍.କେ. ଯାଦବ, ସହକାରୀ ସେକସନ ଅଫିସର ଅମିତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ମୁଖାର୍ଜୀ, ସାଧାରଣ ପରିଚାଳକ ଉମେଶ ଦୀକ୍ଷିତ ଓ ଜେନେରାଲ ମ୍ୟାନେଜର କେ.ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। ୧୪ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଏକ ଦିନିକିଆ ଜାତୀୟ ଏସ୍‌ସି,ଏସଟି, ହବ୍ ଓ ଅନ୍ୟ ଯୋଜନା ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଲୋକସଭା ସଦସ୍ୟ ଶୋଭା କରଣ୍ଡଲାଜେଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଏମ୍ଏସ୍ଏମ୍ଇର ରାଜ୍ୟର ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ମୁଜିବୁଲା ଖାନ, ବଳଭଦ୍ର ମାଝୀ ସୁକାନ୍ତ କୁମାର ପାଣିଗ୍ରାହୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି।

# ସଂକ୍ଷେପରେ

## ଛାତ୍ରଙ୍କ ଆତ୍ମହତ୍ୟା

ସୁନାବେଡ଼ା,୧୨।୭(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ଥାନା ଅଧୀନ କଳାହାଣ୍ଡି କଲୋନିର ଜଣେ କଲେଜ ଛାତ୍ର ଶନିବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଟୁଟୁ ଖରାଙ୍କ ପୁଅ ଦେବାଶିଷ ଖରା(୨୪)। ସୂଚନା ଅନୁଯାୟୀ, ଦେବାଶିଷ ଶନିବାର ଅପରାହ୍ନରେ କିଛି ଲୁଗା ଧରି ନିକଟରେ ଥିବା ପୁରୁଣା ବଧିର ସ୍କୁଲକୁ ଶୋଇବାକୁ ଯାଉଛି କହି ଘରୁ ବାହାରିଥିଲେ। ସେଠାରେ ସେ ଝୁଲି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଦେଖି ପରିବାରକୁ ଖବର ଦେଇଥିଲେ। ଦେବାଶିଷଙ୍କୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସୁନାବେଡା ପୋଲିସ ପହଞ୍ଚି ମୃତଦେହ ଜବତ କରି କେସ୍ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। କେଉଁ କାରଣରୁ ଛାତ୍ର ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ଥିବା ବେଳେ ପ୍ରେମ ବ୍ୟାପାରରୁ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି।

## ଶ୍ରାବଣ ସୋମବାର ପାଇଁ ନନ୍ଦପୁର ଚଳଚଞ୍ଚଳ

ନନ୍ଦପୁର,୧୨।୭(ତୁଷାର କାନ୍ତ ମହାନ୍ତି)

ଶ୍ରାବଣ ସୋମବାର ପାଇଁ ନନ୍ଦପୁର ଶୈବପୀଠ ଚଳଚଞ୍ଚଳ ହୋଇଛି। କୋରାପୁଟ ଜିଲା ଓ ଜିଲା ବାହାରର ଶୈବ ପୀଠଗୁଡ଼ିକୁ ଦଳ ହୋଇ ଜଳଲାଗି ପାଇଁ ଶିକା, କାଉଡି, କଳସ, ଗାଡ଼ି, ଡାକବାଜି ଯନ୍ତ୍ର ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଭିଡ଼ ଜମୁଛି। ନନ୍ଦପୁରର ସର୍ବେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ପାତ୍ରୁଆ ଧବଳେଶ୍ୱର ମନ୍ଦିର, ବାଲଡ଼ା, ପାଲିବା, ଜବାଗଡ, ସୁବାଇ ଶୈବପୀଠଗୁଡ଼ିକ ମଧ୍ୟ ବୋଲବମ୍ ଭକ୍ତଙ୍କ ପାଇଁ ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳୁଛି। ହଜାର ହଜାର ସଂଖ୍ୟାରେ ଭକ୍ତ ବିଭିନ୍ନ ନଦୀ ଘାଟରୁ ଜଳ ସଂଗ୍ରହ କରିବାକୁ ଥିବାରୁ ପ୍ରଶାସନ ପକ୍ଷରୁ ନଦୀ ଘାଟ ଚିହ୍ନଟ କରି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଗୁଣ୍ଡାଲ ସରପଞ୍ଚଙ୍କ ବିୟୋଗ

କୁନ୍ଦୁରା, ୧୨।୭(ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା କୁନ୍ଦୁରା ବ୍ଲକ ନବ ଗଠିତ ଗୁଣ୍ଡାଲ ପଞ୍ଚାୟତ ସରପଞ୍ଚ ଭକ୍ତ ଖଲାପି(୪୦)ଙ୍କ ଶନିବାର ତାଙ୍କ ବାସଭବନରେ ବିୟୋଗ ହୋଇଛି। ସେ ୨ ବର୍ଷ ହେବ କ୍ୟାନ୍ସରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ସ୍ତ୍ରୀ ଶଶୀ କଲାପୀ, ସାନ ପୁଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ୨୦୧୭ରେ ଗୁଣ୍ଡାଲ ଗଠନ ପରେ ତାଙ୍କ ସ୍ତ୍ରୀ ପ୍ରଥମ ସରପଞ୍ଚ ଥିବା ବେଳେ ସେ ଦ୍ୱିତୀୟ ସରପଞ୍ଚ ହୋଇଥିଲେ। ଅସୁସ୍ଥତା ସତ୍ତ୍ୱେ ସେ ଦାୟିତ୍ୱ ତୁଲାଉଥିଲେ। ପରବର୍ତ୍ତୀ ସମୟରେ ଅଧିକ ଅସୁସ୍ଥ ହେବାରୁ ବର୍ଷେ ହେବ ନାଏବ ସରପଞ୍ଚ ପଞ୍ଚାୟତ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କର ଶେଷକୃତ୍ୟରେ ପଞ୍ଚାୟତ ଓ ବ୍ଲକର କଂଗ୍ରେସ ନେତା ଓ କର୍ମୀଙ୍କ ସମେତ ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଏକ୍ ପେଡ୍ ମା'କେ ନାମ୍ ଅଭିଯାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

ଜୟପୁର,୧୨।୭(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ସରକାରୀ ୟୁପିଏସ୍ ଆଞ୍ଚଳିକ ସାଧନ କେନ୍ଦ୍ରରେ ବୃକ୍ଷରୋପଣ ସପ୍ତାହ ପାଳନ ଅବସରରେ ବିଦ୍ୟାଳୟସ୍ତରୀୟ 'ଏକ୍ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ ଜାରି ରହିଛି। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ସିଆର୍‌ସିସି ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାଥମିକ ବିଦ୍ୟାଳୟ ହାନାଗୁଡା, ଗଡ଼ିଆ ଧୋବାସାହି, ପାୱାର ହାଉସ୍ କଲୋନୀ, ସାନ୍ତରା ସାହି, ଏକ୍ସବୋର୍ଡ ମହମ୍ମଦନ, ସାରସ୍ୱତ ବାଲ୍ ମନ୍ଦିର, ଜୟନଗର ଆଶ୍ରମ ବିଦ୍ୟାଳୟ ଓ ଜୟନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଇକସାହି, ସରକାରୀ ୟୁପିଏସ୍, ସୁନାରିସାହି, ଜଗଦୀଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ, ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପାଚିକା ଓ ଅଭିଭାବକଙ୍କୁ ନେଇ କିଚେନ୍ ଗାର୍ଡେନ ଚାରା, ଔଷଧୀୟ ଚାରା ଓ ଫୁଲ ଚାରା ରୋପଣ କରି ସଫଳତା ହାସଲ କରିଛି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚାରା ରୋପଣର ଉପକାରିତା ବୁଝାଇବା ସହ ବୃକ୍ଷର ଯତ୍ନ ନେବା ବିଷୟରେ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ଯାଏ ଅବ୍ୟାହତ ରହିବ।

# ଚୋରି ସାମଗ୍ରୀ ଜବତ, ୩ ନାବାଳକଙ୍କୁ ଧରିଲା ପୋଲିସ

ସୁନାବେଡ଼ା/ସେମିଳିଗୁଡା,୧୨।୭
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ଥାନା ଅଧୀନ କୋଡି ଗାଁର କୃଶଳା ଆଶ୍ରମ କଲୋନୀରେ ଗତମାସରେ ଏକ ଚୋରି ଘଟଣାରେ ପୋଲିସ ୩ ନାବାଳକଙ୍କୁ ଧରିଛି। ସୂଚନା ଅନୁଯାୟୀ, କୃଶଳା ଆଶ୍ରମ କଲୋନୀର ସମିର କୁମାର ପ୍ରଧାନଙ୍କ ଘର କବାଟ ସହ ଆଲମାରି ଭାଙ୍ଗି କେତେକ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ନେଇ ସୁନାବେଡା ଥାନାରେ କେସ ନଂ ୧୦୪/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ କରି ଏସ୍ଆଇ ନିର୍ମଳା ଲିମା ୩ ନାବାଳକଙ୍କୁ ଧରିଛନ୍ତି। ଘର କାକିଗାଁ, ଉପର ସାହି ଏବଂ ବିଲେଇ ଗୁଡା ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କଠାରୁ ୩ ଲକ୍ଷ ୪୦ ହଜାର ଟଙ୍କା, ୩ଟି ସୁନା ହାର,୩ ହଳ କାନଫୁଲ, ୨ଯୋଡା ଚୁଡ଼ି ସହ ହଳେ ରୁପା ପାଉଁଜି, ଗୋଟିଏ ଅଲ୍ଟୋ କାର,୩ ମୋବାଇଲ, ୩ ଗ୍ୟାସ ସିଲିଣ୍ଡର ଓ ୪ ଇନଭର୍ଟର ବ୍ୟାଟେରୀ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ଚୋରି ଟଙ୍କାରେ ଏକ କାର କିଣିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ୩ ନାବାଳକଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ସୁନାବେଡା ଥାନା ଅଧିକାରୀ ସୁଷ୍ମୁମା କୁହଁର କହିଛନ୍ତି। ଶନିବାର ଅଭିଯୁକ୍ତ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ସୁନାବେଡା ଥାନା ଅଧିକାରୀ ସୂଚନା ଦେଇଛନ୍ତି।


ଜବତ ହୋଇଥିବା ଚୋରି ସାମଗ୍ରୀ।

# ଦେଢ଼ କୋଟିର ତେଜରାତି ସାମଗ୍ରୀ ନେଇ ଯୁବ ବ୍ୟବସାୟୀ ଫେରାର

## ଚାମ୍ବର୍ସ ଅଫ କମର୍ସ ପକ୍ଷରୁ ଥାନାରେ ଏତଲା

କୋରାପୁଟ,୧୨।୭(ଅମିତାଭ ବେହେରା)

କୋରାପୁଟ ସହରର ୧୬ ବ୍ୟବସାୟୀଙ୍କଠାରୁ ପ୍ରାୟ ଦେଢ଼ କୋଟି ଟଙ୍କାର ତେଜରାତି ସାମଗ୍ରୀ ନେଇ ଜଣେ ଯୁବ ବ୍ୟବସାୟୀ ଫେରାର ହୋଇଯାଇ ଥିବା ନେଇ ଚାମ୍ବର୍ସ ଅଫ କମର୍ସ ପକ୍ଷରୁ ଟାଉନ ଥାନାରେ ଶନିବାର ଅଭିଯୋଗ ହୋଇଛି। ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସହରର ବିଭିନ୍ନ ହୋଲସେଲ ବ୍ୟବସାୟୀଙ୍କଠାରୁ କୋରାପୁଟ ବିଶ୍ୱାଳ କଲୋନୀ ନିକଟରେ ଥିବା ଶ୍ରୀଚକାଡୋଳା ଗ୍ରୋସରି ଦୋକାନ ମାଲିକ ପି.ଜଗନ୍ନାଥ ପାତ୍ର ରାଜ୍ୟସ୍ତରୀୟ ଗ୍ରୋସରି ସାମଗ୍ରୀ ଯୋଗାଇବା ପାଇଁ ଏକ ଟେଣ୍ଡର ପାଇଥିବା କହି ଚାଉଳ, ଡାଲି,ତେଲ, ଚିନି, ବିସ୍କୁଟ ଓ ଅଟା ଆଦି ପ୍ରାୟ ଦେଢ଼ କୋଟି ଟଙ୍କାର ସାମଗ୍ରୀ ନେଇ ୬ ଦିନ ହେବ ଫେରାର ହୋଇଥିବା ଅଭିଯୋଗ ହୋଇଛି। କୋରାପୁଟ ଚାମ୍ବର୍ସ ଅଫ କମର୍ସ ସଭାପତି ଟି. କିରଣ କୁମାରଙ୍କ ନେତୃତ୍ୱରେ ୧୬ଜଣ ବ୍ୟବସାୟୀ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରିବାକୁ ନିବେଦନ କରିଥିଲେ। ଥାନା ଅଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ସମସ୍ତ ବ୍ୟାଙ୍କ ଖାତାକୁ ସିଜ କରି ତାଙ୍କୁ ଗିରଫ କରାଯିବ ବୋଲି ଚାମ୍ବର୍ସ ଅଫ କମର୍ସ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ କୋରାପୁଟ ଚାମ୍ବର୍ସ ଅଫ କମର୍ସ ସମ୍ପାଦକ ରାଜେଶ ସୋନେଜା, ଏଲ୍.ମହେଶ, ଜେ.ଗୁପ୍ତେଶ୍ୱର ରାଓ, ନାରାୟଣ ସାହୁ, ପି.ସତୀଶ, ଏସ୍. କୁମାର ସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଫେରାର ଜଗନ୍ନାଥ କୋରାପୁଟ ସହର ଓ ରାୟପୁରର ବ୍ୟବସାୟୀଙ୍କଠାରୁ ପ୍ରାୟ ୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି।

# କାର୍ଯ୍ୟାଳୟରେ ପଶି କୋଷାଧ୍ୟକ୍ଷଙ୍କୁ ଧମକ ଅଭିଯୋଗ

ସୁନାବେଡ଼ା,୧୨।୭(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦ କୋଷାଧ୍ୟକ୍ଷଙ୍କୁ କେତେଜଣ ରାଜନୈତିକ ବ୍ୟକ୍ତି ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟାଳୟରେ ପଶି ଧମକାଇଥିବା ଅଭିଯୋଗ ହୋଇଛି। ଖବର ମୁତାବକ କେତେଜଣ ଭାଜପା କର୍ମୀ କୌଣସି କଥାକୁ ନେଇ କୋଷାଧ୍ୟକ୍ଷଙ୍କୁ ଧମକାଇବା ସହ ଅଫିସରେ ଏକ ମଦ ବୋତଲ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏହି ସମୟରେ ପରିଷଦର କେତେଜଣ କାଉନସିଲର ଉପସ୍ଥିତ ଥିବା ଜଣାପଡ଼ିଛି। କାଉନ୍‌ସିଲରଙ୍କ ସହ କେତେଜଣ ପୌର କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ବିଭିନ୍ନ ଧମକ ଦେଇଥିଲେ। କିଛିଦିନ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ସହକାରୀ କମିଶନରଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ତଳେ ପକାଇ ମାଡ଼ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଥିସହ ଯାଜପୁର ବ୍ୟାସନଗର ମ୍ୟୁନିସିପାଲିଟିରେ କେତେଜଣ ବିଜେଡି କାଉନସିଲରଙ୍କ ସମେତ ଅଧ୍ୟକ୍ଷ ମିଶି ନିର୍ବାହୀ ଅଧିକାରୀଙ୍କୁ ଦୀର୍ଘ ସମୟ ଧରି ଅଫିସ ମଧ୍ୟରେ ନଜରବନ୍ଦୀ କରି ରଖିଥିଲେ। ଏ ସମ୍ପର୍କରେ ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏକ କାଉନସିଲ ମିଟିଂ ହୋଇଛି। ଏଥିରେ ସମସ୍ତ ବିଷୟକୁ ନେଇ ଆଲୋଚନା ହୋଇଛି। ଏ ସମସ୍ତ ଘଟଣା ପ୍ରଥମେ ପୌର ନିର୍ବାହୀ ଅଧିକାରୀଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ହେବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ ଭାବେ ଆଲୋଚନାକରି ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯିବ ଓ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୂର୍ବତନ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା


ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଜୟପୁର,୧୨।୭(ପବନ ପାଣିଗ୍ରାହୀ)

ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ରାଜ୍ୟ ସଭାପତି ତଥା ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତିଷ୍ଠାତା ପ୍ରଭାସ ସାହୁଙ୍କ କୋରାପୁଟ ଗସ୍ତ ଅବସରରେ ରାଜସ୍ୱ ଅମଲା ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ଶନିବାର ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ରାଜସ୍ୱ ଅମଲା ସଂଘ ସଭାପତି ମନୋଜ କୁମାର ବାରିକ ଓ ମୁନା କଣ୍ଡାଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ବିଦାୟୀ ଶିକ୍ଷକମାନେ।

ଲମତାପୁଟ,୧୨।୭(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମିସିଙ୍ଗପୁଟର ୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଓଡ଼ିଆ ଶିକ୍ଷକ ମନୁ ସେଠୀ, ଏସ୍ଏସ୍‌ଟି ଶିକ୍ଷକ ପ୍ରୀତମ୍ ନାଏକ ଓ ଗଣିତ ଶିକ୍ଷକଙ୍କ ବଦଳି ହୋଇଛି। ସେମାନେ ୨୦୧୭ରୁ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦାୟୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବଙ୍କ କୋଟିଆ ଗସ୍ତ

## ପର୍ଯ୍ୟଟନର ବିକାଶ ନେଇ ସ୍ଥିତି ଅନୁଧ୍ୟାନ

ପଟ୍ଟାଙ୍ଗି,୧୨।୭(ଶରତ କୁମାର ଧଳ)

କୋରାପୁଟ ଜିଲା ଗସ୍ତରେ ଆସିଥିବା ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବଳବନ୍ତ ସିଂ ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକ୍ରମର ଶନିବାର ତଦାରଖ କରିଛନ୍ତି। ସଚିବ ସିଂ ପହଞ୍ଚିବା ପରେ ଜିଲାପାଳ ଭି. କୀର୍ତ୍ତି ୱାସନ, ସିଡିଓ ବେଣୁଧର ଶବର, ଡିଏଫ୍‌ଓ କେ.ବି. ରାଓ, ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ ଓ ପ୍ରୋଭିଜନାଲ୍ ସନ୍ତୋଷ କୁମାର ପାତ୍ର ପ୍ରମୁଖ ପ୍ରଥମେ ଦେଓମାଳି ପର୍ଯ୍ୟଟନସ୍ଥଳୀରେ ଜଙ୍ଗଲ ବିଭାଗ ପକ୍ଷରୁ ହୋଇଥିବା କଟେଜ୍ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କାରୁକାର୍ଯ୍ୟ ଅଧିକ ଉନ୍ନତ ଧରଣର ହୋଇପାରିବା ନେଇ ସଚିବ ସିଂ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜାଗା ଚିହ୍ନଟ କରି ପ୍ରକଳ୍ପ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ସେଠାରୁ ସଚିବ ସିଂ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ସଦର ମହକୁମାରେ ପର୍ଯ୍ୟଟନର ବିକାଶ ହେବା ନେଇ ସ୍ଥିତି ଅନୁଧ୍ୟାନ କରିଥିଲେ। ମାଥାଲାମ୍ବା ଗ୍ରାମରେ ହୋଇଥିବା ଆଦର୍ଶ ଗାଈ ଗୁହାଳ ଦେଖି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ ବ୍ଲକ୍‌ର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତରେ ପର୍ଯ୍ୟଟନର ବିକାଶ ହୋଇପାରିବା ଓ ରୋଜଗାର ବଢ଼ିବା ନେଇ ସଚିବ ସିଂଙ୍କ ଗସ୍ତର ଗୁରୁତ୍ୱ ଥିବା ଜଣାପଡ଼ିଛି।


ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବଳବନ୍ତ ସିଂ, ଜିଲାପାଳ ଓ ଅନ୍ୟ ଅଧିକାରୀ ଦେଓମାଳି ବୁଲି ଦେଖୁଛନ୍ତି।

# ବାଲଡ଼ା ପଞ୍ଚାୟତ ବିକାଶରେ ବାଧକ ନାଗେଶ୍ୱରୀ ପାହାଡ଼

## ମେଗା ପ୍ରକଳ୍ପ ଟାଙ୍କି ନିର୍ମାଣକୁ ବିରୋଧ

ନନ୍ଦପୁର,୧୨।୭(ତୁଷାରକାନ୍ତ ମହାନ୍ତି)

ଜୈବିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଖୋଜୁଥିବା କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ର ୫ ପଞ୍ଚାୟତକୁ ଲାଗିଥିବା ନାଗେଶ୍ୱରୀ ଗୁମ୍ଫା ଓ ପାହାଡ଼ ବାଲଡ଼ା ପଞ୍ଚାୟତର ବିକାଶରେ ବାଧକ ସାଜିଛି। ଗୋଟିଏ ପଟେ ପାରିପାର୍ଶ୍ୱିକ ୫ ପଞ୍ଚାୟତବାସୀ ନାଗେଶ୍ୱରୀ ସୁରକ୍ଷା ସମିତି ଓ ପାହାଡ଼ ବଞ୍ଚାଅ ସମିତି ଆଦି ଗଠନ କରି ଏହାକୁ ଜୈବିକ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି କରୁଛନ୍ତି। ସେଇ ସମିତିର କର୍ମକର୍ତ୍ତା ପ୍ରବେଶ ପଥରେ ଫାଟକ ସ୍ଥାପନ, ଗଛ କାଟି, ପଥର ପକାଇ, ରାସ୍ତା ଖୋଳି ପର୍ଯ୍ୟଟକଙ୍କୁ ଗୁମ୍ଫା ଓ ପାହାଡ଼ ପରିଦର୍ଶନରୁ ବଞ୍ଚିତ କରୁଛନ୍ତି। ଏହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାଲଡ଼ା ପଞ୍ଚାୟତବାସୀଙ୍କ ଘରେ ଘରେ ପାନୀୟ ଜଳ ପହଞ୍ଚାଇବାକୁ ପାହାଡ଼ ତଳେ ମେଗା ପ୍ରକଳ୍ପ ଟାଙ୍କି ନିର୍ମାଣକୁ ସୁରକ୍ଷା ସମିତି ସଦସ୍ୟ ପୁନଃ ବିରୋଧ କରିଛନ୍ତି। ବିରୋଧ ଯୋଗୁ ଟାଙ୍କି ନିର୍ମାଣ କରିବାକୁ ଯାଇଥିବା ମେଗା ପ୍ରକଳ୍ପ କର୍ତ୍ତୃପକ୍ଷ ଓ ଯନ୍ତ୍ରାଂଶକୁ ପାଡୁଆ ପୋଲିସ ଟିମ୍ ପହଞ୍ଚି ଉଦ୍ଧାର କରିବା ସହ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ସୂଚନା ମିଳିଛି। ପର୍ଯ୍ୟଟକଙ୍କ ସଂଖ୍ୟା କମିବାରୁ ବାଲଡା, ଡାଇନ୍ତର ଜଙ୍କସନ୍ ଓ ପାଡୁଆ ଅଞ୍ଚଳର ବ୍ୟବସାୟୀଙ୍କ ବ୍ୟବସାୟ ହ୍ରାସ ପାଇଥିବା କହିଛନ୍ତି। ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ମେଗା ପ୍ରକଳ୍ପକୁ ଟାଙ୍କି ନିର୍ମାଣ ଓ ପାଇପ ବିଛା କାର୍ଯ୍ୟ ପାଇଁ ଫରେଷ୍ଟ କ୍ଲିଅରାନ୍ସ ଦିଆଯାଇଥିଲା। ଏହା ପରେ ପଞ୍ଚାୟତବାସୀଙ୍କ ପାଇଁ ଟାଙ୍କି ନିର୍ମାଣ ବେଳେ ବିରୋଧ କରିବାକୁ ନାପସନ୍ଦ କରାଯାଇଛି। ସୁରକ୍ଷା ସମିତି ପକ୍ଷରୁ ଆମ ଜଙ୍ଗଲ, ଆମ ଜଳ, ଆମ ଜମିର ନାରା ସହ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବିକୁ ସମର୍ଥନ କରୁଛୁ। କିନ୍ତୁ ଏଭଳି ବିକାଶମୂଳକ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ, ତହସିଲଦାର, ବାଲଡ଼ା ବନାଞ୍ଚଳ ଅଧିକାରୀ ଓ କୋରାପୁଟ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଜିଲାପାଳ ନିୟମ ଅନୁସାରେ କାର୍ଯ୍ୟ କରାଯାଉଛି। ବେଆଇନ ଭାବେ ବିକାଶ କାର୍ଯ୍ୟର ବିରୋଧକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ପାଡୁଆ ପୋଲିସ କେସ୍ ନଂ. ୭୬/୨୫ରେ ଏକାଧିକ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରିଛି। ତଦନ୍ତ ଏସ୍ଆଇ ଟୁନା ଶବର କରୁଥିବା ଥାନାଧିକାରୀ ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି।


ମେଗା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ସମିତି ସଦସ୍ୟ ବିରୋଧ କରୁଛନ୍ତି।

# ଯୁବକଙ୍କୁ ଦଳିଦେଲା ଦନ୍ତା

## ଜଣେ ବୃଦ୍ଧ ଗୁରୁତର

ପାଟଣା,୧୨।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ବୃଦ୍ଧ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲ୍ଲା ଜେନାପୁର ଥାନା ସାଁପୁର ଗାଁର ସୁଲଭ ଚନ୍ଦ୍ର ଜେନାଙ୍କ ପୁଅ ବିରାଞ୍ଚ ଜେନା (୪୦) ଓ ଗୁରୁତର ଯାଜପୁର ଜିଲ୍ଲା ବଡ଼ଚଣା ଥାନା କମ୍ପାଲୁ ମଙ୍ଗରାଜପୁର ଗ୍ରାମର ଯୋଗେନ୍ଦ୍ର ବାହାଲିଆ (୬୦)। ଉଭୟ ଏକ ଠିକାସଂସ୍ଥା କ୍ୟାମ୍ପରେ ରହି କାମ କରୁଥିଲେ। ପ୍ରକାଶ ଯେ, ପାଟଣା ରେଞ୍ଜ ତଙ୍ଗବିଟ ଫୁଟୁରିଆ ପଞ୍ଚାୟତ କାମୁଲେଇବେଡ଼ାରୁ ଭାଲୁପାହାଡି ସାହି ରାସ୍ତା ମଧ୍ୟରେ ଥିବା ପିଚ୍ଛୁଲାବେଡ଼ା ଚତୁରି ନାଳ ଉପରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ ହେବ। ଏ ନେଇ ଏକ ଠିକାସଂସ୍ଥା ସଏଲ ଟେଷ୍ଟ ପାଇଁ ବୋରିଂ କାର୍ଯ୍ୟ କରୁଛି। ନାଳ ନିକଟରେ ଶ୍ରମିକ ଓ ମିସ୍ତ୍ରୀମାନେ ଅସ୍ଥାୟୀ ତମ୍ବୁ ପକାଇ ଶୁକ୍ରବାର ରାତିରେ ଶୋଇଥିଲେ। ଶୁକ୍ରବାର ରାତି ୩ଟା ୩୦ରେ ଏକ ଦନ୍ତାହାତୀ ତମ୍ବୁ ଉପରେ ତୁହାକୁ ହଠାତ ଆକ୍ରମଣ କରି ଉପରେ ଚାଲିଥିଲା। ତମ୍ବୁ ଭିତରେ ଥିବା ୪ ଜଣଙ୍କ ମଧ୍ୟରୁ ୨ଜଣ ଦୌଡ଼ି ପଳାଇଥିଲେ। ବିରାଞ୍ଚ, ଯୋଗେନ୍ଦ୍ର ହାତୀ ଝାମୁଡ଼ରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ବିରାଞ୍ଚଙ୍କ ମୃତ୍ୟୁ ଘଟିଥିବା ବେଳେ ଯୋଗେନ୍ଦ୍ର ଗୁରୁତର ହୋଇଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ ପହଞ୍ଚି ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୁରୁତରଙ୍କୁ କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜକୁ ପଠାଯାଇଥିଲା। ବିରାଞ୍ଚ ଉକ୍ତ ଠିକାସଂସ୍ଥାରେ ମିସ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଗାଁ ଥାନାରେ ଏକ ମାମଲା (ନଂ.୩୨/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ମୋବାଇଲ [illegible] ଅସୁବିଧା କାରଣରୁ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇପାରିନାହିଁ। ଅନ୍ୟପକ୍ଷେ ଦନ୍ତା ହାତୀର ସଂଚରଣ ଜଙ୍ଗଲରେ ଡେରା ପକାଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ମାଈ ହାତୀର ମୃତଦେହ ଠାବ

ବନ୍ତଲା,୧୨।୭ (ସୁଜିତ ସାହୁ)


ମାଈ ହାତୀର ମୃତଦେହ।

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବନ୍ତଲା ପଞ୍ଚାୟତ ସାହାରାଗୁଡ଼ା ଜଙ୍ଗଲ ନିକଟରୁ ଶନିବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଅନୁଗୋଳ ଡିଏଫ୍‌ଓ ସରୋଜ ପଣ୍ଡା, ବନପାଳ ହରମୋହନ ନାଏକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତଦେହ ଜବତ କରିବା ସହ ତଦନ୍ତ କରିଛନ୍ତି। ଏଥିସହ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହାୟତାରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ମୃତ ହାତୀର ବୟସ ୫୦ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ବ୍ୟବଚ୍ଛେଦ କରିଥିବା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା କହିଛନ୍ତି।

# ରେଡିଓକଲାର ଲାଗିଥିବା ଦନ୍ତା ହାତୀ ଆହତ


ଆହତ ହୋଇଥିବା ଦନ୍ତା ହାତୀ।

ଛେଣ୍ଡିପଦା,୧୨।୭ (ଅଜିତ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗାଁ ନିକଟରେ ଘୂରି ବୁଲୁଥିବା ଏକ

## ବାମ କାନ ପଛରେ ଗୁଳି ବାଜିଥିବା ସନ୍ଦେହ

ଦନ୍ତା ହାତୀ ଆହତ ହୋଇଛି। ହାତୀ ବେକରେ ରେଡିଓକଲାର ଲାଗିଥିବା ବେଳେ କାନ ପଛରେ ଗୁଳି ବାଜିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ୬ ମାସ ତଳେ ଉକ୍ତ ହାତୀ ଦେହରେ ଗୁଳି ବାଜିଥିଲା। ବନ ବିଭାଗ ପକ୍ଷରୁ ତାହାର ଚିକିତ୍ସା କରାଯିବା ସହ ବେକରେ ରେଡିଓକଲାର ଲଗା ଯାଇଥିଲା। ହାତୀର ନାମ ଗଜେନ୍ଦ୍ର ରଖାଯିବା ସହ ତାହା ଉପରେ ନଜର ରଖାଯାଇଥିଲା। ଚିକିତ୍ସା ପରେ ହାତୀଟି ଛେଣ୍ଡିପଦା, କଣିହାଁ ଓ ହଣ୍ଡପା ବନାଞ୍ଚଳର ବିଭିନ୍ନ ଗାଁ ନିକଟରେ ଘୂରି ବୁଲୁଥିଲା। ଏବେ ଗଜେନ୍ଦ୍ର ପୁଣି ଆହତ ହୋଇ ଛେଣ୍ଡିପଦା ବନାଞ୍ଚଳର କଣଲୋଇ ଗାଁ ନିକଟରେ ଥିବା ଦେଖାଯାଇଛି। ବାମ କାନ ପଛରୁ ପୂଯ ବାହାରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ହାତୀଟିର ତୁରନ୍ତ ଚିକିତ୍ସା ପାଇଁ ଦାବି କରିଛନ୍ତି। ତେବେ ଦନ୍ତା ଦେହରେ ଗୁଳି ବାଜିଥିବା କଥାକୁ ବନ ବିଭାଗ ପକ୍ଷରୁ ଅସ୍ୱୀକାର କରାଯାଇଛି। ଶନିବାର ଏକ ଟିମ୍ ପହଞ୍ଚି ହାତୀର କ୍ଷତକୁ ଅନୁଧ୍ୟାନ କରିବା ପରେ ଚିକିତ୍ସା କରାଯିବ ବୋଲି ରେଞ୍ଜ ଅଧିକାରୀ ଶୁଭ୍ରାଶୁଚିସ୍ମିତା ମହାପାତ୍ର ପ୍ରକାଶ କରିଛନ୍ତି।

---

## OFFICE OF THE ENGINEER-IN-CHIEF
## RURAL WATER SUPPLY & SANITATION
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**

Tel : 0674-2395734, Fax : 0674-2394946, e-mail : cerwssodisha@gmail.com

**NOTICE INVITING BIDS (NIB)**
**No.8619/Date : 11.07.2025**

**No.O-423 :** The Engineer-in-Chief, RWSS, Odisha, Bhubaneswar, Jal-O-Parimal Bhawan, Unit-V, Bhubaneswar-751001, Odisha on behalf of the Government of Odisha in Panchayat Raj and Drinking Water Department invites bids through e-Procurement in conformity with terms and conditions of the Detailed Tender Call Notice (DTCN) in double cover system for the following work. The bids should be submitted on-line in website www.tendersodisha.gov.in by eligible reputed registered manufacturing agencies/Authorized Distributor/Dealer having sufficient experience in similar type of works. The bidder should have the necessary portal Enrolment (with his own Digital Signature Certificate).

| Sl. No. | Name of the Rural Water Supply Project | Bid Identification No | Cost of Bid document (in Rs.) Online | Availability of Bid document for online Bidding | |
|---|---|---|---|---|---|
| | | | | From | To |
| 1 | Supply and delivery of 5 Nos. Truck mounted Mobile Water Treatment Plant having 2000 ltrs/hr. capacity for treating turbid/flood water/brackish water and make it potable on spot, disinfection through ozonation including provision of polythene pouch marking facility of 4000 pouch/hr capacity (Polyethylene thickness not less than 50 micron) with operation and maintenance for 05-years. | EIC/RWSS/ 05/2025-26 | 10,000 | 5.00 P.M. of 14.07.2025 | 5.00 P.M. of 29.07.2025 |

Name & address of officer inviting Bid : Engineer-in-Chief, RWSS
Jal "O: Parimal Bhawan, Unit-V, Bhubaneswar, Ph : 0674-2395734/0674-2531533
e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

Sd./- Engineer-in-Chief, RWSS

OIPR-25003/11/0026/2526

---

**DEPUTY DIRECTOR,**
**NANDANKANAN ZOOLOGICAL PARK**
**P.O. - BARANG, DIST. - KHURDA, PIN - 754005**
**PHONE - (M) 9437022023**
Email : deputydirector.kanan@gmail.com
NANDANKANAN
Web : www.nandankanan.org

**No.MM-119** **e-PROCUREMENT NOTICE**

**Tender No. DD-NKN- 16/PMU/NKZP-2025-26 Dt. 09.07.2025**

| | | | |
|---|---|---|---|
| 1 | Name of the work | : | CONSTRUCTION FOR GREATER ADJUTANT STROK ENCLOSURE UNDER THE THEME NORTH EAST PANORAMA INSIDE NANDANKANAN ZOOLOGICAL PARK |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 11.07.2025 |
| 4 | Last date for receipt of bids in the portal | : | 24.07.2025 up to 5.00 P.M. |
| 5 | Date of opening of Technical Bid (Cover-I) | : | 25.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0095/2526

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୩୦୦୩/IND-II-PH-୧୨୭୫ **ବିଜ୍ଞାପନ** ତାରିଖ: ୧୦।୦୭।୨୦୨୫

No. CAD-1100: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍, ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, କିର୍ମିରା ତହସିଲ ଅନ୍ତର୍ଗତ ପୋଷ୍ଟ: ଆର୍ଡା, ଧୁଡ୍ରା ଗ୍ରାମସ୍ଥିତ ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସ ୟୁନିଟଠାରେ ନୂତନ ଲାଇନ–II (୩.୦ ନିୟୁତ ଟିପିଏ) ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏରୁ ୮.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEF & CC), ଭାରତ ସରକାରଙ୍କ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୪।୦୮।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା, ଅର୍ଡା ମୌଜାସ୍ଥିତ ଖାତା ନଂ. ୬୧୯ (ରକ୍ଷିତ), ପ୍ଲଟ ନଂ. ୪୭୭୩(ପି), ୦.୮୦ ଏକର ଅଞ୍ଚଳ, ଗୋଚର କିସମଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଝାରସୁଗୁଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଝାରସୁଗୁଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ**
**ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ**

OIPR-08012/11/0301/2526

---

No.CAD-1055

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-371/25-26/1660 Dated : 07.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Supply, Installation, Testing and commissioning of 500 KVA, 11/0.4 KV plinth mounted Distribution Transformer for 3rd Boys Hostel of OUTR, Ghatikia, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-21/25-26 | 14.07.2025 at 12.00 Hrs. | 22.07.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0196/2526

---

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)

**Phone: 94382-00060, District Website: https://sundargarh.odisha.gov.in/**

**Tender No. 2179** **Dt.10.07.2025**

No. CAD-1104: District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of Wheat from FSD/FCI depot to all RRCs of Sundargarh district for the biennial 2025-27 |
| 2 | Availability of bid document in the portal | From 11.07.2025 |
| 3 | Last Date/time for receipt of bids in the portal | Dt.25.07.2025 upto 5.30 (P.M.) |
| 4 | Date/time of Opening of Technical Bid | Level-I Transport Contractor - 29.07.2025 at 11.00 A.M., Place: Office Chamber of ADM (General), Sundargarh |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

Sd./- District Manager
OSCSC Ltd., Sundargarh

OIPR-07017/11/0008/2526

---

ଆମ ଶିମିଳିପାଳ ଆମ ଗର୍ବ | OUR SIMILIPAL OUR PRIDE

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

**At: Matiagarh Chhaka, P.O.: K. Jashipur, Dist.: Mayurbhanj, Odisha - 757091**
**Tel.: 06797-295030, Email: dfo.similipalnorthwl@odisha.gov.in / ddsimilipalnorth@gmail.com**

**NOTICE**

**Order No. 79** **Dated: 10.07.2025**

No. MM-121: As per Notice No. 123, Dtd.29.06.2025 of the Director, Similipal Tiger Reserve-cum-Regional Chief Conservator of Forests, Baripada that Similipal Tiger Reserve closed from 01.07.2025 for the Monsoon season. Further, the following Forest Rest House under Similipal North WL Division, Jashipur are hereby closed with effect from 11.07.2025 for necessary repair and maintenance work, until further orders.

| Sl. No. | Name of the Range | Name of the Forest Rest House | Closed From |
|---|---|---|---|
| 1 | Gurguria WL Range | Gurguria Forest Rest House | Closed from 11.07.2025 |
| 2 | Ecotourism Range | Khairi Forest Rest House (Khairi Niwas) | Closed from 11.07.2025 |

**Sd./- (Sri Prashant Patel, IFS)**
**Deputy Director**
**Similipal (North WL Division, Jashipur)**

OIPR-08133/11/0020/2526

---

## OFFICE OF THE MUNICIPAL COUNCIL : KEONJHARGARH

**No.4957/KGM** **Dt. 10.07.2025**

**Expression of Interest**

**No.C-653** : Seal EOI are invited by the undersigned from the intending Registered Architect (s)/ Developer (s)/ Designer (s) Govt. Registered Contractor (s) having past experience for doing similar nature of work and having GST registration Certificate for Preparation of MAP of Keonjhargarh Municipality with Ward Boundary, Roads, parks and Important land Marks etc required for clear-cut identification of details of Keonjhargarh Municipality with Street Maping as required by the undersigned. (Enclosed Annexure-I) The prescribed EOI papers can be obtained from the office of the Municipal Council, Keonjhargarh during office hours from date.**14.07.2025 to 23.07.2025** (expect Government Holidays) on payment of **Rs.1000/- (Rupees One thousand) only** Non-Refundable in shape of Demand Draft in any Nationalized Bank, inclusive of all taxes. The complete EOI accompanied with all relevant valid documents like-Registration Certificate if any GST Registration Certificate/ PAN Card etc. will be received by the undersigned on or before **dt.25.07.2025 at 5.00 P.M by Registered Post/ Speed Post or by person** and same will be **opened on dt-28.07.2025 at 11.00 A.M** in presence of the Bidder(s) or their authorized representatives if present. The EOI received after the scheduled date and time will not be entertained. The undersigned will not held any responsibility for any postal delay. The rates should be quoted clearly for the item as prescribed including all taxes and the work will be completed within 15 (Fifteen) days from the date of issue of work order unfailingly. The EOI will be available in the district web site- **https://kendujhar.odisha.gov.in**.

The authority reserves the right to reject any of all quotations without assigning any reason thereof.

Sd./- Executive Officer
Keonjhargarh Municipality

OIPR-13115/11/0040/2526

---

# EXPRESSION OF INTEREST

**No.PP-26 : "EOI"** for installation of permanent lighting system at **Odisha Crafts Museum-Kalabhoomi**.

For details of EOI & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 05:00 P.M. on 01.08.2025. The details of EOI will be available in the website w.e.f. 12.07.2025.

**Sd./- Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030 Tel. No. +91 (0)674 2350138,E-mail: sidacorissa@gmail.com, www.sidacodisha.org.in

SIDAC

OIPR-31036/11/0024/2526

---

**NOTICE INVITING TENDER** No.CAD-1073

## Office of District Manager Odisha State Civil Supplies Corporation Ltd. (OSCSC) Gajpati

**Name of Unit or Block : Mohana, R.Udayagiri, Nuagada, Rayagada, Gosani, PKD (MPLTY), Gumma, Kashinagar Block/NAC**
**Tender No. 2191, 2192, 2193, 2194, 2195, 2196, 2197, 2198**
**Dated : 09.07.2025**

**Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district**

Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 10-07-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 14-07-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for online submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 28-07-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 29-07-2025 11.00 AM at Civil Supplies Office, Collectorate Building,Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 29-07-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (1) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 18003456765 |

2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Gajapati

OIPR-07087/11/0006/2526

---

## ODISHA PUBLIC SERVICE COMMISSION, CUTTACK

**NOTICE**

**No.4914/PSC** **Dt.11.07.2025**
**(1R-08-24/25) (DR-V)**

### Assistant Professor (Stage-I) in Geography (Advertisement No. 27 of 2023-24)

No. D-: It is for information of all concerned that, document verification of **110 (One hundred ten)** candidates having **PPSAN** mentioned below for the post of **Assistant Professor (Stage-I) "Geography",** pursuant to advertisement No. 27 of 2023-24 shall be held from **23.07.2025 to 29.07.2025 except 26.07.2025 & 27.07.2025** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 23.07.2025 | 10.30 A.M. | P240309635, P220059641, P240314045, P240294164, P240250549, P240294704, P240300524, P240302138, P240308259, P220059777, P240297833 & P240290058 **= 12 Candidates** |
| | 02.30 P.M. | P240303203, P220081350, P240313717, P240307292, P240311924, P240307253, P240309256, P220086183, P240309871 & P240305388 **= 10 Candidates** |
| 24.07.2025 | 10.30 A.M. | P240298299, P240306248, P240252704, P240308395, P230098156, P240303648, P240308396, P240311405, P220080613, P230098058, P240297963 & P230149661 **= 12 Candidates** |
| | 02.30 P.M. | P230149942, P220082469, P240302693, P230151202, P230209315, P240307031, P240307459, P240312692, P220031775 & P240300423 **= 10 Candidates** |
| 25.07.2025 | 10.30 A.M. | P230136692, P240308120, P240304622, P220071384, P220034775, P240302358, P240308042, P220003488, P240301808, P220055040, P240285886 & P240274265 **= 12 Candidates** |
| | 02.30 P.M. | P240301471, P220040387, P220010865, P240304229, P240304011, P230141511, P240306748, P230137505, P230148246 & P240287654 **= 10 Candidates** |
| 28.07.2025 | 10.30 A.M. | P220032270, P230135082, P220052271, P240256148, P230122446, P240260941, P220053474, P240285642, P240312024, P220051525, P240267497 & P230155245 **= 12 Candidates** |
| | 02.30 P.M. | P230118682, P240303837, P240303930, P220055626, P240287059, P230096465, P240308359, P240309607, P220083675 & P220064584 **= 10 Candidates** |
| 29.07.2025 | 10.30 A.M. | P220028221, P230138041, P240279765, P240263164, P220038496, P220019033, P240266118, P220050535, P230160574, P230225109, P220011591 & P220083150 **= 12 Candidates** |
| | 02.30 P.M. | P220029136, P240252458, P230223162, P220031782, P230151439, P230145838, P230162036, P240304462, P220005503 & P220057540 **= 10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0268/2526 **Sd./- Secretary**

See Career Appointment on every Wednesday & Saturday

# ୧ ସେକେଣ୍ଡରେ ଉଭୟ ଇଞ୍ଜିନକୁ ଇନ୍ଧନ କଟ୍‌ଅଫ୍ ହୋଇଥିଲା



**ନୂଆଦିଲ୍ଲୀ,୧୨।୭(ପି.ଟି/ରଏଟର୍ସ)**

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଏଏଆଇବି ରିପୋର୍ଟ

୨୦୨୫ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ୧୭୧ (ବୋଇଂ ୭୮୭ ଡ୍ରିମ୍‌ଲାଇନର୍) ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ତେବେ କିଛି ସେକେଣ୍ଡ ପରେ ବିମାନର ଉଭୟ ଇଞ୍ଜିନକୁ ତୈଳ ଯୋଗାଣ ହଠାତ୍ ବନ୍ଦ ହୋଇଯିବାରୁ ଉଡ଼ାଣର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର ପାଇଲଟ ଦ୍ୱୟ ଥ୍ରଷ୍ଟକୁ ଜରୁରୀ ସମୟରେ ରିଷ୍ଟୋର କରି ନ ପାରିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ସଦ୍ୟ ପ୍ରକାଶିତ ଏ ସମ୍ପର୍କିତ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଦୁର୍ଘଟଣାର ମାସକ ପରେ ଭାରତ ସରକାରଙ୍କ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନ ଏୟାର ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଏଆଇବି) ପକ୍ଷରୁ ପ୍ରକାଶ କରାଯାଇଥିବା ୧୫ ପୃଷ୍ଠା ସମ୍ବଳିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିମାନ ଉଡ଼ାଣ କରିବା ମାତ୍ରେ ଉଭୟ ଇଞ୍ଜିନରେ ତାହା ଗତିଶୀଳ ହେବା ପାଇଁ ଆବଶ୍ୟକ ଥ୍ରଷ୍ଟ ଶେଷ ହୋଇଯାଇଥିଲା। ଫଳରେ ବିମାନଟି ଏକ ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଥିଲା। ଏଥିରେ ବିମାନର ୨୪୨ ଏବଂ ତଳେ ଥିବା ଅନ୍ୟ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବର୍ତ୍ତିଯାଇଥିଲେ। ଦଶନ୍ଧି ମଧ୍ୟରେ ଏହା ଥିଲା ସବୁଠୁ ଘାତକ ବିମାନ ଦୁର୍ଘଟଣା। ଏଏଆଇବି ରିପୋର୍ଟରେ ଦର୍ଶାଯାଇଛି ଯେ କକ୍‌ପିଟ୍ ଭଏସ୍ ରେକର୍ଡିଂରୁ ଜଣାପଡ଼ିଛି, ଜଣେ ପାଇଲଟ୍ ଅନ୍ୟ ପାଇଲଟ୍‌ଙ୍କୁ ଫୁଏଲ୍ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ପାଇଲଟ୍ ଜଣକ କଟ୍‌ଅଫ୍ କରିନାହାନ୍ତି ବୋଲି ଉତ୍ତର ଦେଇଥିଲେ। ତେବେ ଫୁଏଲ୍ କିପରି ଭାବେ କଟ୍‌ଅଫ୍ ହୋଇଯାଇଥିଲା, ସେନେଇ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଏଥିରେ କେବଳ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ଏକ ସୀମିତ ଚିତ୍ର ପ୍ରଦାନ କରାଯାଇଛି। ସାଧାରଣତଃ ଏକ ବିମାନ ଏୟାରପୋର୍ଟ ଗେଟ୍‌ରେ ପହଞ୍ଚିବା ପରେ ଏବଂ ଇଞ୍ଜିନରେ ନିଆଁ ଲାଗିବା ଭଳି କେତେକ ନିର୍ଦ୍ଦିଷ୍ଟ ଜରୁରୀ ସ୍ଥିତିରେ ଇନ୍ଧନ ଯୋଗାଣ ବନ୍ଦ କରିବା ପାଇଁ କଟ୍‌ଅଫ୍‌କୁ ଫ୍ଲିପ୍ କରାଯାଇଥାଏ। ତେବେ ବିମାନଟି ଉଡ଼ାଣ କରୁଥିବାବେଳେ ସେଥିରେ ଏମର୍ଜେନ୍ସି ସ୍ଥିତି ଉପୁଜିଥିଲା କି ନାହିଁ ତାହା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ। ଇତିମଧ୍ୟରେ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ନିୟନ୍ତ୍ରକଙ୍କ ସମେତ ସମସ୍ତ ପକ୍ଷଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ କରୁଛି। ଏଏଆଇବି ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହ ତଦନ୍ତରେ ସହଯୋଗ ଜାରି ରହିବ।


ବିମାନର ଫୁଏଲ୍ ସୁଇଚ୍।

### ପାଇଲଟ୍ ଜାଣିଶୁଣି ଦୁର୍ଘଟଣା ଘଟାଇଥାଇପାରନ୍ତି: ବିଶେଷଜ୍ଞ

ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ପାଇଲଟ୍‌ଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ଫୁଏଲ୍ ସୁଇଚ୍ କଟ୍‌ଅଫ୍ ମୋଡ୍‌କୁ ସ୍ୱତଃ ଚାଲିଯାଇ ନ ଥାଏ। ଏହା ପାଇଲଟ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ମାନବକୃତ ତ୍ରୁଟି ହୋଇଥାଇପାରେ ବୋଲି ବିମାନ ଚଳାଚଳ ସୁରକ୍ଷା ବିଶେଷଜ୍ଞ କ୍ୟାପ୍ଟେନ ମୋହନ ରଙ୍ଗନାଥନ୍ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେବାବେଳେ କହିଛନ୍ତି।

### ନିଷ୍କର୍ଷ ନ ବାହାର କରିବାକୁ କେନ୍ଦ୍ରର ପରାମର୍ଶ

ଜୁନ୍ ୧୨ରେ ୨୬୦ ଜଣଙ୍କ ଜୀବନ ଯାଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ପ୍ରକାଶ ପାଇବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେଣୁ ଚୂଡ଼ାନ୍ତ ରିପୋର୍ଟ ନ ଆସିବା ଯାଏ ଜନସାଧାରଣ ଓ ଗଣମାଧ୍ୟମ ଏଥିରୁ କୌଣସି ନିଷ୍କର୍ଷ ନ ବାହାର କରିବାକୁ ଶନିବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ପରାମର୍ଶ ଦେଇଛନ୍ତି। ନାଇଡୁ ଏହି ତଦନ୍ତକୁ ଆହ୍ୱାନପୂର୍ଣ୍ଣ ବୋଲି ଅଭିହିତ କରିବା ସହ କହିଛନ୍ତି, ଏଥିରେ ଅନେକ ବୈଷୟିକ ପ୍ରସଙ୍ଗ ରହିଛି। ତେଣୁ ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ଦେବା ଅନୁଚିତ। ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଚାଲିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଯାହାକିଛି କୁହାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଫ୍ଲାଇଟ୍ ଡିଜାଷ୍ଟର ଟାଇମ୍‌ଲାଇନ୍

**୧୧.୧୭:** ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ଭିଟି-ଏଏନ୍‌ବି ନୂଆଦିଲ୍ଲୀରୁ ଅହମଦାବାଦ ବିମାନବନ୍ଦରରେ ପହଞ୍ଚିଥିଲା, ଏଆଇ୪୨୩ ରୂପେ ଉଡ଼ାଣ ଆରମ୍ଭ କରିଥିଲା।

**୧୩.୧୩.୦୦:** ଏୟାରକ୍ରାଫ୍ଟ ପୁଶ୍‌ବ୍ୟାକ୍ ଓ ଷ୍ଟାର୍ଟଅପ୍ ପାଇଁ ଅନୁରୋଧ କରିଥିଲା।

**୧୩.୧୩.୧୩:** ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପୁଶ୍‌ବ୍ୟାକ୍ ପାଇଁ ଅନୁମତି ଦେଇଥିଲା।

**୧୩.୧୬.୫୯:** ଏଟିସି ଷ୍ଟାର୍ଟଅପ୍ ପାଇଁ ଅନୁମତି ଦେଲା।

**୧୩.୧୮.୩୮:** ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ବେ'୩୪ରୁ ଉଡ଼ାଣ ଆରମ୍ଭ କଲା।

**୧୩.୧୯.୧୨:** ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ରନ୍‌ୱେ'ରେ ଗଡ଼ିବା ଆବଶ୍ୟକ କି ବୋଲି ଏଟିସି ଜାଣିବାକୁ ଚାହିଁଲା। ରନ୍‌ୱେ ୨୩ରେ ପୂରା ଗଡ଼ିବା ଆବଶ୍ୟକ ବୋଲି ଏୟାରକ୍ରାଫ୍ଟ ପକ୍ଷରୁ ସ୍ପଷ୍ଟ କରାଗଲା।

**୧୩.୨୫.୧୫:** ଏୟାରକ୍ରାଫ୍ଟ ଟ୍ୟାକ୍ସି କ୍ଲିୟରାନ୍ସ ପାଇଁ ଅନୁରୋଧ କଲା, ଯାହାକୁ ଏଟିସି ଅନୁମତି ଦେଲା।

**୧୩.୨୬.୦୦:** ରନ୍‌ୱେ ୨୩ରେ ଏୟାରକ୍ରାଫ୍ଟ ଟ୍ୟାକ୍ସିଗୁଡ଼ିକୁ ଘୁଞ୍ଚାଇ ଟେକ୍‌ଅଫ୍ ପାଇଁ ଧାଡ଼ିରେ ରଖାଗଲା।

**୧୩.୩୨.୦୩:** ଏୟାରକ୍ରାଫ୍ଟକୁ ଗ୍ରାଉଣ୍ଡରୁ ଟାୱାର କଣ୍ଟ୍ରୋଲକୁ ସ୍ଥାନାନ୍ତର କରାଗଲା।

**୧୩.୩୩.୪୫:** ଏୟାରକ୍ରାଫ୍ଟକୁ ରନ୍‌ୱେ ୨୩ରୁ ଉଡ଼ାଣ ପାଇଁ ଲାଇନ୍‌ଅପ୍ ହେବାକୁ ନିର୍ଦ୍ଦେଶ ଦିଆଗଲା।

**୧୩.୩୭.୩୭:** ଏଟିସି ଏୟାରକ୍ରାଫ୍ଟକୁ ଉଡ଼ାଣ ଅନୁମତି ଦେବା ପରେ ଏହା ଟେକ୍‌ଅପ୍ କଲା।

**୧୩.୩୮.୩୯:** ଟେକ୍‌ଅପ୍ ରୋଲ୍ ଆରମ୍ଭ ହେଲା।

**୧୩.୩୮.୩୯:** ରନ୍‌ୱେରୁ ଏୟାରକ୍ରାଫ୍ଟ ଉଡ଼ାଣ କଲା।

**୧୩.୩୮.୪୨:** ସର୍ବାଧିକ ୧୮୦ ନଟ୍ସ ସ୍ପିଡ୍‌ରେ ପହଞ୍ଚିଲା।
ତତ୍‌କ୍ଷଣାତ୍ ବିମାନର ଉଭୟ ଇଞ୍ଜିନ୍ ୧ ଓ ଇଞ୍ଜିନ୍ ୨ ପାଇଁ ଉଦ୍ଦିଷ୍ଟ ଫୁଏଲ୍ ସୁଇଚ୍ ମାତ୍ର ୧ ସେକେଣ୍ଡ ମଧ୍ୟରେ ରନ୍ ମୋଡ୍‌ରୁ କଟ୍‌ଅଫ୍ ପୋଜିଶନ୍‌କୁ ଚାଲିଯାଇଥିଲା। ଇନ୍ଧନ ଯୋଗାଣ ହୋଇ ନ ପାରିବାରୁ ଦୁଇଟି ଯାକ ଇଞ୍ଜିନ ସ୍ଲୋ ହେବାରେ ଲାଗିଲା।
ପ୍ରାରମ୍ଭିକ ଉଡ଼ାଣ ବେଳେ ଲଗାଯାଇଥିବା ରାମ୍ ଏୟାର ଟର୍ବାଇନ୍ (ଆର୍‌ଏଟି)କୁ ଏହା ପରେ ହଟାଇ ଦିଆଯାଇଥିଲା।
ଜଣେ ପାଇଲଟ ଅନ୍ୟ ଜଣେ ପାଇଲଟଙ୍କୁ ଫୁଏଲ କାହିଁକି କଟ୍‌ଅଫ୍ କଲେ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଜଣକ କହିଥିଲେ, ସେ ସେପରି କରିନାହାନ୍ତି।

**୧୩.୩୮.୪୭:** ଉଭୟ ଇଞ୍ଜିନ୍ ଏନ୍୧ ଏବଂ ଏନ୍୨ ସର୍ବନିମ୍ନ ଆଇଡିଲ ସ୍ପିଡ୍‌ରୁ ତଳକୁ ଖସିଯାଇଥିଲା। ଆର୍‌ଏଟିର ପମ୍ପ ହାଇଡ୍ରଲିକ୍ ପାୱାର ଯୋଗାଣ ଆରମ୍ଭ କଲା।

**୧୩.୩୮.୫୨:** ଇଞ୍ଜିନ୍ ଏନ୍୧ ଫୁଏଲ କଟ୍‌ଅଫ୍ ସୁଇଚ୍ ରନ୍‌ରୁ କଟ୍‌ଅଫ୍ ହୋଇଗଲା।

**୧୩.୩୮.୫୬:** ଇଞ୍ଜିନ୍ ଏନ୍୨ର ଫୁଏଲ୍ କଟ୍‌ଅଫ୍ ସୁଇଚ୍ ମଧ୍ୟ କଟ୍‌ଅଫ୍ ହୋଇଗଲା।

**୧୩.୩୯.୦୫:** ଦୁଇ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ 'ମେ'ଡେ, ମେ'ଡେ, ମେ'ଡେ' ଡିଷ୍ଟ୍ରେସ୍ କଲ୍ ଦେଲେ।

**୧୩.୩୯.୧୧:** ଏୟାରକ୍ରାଫ୍ଟର ଡେଟା ରେକର୍ଡିଂ ବନ୍ଦ ହୋଇଗଲା।

**୧୩.୪୪.୪୪:** ଅଗ୍ନିଶମ ବାହିନୀ ବିମାନବନ୍ଦର ପରିସରରୁ ଉଦ୍ଧାର ଓ ନିଆଁ ଲିଭାଇବା ପାଇଁ ବାହାରିଲେ।

### କ୍ୟାପ୍ଟେନ ସୁମିତ୍ ସଭରୱାଲ



ମୁମ୍ବାଇର ୫୬ ବର୍ଷୀୟ ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ୍ କ୍ୟାପ୍ଟେନ ସୁମିତ୍ ସଭରୱାଲଙ୍କ ପାଇଲଟ୍ ଲାଇସେନ୍ସ ୨୦୨୬ ମେ' ୧୪ ପର୍ଯ୍ୟନ୍ତ ବୈଧ ଥିଲା। ତାଙ୍କର ୧୫,୬୩୮ ଘଣ୍ଟାର ଉଡ଼ାଣ ଅନୁଭୂତି ରହିଥିଲା। ସେଥିରୁ ସେ ୮,୫୯୬ ଘଣ୍ଟା ବୋଇଂ ୭୮୭ ଉଡ଼ାଣ କରିଥିଲେ।

### ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେର



୩୨ ବର୍ଷୀୟ ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦେରଙ୍କ ନିକଟରେ ଥିବା କମର୍ସିଆଲ ପାଇଲଟ୍ ଲାଇସେନ୍ସ ୨୦୨୦ରେ ଜାରି ହୋଇଥିଲା। ଏହାର ଅବଧି ୨୦୨୫ ସେପ୍ଟେମ୍ବର ୨୬ରେ ଶେଷ ହୋଇଥାଆନ୍ତା। କୁନ୍ଦେରଙ୍କ ୩,୪୦୩ ଘଣ୍ଟାର ଉଡ଼ାଣ ଅନୁଭୂତି ଥିବାବେଳେ ସେ ୧,୧୨୮ ଘଣ୍ଟା ବୋଇଂ ଉଡ଼ାଣ କରିଥିଲେ। ପିଲାଟି ଦିନରୁ ପାଇଲଟ୍ ହେବାକୁ ସ୍ୱପ୍ନ ଦେଖୁଥିବା କୁନ୍ଦେର ୨୦୧୭ରେ ଏୟାର ଇଣ୍ଡିଆରେ ଯୋଗଦେଇଥିଲେ।

# ପ୍ରତି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରୁଛନ୍ତି ସରକାର: ମୋଦି

**ନୂଆଦିଲ୍ଲୀ, ୧୨।୭**


ନରେନ୍ଦ୍ର ମୋଦି

### ୧୦ ବର୍ଷରେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫୧ ହଜାରରୁ ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ଏହି ଅବସରରେ ସେ ନିଜ ସମ୍ବୋଧନରେ କହିଛନ୍ତି, ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଉପରେ କେନ୍ଦ୍ରର ଏନ୍‌ଡିଏ ସରକାର ଉପଯୁକ୍ତ ଧ୍ୟାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକ ଅନେକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିଛି। ଭାରତରେ ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଦେଶରେ ନିଯୁକ୍ତି ଏବଂ ଆୟର ଉତ୍ସ ସୃଷ୍ଟି ହୋଇଥିବାରୁ ଏହା ସମ୍ଭବ ହୋଇପାରିଥିବା ସେ କହିଛନ୍ତି। ମୋଦି ଆହୁରି କହିଛନ୍ତି, ମାନୁଫାକ୍ଚରିଂ ସେକ୍ଟରକୁ ତାଙ୍କ ସରକାର ପ୍ରୋତ୍ସାହନ ଦେଇଆସୁଛି। ବିଗତ ବର୍ଷଗୁଡ଼ିକରେ ମେକ୍ ଇଣ୍ଡିଆ ଅଭିଯାନକୁ ଶକ୍ତିଶାଳୀ କରାଯାଇଛି। ଗତ ୧୧ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୫ ଗୁଣାରୁ ଅଧିକ ବୃଦ୍ଧି ପାଇଛି। ଦେଶରେ ଏବେ ମୋବାଇଲ ଉତ୍ପାଦନ ୟୁନିଟ୍ ସଂଖ୍ୟା ୩୦୦କୁ ବୃଦ୍ଧି ପାଇଛି, ଯାହା ଅନେକ ଲକ୍ଷ ଯୁବକଙ୍କୁ ରୋଜଗାର ଦେଇଛି ବୋଲି ସେ କହିଛନ୍ତି।

# କୋଠା ଭୁଶୁଡ଼ି ୬ ମୃତ

**ନୂଆଦିଲ୍ଲୀ, ୧୨।୭ (ପି.ଟି.)**

ଉତ୍ତର-ପୂର୍ବ ଦିଲ୍ଲୀର ୱେଲ୍‌କମ୍ ଏରିଆରେ ଶନିବାର ସକାଳେ ଏକ ୪ ମହଲା ବିଶିଷ୍ଟ କୋଠା ଭୁଶୁଡ଼ିପଡ଼ିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୨ ବର୍ଷର ଶିଶୁକନ୍ୟା ରହିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଜେପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଏବେ ମଧ୍ୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଏବଂ ପୋଲିସ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ଦୁର୍ଘଟଣାରେ ବିଲ୍ଡିଂ ମାଲିକ ମତଲୁବତ୍, ତାଙ୍କ ସ୍ତ୍ରୀ ରାବିଆତ୍, ତାଙ୍କ ୨ ପୁଅ ଜାଭେଦ ଏବଂ ଅବଦୁଲ୍ଲାଙ୍କର ମୃତ୍ୟୁ ଘଟିଛି।

# ଆଇଆଇଏମ୍‌ସିରେ ଛାତ୍ରୀଙ୍କୁ ନିଶାଦେଇ ବଳାତ୍କାର

**କୋଲକାତା, ୧୨।୭**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (କଲିକତା)ରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ହରିଦେବପୁର ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଯୁବତୀ ଜଣକ କୋଲକାତାର ଜଣାଶୁଣା ବିଜ୍‌ନେସ ସ୍କୁଲ ଆଇଆଇଏମ୍‌ସିରେ ପଢ଼ନ୍ତି। ଜଣେ ଛାତ୍ର ଶୁକ୍ରବାର ତାଙ୍କୁ କ୍ୟାମ୍ପସ୍ ପରିସରସ୍ଥିତ ବଏଜ୍ ହଷ୍ଟେଲକୁ କାଉନ୍‌ସେଲିଂ ସେସନ୍ ପାଇଁ ଡାକିଥିଲେ। ସେଠାରେ ତାଙ୍କୁ ନିଶାଯୁକ୍ତ ପାନୀୟ ଦେଇଥିଲେ। ଛାତ୍ରୀ ତାକୁ ପିଇବା ପରେ ସଂଜ୍ଞାହୀନ ହୋଇଯାଇଥିଲେ। ସଂଜ୍ଞା ଫେରିବା ପରେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅନୁଭବ କରିଥିଲେ। ଏପରି କି ଏହି ବିଷୟରେ ପ୍ରଘଟ କଲେ କିମ୍ବା ଥାନାକୁ ଗଲେ ପରିଣାମ ଭୋଗିବେ ବୋଲି ଛାତ୍ରୀଙ୍କୁ ଅଭିଯୁକ୍ତ ଧମକ ଦେଇଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖାଯାଇଥିବାବେଳେ ଶନିବାର ପୋଲିସ ତାଙ୍କୁ ଗିରଫ କରିଛି। କୋଲକାତାର ଏକ ଲ' କଲେଜରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣାର ପ୍ରାୟ ୨ ସପ୍ତାହ ପରେ ଏହି ଘଟଣା ସାମ୍ନାକୁ ଆସିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ିପଡ଼ିଥିବା ଦର୍ଶାଇ ବିରୋଧୀ କଂଗ୍ରେସ ଏବଂ ସିପିଆଇଏମ୍ ତୃଣମୂଳ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଇଆଇଏମ୍‌ସି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାହାରେ ୨ ଦଳର ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶୁକ୍ରବାର ରାତି ୯.୩୪ରେ ତାଙ୍କ ପାଖକୁ ଫୋନ୍ କଲ୍ ଯାଇଥିଲା। ତାଙ୍କ ଝିଅ ଅଟୋରୁ ଖସି ସଂଜ୍ଞା ହରାଇଛନ୍ତି। ତେଣୁ ଝିଅଙ୍କୁ ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେବେ ବଳାତ୍କାରର ଶିକାର ହୋଇନାହାନ୍ତି ବୋଲି ଝିଅ ତାଙ୍କୁ କହିଥିବା ପୀଡ଼ିତାଙ୍କ ବାପା ପ୍ରକାଶ କରିଛନ୍ତି।

# ୭ ଦିନିଆ ରିହାବିଲିଟେଶନରେ ରହିବେ ଶୁଭାଂଶୁ


### ୧୫ରେ ଫ୍ଲୋରିଡା ଉପକୂଳରେ ଅବତରଣ କରିବେ

**ୱାଶିଂଟନ୍/ନୂଆଦିଲ୍ଲୀ, ୧୨।୭**



ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୧୮ ଦିନ ରହିବା ପରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଆସନ୍ତା ୧୫ ତାରିଖ ଭାରତୀୟ ସମୟ ଅପରାହ୍ନ ୩ଟାରେ ଆକ୍ସିଓମ-୪ ମିଶନର ନିଜର ୩ ସାଥୀ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍‌ନାନ୍‌ସ୍କି ଏବଂ ଟିବୋର କାପୁଙ୍କ ସହ ଆମେରିକାର ଫ୍ଲୋରିଡାସ୍ଥିତ କାଲିଫର୍ନିଆ ଉପକୂଳରେ ଅବତରଣ କରିବେ। ନାସା ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମିଶନର ୪ କ୍ରିଉ ସଦସ୍ୟ ଆସନ୍ତା ୧୪ ତାରିଖ ଭାରତୀୟ ସମୟ ଅପରାହ୍ନ ୪.୩୫ରେ ଆଇଏସ୍‌ଏସ୍ ଛାଡ଼ିବେ। ଅବତରଣ ପରେ ୪ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମରେ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁଙ୍କୁ ତାଲିମ ଦିଆଯିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) କହିଛି। ଇସ୍ରୋର ଫ୍ଲାଇଟ ସର୍ଜନଙ୍କ ପକ୍ଷରୁ ଲଗାତର ଭାବେ ଶୁଭାଂଶୁଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଫିଟନେସ୍‌ର ନିରନ୍ତର ଯାଞ୍ଚ କରାଯାଉଛି। ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଏବଂ ତାଙ୍କ ମନୋବଳ ମଧ୍ୟ ଉଚ୍ଚ ରହିଥିବା ଇସ୍ରୋ କହିଛି।

# ଖଳନାୟକ ଭୂମିକାରେ କରନ୍‌ବୀର


କରନ୍‌ବୀର ମେହରା

**ମୁମ୍ବାଇ**

ଅଭିନେତା ହର୍ଷବର୍ଦ୍ଧନ ରାଣେଙ୍କ ଆଗାମୀ 'ଶିଲା' ଫିଲ୍ମରେ ଅଭିନେତା ତଥା ବିଗବସ୍ ୧୮ର ବିଜେତା କରନ୍‌ବୀର ମେହରାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କର ପ୍ରଥମ ଲୁକ୍ ଉପରୁ ଶନିବାର ପରଦା ଉଠିଛି। 'ଶିଲା'ରେ କରନ୍‌ବୀର 'ଜହରାକ୍' ନାମରେ ଏକ ଖଳନାୟକ ଚରିତ୍ରକୁ ନିଭାଇବେ। ନିଜର ଏହି ଲୁକ୍‌କୁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଲୁକରେ ତାଙ୍କୁ ଆଦୌ ଚିହ୍ନି ହେଉନି। ଏହି ପୋଷ୍ଟରରେ କରନ୍‌ବୀରଙ୍କ ଭୟଙ୍କର ଅନ୍ଦାଜକୁ ସିନେପ୍ରେମୀ ବେଶ୍ ପସନ୍ଦ କରିଛନ୍ତି। ପୋଷ୍ଟରରେ ସେ ରକ୍ତାକ୍ତ ଶରୀର, ଲମ୍ବା କେଶ, ହାତରେ ଖଣ୍ଡା ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳିଛି। ଓମଙ୍ଗ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଅଭିନେତ୍ରୀ ସାଦିଆ ଖତିବ ନଜରକୁ ଆସିବେ। ୨୦୨୬ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମର କାହାଣୀକୁ ସମୀର ଯୋଶୀ ଏବଂ ଆରମ୍ଭ ଏମ୍ ସିଂ ଲେଖିଛନ୍ତି।

# ମହାକାଶ ଅର୍ଥନୀତି ବିକାଶରେ ଷ୍ଟାର୍ଟଅପ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୨।୭**

ଆମାଜନ୍ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ ଏସିଆ ପାସିଫିକ୍ ଓ ଜାପାନ (ଏପିଜେ)ରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହଯୋଗ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଏଡବ୍ଲ୍ୟୁଏସ୍ ସ୍ପେସ୍ ଆକ୍ସିଲରେଟର: ଏପିଜେ ୨୦୨୫ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଉଦ୍ଭାବନ ଓ ବିକଶିତ ସ୍ପେସ୍ ଅର୍ଥନୀତିକୁ ପ୍ରୋତ୍ସାହିତ କରି ସ୍ପେଶ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଛି। ଏହି ୧୦ସପ୍ତାହର ଆକ୍ସିଲରେଟର ପ୍ରୋଗ୍ରାମ ପ୍ରାୟ ୪୦ ମନୋନୀତ ଷ୍ଟାର୍ଟଅପ୍‌କୁ ସେମାନଙ୍କର ମିଶନ ପ୍ରସ୍ତୁତ, ବିକଶିତ ଓ ବିସ୍ତାର କରିବା ପାଇଁ ଏଡବ୍ଲ୍ୟୁଏସ୍‌ର ବ୍ୟବହାର କରିବାରେ ସାହାଯ୍ୟ କରିବ ଏବଂ ଉତ୍ସର୍ଗୀକୃତ ବ୍ୟବସାୟିକ ସଂସାଧନ, ଟେକ୍ନୋଲୋଜି ଓ ବ୍ୟବସାୟ କ୍ଷମତାକୁ ନେଇ ବିଶେଷଜ୍ଞତା ଓ ମାର୍ଗଦର୍ଶନ ପ୍ରଦାନ କରିବ। ଏହି ଆକ୍ସିଲରେଟର ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ କିମ୍ବା ଜାପାନରେ ଅବସ୍ଥିତ ସମସ୍ତ ପର୍ଯ୍ୟାୟର ସ୍ପେସ୍-ସେକ୍ଟର ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଖୋଲା ରହିଛି। ଏପରିକି ଅଂଶଗ୍ରହଣକାରୀମାନେ ନିଜର ଟେକ୍ନୋଲୋଜି ପ୍ଲାଟ୍‌ଫର୍ମ ନିର୍ମାଣ କରିବା ସହ ପରିଚାଳନା ବିସ୍ତାର କରିବା ଓ ନିବେଶ ସୁଯୋଗ ହାସଲ କରିବା ପାଇଁ ଏହି ପ୍ରୋଗ୍ରାମର ବ୍ୟବହାର କରିପାରିବେ। ଏଡବ୍ଲ୍ୟୁଏସ୍ ସ୍ପେଶ ଆକ୍ସିଲରେଟର: ଏପିଜେ ପାଇଁ ଆବେଦନ ଆରମ୍ଭ ହୋଇଯାଇଥିଲାବେଳେ ୨୦୨୫ ସେପ୍ଟେମ୍ବର ୫ରେ ଏହାର ଦାଖଲ ପ୍ରକ୍ରିୟା ଶେଷ ହେବ। ଏଡବ୍ଲ୍ୟୁଏସ୍ ସ୍ପେସ୍ ଆକ୍ସିଲରେଟର: ଏପିଜେ ୨୦୨୫କୁ ଏଡବ୍ଲ୍ୟୁଏସ୍ ପାର୍ଟନର ଟି-ହବ୍, ମିନ୍‌ଫାଏ, ଫ୍ୟୁଜିକ ଓ ଆନ୍‌ସିସ ସହିତ ଇନ୍-ସ୍ପେସ୍, ଦ ଅଷ୍ଟ୍ରେଲିଆ ସ୍ପେସ୍ ଏଜେନ୍ସି, ଆଇଲଞ୍ଚ ଓ ସ୍କାଏ ପର୍‌ଫେକ୍ଟ ଜେଏସ୍‌ଏଟି କୋଅପରେଶନ ଭଳି ଅଗ୍ରଣୀ ସ୍ପେଶ ଅର୍ଗାନାଇଜେଶନ ସହ ସହଭାଗିତାରେ ପ୍ରଦାନ କରାଯିବ। ଏହି ପ୍ରୋଗ୍ରାମକୁ ୨୦୨୫ ସେପ୍ଟେମ୍ବରରୁ ଭର୍ଚୁଆଲ ମାଧ୍ୟମରେ ଓ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ, ଯାହା ୨୦୨୫ ଡିସେମ୍ବରରେ ଏକ ଡେମୋ ଡେ'ରେ ଶେଷ ହେବ। ସେହିପରି ମନୋନୀତ ଷ୍ଟାର୍ଟଅପ୍‌ଗୁଡିକ ଏଡବ୍ଲ୍ୟୁଏସ୍ ଆକ୍ଟିଭେଟ୍‌ର ଅଂଶ ଭାବେ ୧ଲକ୍ଷ ଡଲାର ପର୍ଯ୍ୟନ୍ତ ଏଡବ୍ଲ୍ୟୁଏସ କ୍ରେଡିଟ୍ ହାସଲ କରିବେ। ଏଡବ୍ଲ୍ୟୁଏସ୍‌ରେ ସମାଧାନ ନିର୍ମାଣ କରିବା ପାଇଁ ଏଡବ୍ଲ୍ୟୁଏସ୍ ବିଶେଷଜ୍ଞ ଓ ସହଯୋଗୀଙ୍କଠାରୁ ବୈଷୟିକ ମାର୍ଗଦର୍ଶନ, ଶିଳ୍ପର ଅଭିଜ୍ଞ ବ୍ୟକ୍ତିବିଶେଷଙ୍କଠାରୁ ବ୍ୟବସାୟ ତାଲିମ ଓ ମାର୍ଗଦର୍ଶନ, ଭେଞ୍ଚର କ୍ୟାପିଟାଲ ଫାର୍ମ ଓ ସମ୍ଭାବ୍ୟ ଗ୍ରାହକଙ୍କ ସହ ସଂଯୋଗ ହାସଲ କରିପାରିବେ। ଏଡବ୍ଲ୍ୟୁଏସ୍ ଏରୋସ୍ପେସ୍ ଆଣ୍ଡ ସାଟେଲାଇଟ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ କ୍ଲିଂଟ କ୍ରୋସିଏର କହିଛନ୍ତି, ଅଷ୍ଟ୍ରେଲିଆ ସ୍ପେସ୍ ଏଜେନ୍ସି, ଇନ୍-ସ୍ପେସ୍, ଆଇଲଞ୍ଚ ଓ ସ୍କାଏ ପର୍‌ଫେକ୍ଟ ଜିଏସ୍‌ଏଟି ସହ ସହଭାଗିତା ସେମାନଙ୍କ ନିଜ ନିଜ ଦେଶରେ ମହାକାଶ ଅର୍ଥନୀତିର ବିକାଶରେ ସହଯୋଗ କରିବା ପାଇଁ ସ୍ଥାନୀୟ ସ୍ପେସ୍ ଏଜେନ୍ସି ଓ ଇଣ୍ଡଷ୍ଟ୍ରି ଲିଡରଙ୍କ ସହ କାର୍ଯ୍ୟ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏହି ଆକ୍ସିଲରେଟର ପ୍ରୋଗ୍ରାମ ମାଧ୍ୟମରେ ଆମେ କେବଳ ସ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକୁ ସହଯୋଗ କରୁନାହୁଁ ବରଂ ଏକ ମଜଭୁତ ସମୁଦାୟ ନିର୍ମାଣରେ ମଧ୍ୟ ସାହାଯ୍ୟ କରୁଛୁ, ଯାହା ଏହି ଅଞ୍ଚଳଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧି ଓ ବୈଷୟିକ ଅଗ୍ରଗତିକୁ ଆଗକୁ ବଢ଼ାଇପାରିବ।




## ବଜାରରେ ଏଆଇ+ ରେଞ୍ଜ

**ଭୁବନେଶ୍ୱର,୧୨।୭**

ନେକ୍ସଟ୍‌କ୍ୱାଣ୍ଟମର ବହୁ ପ୍ରତୀକ୍ଷିତ ତଥା ଏଆଇ+ର ନୂତନ ରେଞ୍ଜ 'ପଲ୍‌ସ ଓ ନୋଭା ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟ୍‌କ୍ୱାଣ୍ଟମ ଓଏସ୍ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି। ଉଲ୍ଲେଖଯୋଗ୍ୟ, ଏଆଇ+ ନୂତନ ରେଞ୍ଜରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ଫିଚର ସାମିଲ ରହିଛି। ବିଶେଷକରି ପଲ୍‌ସ ଭାରିଆଣ୍ଟରେ ୬.୭ ଇଞ୍ଚ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବଲ ମେମୋରି, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି, ସାଇଡ୍ ଫିଙ୍ଗରପ୍ରିଣ୍ଟ ସେନ୍ସର ରହିଛି। ଏହା ବ୍ଲୁ, ବ୍ଲାକ୍, ଗ୍ରୀନ୍, ପର୍ପଲ ଓ ପିଙ୍କରେ ଉପଲବ୍ଧ। ସେହିପରି ନୋଭା ୫ଜି ଭାରିଆଣ୍ଟରେ ୬.୭ ଇଞ୍ଚ ଏଚ୍‌ଡି+ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବଲ ମେମୋରି, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି, ସାଇଡ୍ ଫିଙ୍ଗରପ୍ରିଣ୍ଟ ସେନ୍ସର ରହିଛି।

## ତନିସ୍କରେ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ



**ଭୁବନେଶ୍ୱର,୧୨।୭ (ଅଭୟ ଦାଶ)**

ତନିସ୍କର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଫେଷ୍ଟିଭାଲ୍ ଅଫ୍ ଡଏମଣ୍ଡ- ସାର୍କେଲ୍ ୟୋର୍ ୱେ'ର ୨୦୨୫ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାତ୍ର ୧୫,୦୦୦ଟଙ୍କାରୁ ଆରମ୍ଭକରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏହି କ୍ୟାମ୍ପେନ ଫ୍ୟାଶନ ନେତୃତ୍ୱରେ ନେଉଛି, ଆଧୁନିକ ୱାଡ୍‌ରୋବର ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳିଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନକୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିସ୍କ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ରିହାତି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ୍ଣ ଗହଣା ପିସ୍ ଉପରେ ଉପଲବ୍ଧ ରହିଛି।

## ଟାଟା ପାୱାରର ତିରୁନେଲ୍‌ଭେଲି ସୌର ମଡ୍ୟୁଲ

**ଭୁବନେଶ୍ୱର, ୧୨।୭**

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ମାଧ୍ୟମରେ ଓଡ଼ିଶା ସବୁଜ ଶକ୍ତିର ନେଟ୍ ରପ୍ତାନିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟରେ ଟାଟା ପାୱାରର ତାମିଲନାଡୁର ତିରୁନେଲ୍‌ଭେଲିସ୍ଥିତ ୪.୩ ଗିଗାୱାଟ୍ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କାରଖାନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟାଟା ପାୱାର ଆସନ୍ତା ୩ ବର୍ଷରେ ଓଡ଼ିଶାରେ ୩ ଲକ୍ଷରୁ ଅଧିକ ରୁଫ୍‌ଟପ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ଯୋଜନା ରଖିଛି। ଓଡ଼ିଶା ରିନ୍ୟୁଏବଲ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି (ଓରେଡା) ସହ ମିଳିତ ଭାବେ ସଚେତନତା, ସ୍ଥାନୀୟ ତାଲିମ ଓ ସୁଲଭ ଅର୍ଥନୀତି ମାଧ୍ୟମରେ ସୌର ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରୁଛି। ପିଏମ୍ ସୂର୍ଯ୍ୟଘର ଯୋଜନା ଓ ରାଜ୍ୟ ସରକାରଙ୍କ ସମର୍ଥନ ସହ ଓଡ଼ିଶା ସବୁଜ ଶକ୍ତି କ୍ଷେତ୍ରରେ ଆଗେଇବାରେ ଲାଗିଛି। ଟିପି ସୋଲାର ଲିମିଟେଡ୍, ଟାଟା ପାୱାରର ସୌର ଶାଖା, ଟପ୍‌କନ ଓ ମୋନୋ ପର୍କ ପ୍ରଯୁକ୍ତି ସହ ଉଚ୍ଚ-ଦକ୍ଷତାଯୁକ୍ତ ସୌର ସେଲ୍ ଓ ମଡ୍ୟୁଲ ଉତ୍ପାଦନ କରୁଛି। ଏହା ଡିସିଆର୍ ଓ ଏଏଲ୍‌ଏମ୍‌ଏମ୍ ମାନ୍ୟତା ଅନୁସାରେ ସ୍ଥାନୀୟ ଉତ୍ପାଦନକୁ ସମର୍ଥନ କରିଥାଏ। କ୍ଲବ ଏନର୍ଜି ମାଧ୍ୟମରେ ଛାତ୍ରମାନଙ୍କୁ ସବୁଜ ଶକ୍ତି ଶିକ୍ଷା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସଶକ୍ତ କରାଯାଉଛି। ଓଡ଼ିଶାର ୪ଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀରେ ଟାଟା ପାୱାର ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଟିପିଏସ୍‌ଡିଆଇ) ମାଧ୍ୟମରେ ୪ଟି ସ୍କିଲ୍ ସେଣ୍ଟର ଏକ ବର୍ଷରେ ୧୨,୦୦୦ ବ୍ୟକ୍ତିଙ୍କୁ ସୌର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ତାଲିମ ଦେବ। ଏହା ସ୍ଥାନୀୟ ନିଯୁକ୍ତିକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ତିରୁନେଲ୍‌ଭେଲି କାରଖାନା ୮୦% ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ। ଟାଟା ପାୱାର ଓଡ଼ିଶାର ଶକ୍ତି ଭିତ୍ତିଭୂମିରେ ଗ୍ରୀଡ୍ ଦକ୍ଷତା, ଏଟି ଆଣ୍ଡ ସି କ୍ଷତି ହ୍ରାସ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି।

## ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ପକ୍ଷରୁ ଶକ୍ତି ସମ୍ମାନ



**ଭୁବନେଶ୍ୱର,୧୨।୭**

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଇଣ୍ଡିଆନ ୱମେନ ନେଟ୍‌ୱର୍କ (ସିଆଇଆଇ ଆଇଡବ୍ଲ୍ୟୁଏନ୍)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଶକ୍ତି ସମ୍ମାନ-୨୦୨୫'ର ୩ୟ ସଂସ୍କରଣ ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ତାଙ୍କ ଉପସ୍ଥିତି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଓ ସ୍ୱୀକୃତି ଦିଗରେ ସଫଳତାକୁ ଆହୁରି ପ୍ରୋତ୍ସାହିତ କରିଛି। ଏହି କାର୍ଯ୍ୟକ୍ରମର ଅନ୍ୟତମ ବହୁ ପ୍ରତୀକ୍ଷିତ ଅଂଶ ଥିଲା 'ଶକ୍ତି ସମ୍ମାନ ୨୦୨୫', ଏକ ସମ୍ବର୍ଦ୍ଧନା ସମାରୋହ ଯାହା ସମାଜ ଓ ଶିଳ୍ପ ପ୍ରତି ଚମତ୍କାର ଯୋଗଦାନ ଦେଇଥିବା ମହିଳାମାନଙ୍କୁ ସମ୍ମାନିତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ନିଜର ସ୍ୱତନ୍ତ୍ର ଅଭିଭାଷଣ ମାଧ୍ୟମରେ ସମାବେଶୀ ବିକାଶ ପାଇଁ ଏକାଭିମୁଖତା, ଯୋଜନା ଓ ସମ୍ବଳ ବିକାଶ କ୍ଷେତ୍ରରେ ରାଜ୍ୟର ପ୍ରୟାସଗୁଡ଼ିକୁ ଆଲୋକିତ କରିଥିଲେ। ସିଆଇଆଇ ଆଇଡବ୍ଲ୍ୟୁଏନ୍‌ର ଅଧ୍ୟକ୍ଷା ଜୁବିନା ଅଲୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନେତୃତ୍ୱ ମାଧ୍ୟମରେ ସଶକ୍ତୀକରଣ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଡିଜିଟାଲ ମାର୍କେଟିଂରେ ଦକ୍ଷତା ବିକାଶ

**ଭୁବନେଶ୍ୱର,୧୨।୭**

ବର୍ତ୍ତମାନ ସମୟରେ ଡିଜିଟାଲ କ୍ଷେତ୍ରର ଗୁରୁତ୍ୱ ବୃଦ୍ଧି ପାଉଛି। କାରଣ ସବୁ କ୍ଷେତ୍ରରେ ଡିଜିଟାଲ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ନିକଟରେ ନିଟ୍ ଫାଉଣ୍ଡେଶନ୍, ୟୁୱାଶ, ୟୁନିସେଫ ମିଳିତ ଭାବେ ହସ୍‌ଟ୍ୟାଗ୍ ନିୟ ଡିଜିଟାଲ ଦିଶା ଅଭିଯାନ ବ୍ୟାନର ଅଧୀନରେ ଡିଜିଟାଲ ମାର୍କେଟିଂରେ ଏକ ଓପନ ଅନ୍‌ଲାଇନ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପ୍ରୋଗ୍ରାମ ବର୍ତ୍ତମାନ ରାଜସ୍ଥାନ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି, ଯାହାର ଲକ୍ଷ୍ୟ ହେଉଛି ଏକ ଡିଜିଟାଲ ସଶକ୍ତ ଏବଂ ନିଯୁକ୍ତି ପାଇଁ ପ୍ରସ୍ତୁତ ପିଢ଼ି ସୃଷ୍ଟି କରିବା। ଏହି ପାଠ୍ୟକ୍ରମଟି ଦୂରଦୂରାନ୍ତ କିମ୍ବା ସୀମାନ୍ତ ସମ୍ପ୍ରଦାୟର ଯୁବପିଢ଼ିଙ୍କ ପାଇଁ ଉଚ୍ଚମାନର ଡିଜିଟାଲ୍ ଶିକ୍ଷା ସୁଗମ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପାଠ୍ୟକ୍ରମର ଅଂଶଗ୍ରହଣକାରୀମାନେ ଏକ ଏନ୍‌ସିଭିଇଟି-ମୂଲ୍ୟାୟନିତ ଏବଂ ଏନ୍‌ଏସ୍‌ଡିସି-ପ୍ରମାଣିତ ପ୍ରମାଣପତ୍ର ପାଇବେ, ଯାହା ସେମାନଙ୍କୁ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଦକ୍ଷତା ବିକାଶ ସହ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବାକୁ ସକ୍ଷମ କରିବ। ଏହି ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ସୋସିଆଲ ମିଡିଆ ଏବଂ ଇଣ୍ଟରନେଟ୍ ବ୍ୟବହାରକରି ମାର୍କେଟିଂ ରଣନୀତି ବିକଶିତ ଏବଂ କାର୍ଯ୍ୟକାରୀ କରିବା, ସଂଗଠନ ପାଇଁ ଗ୍ରାହକ ସଂଗ୍ରହ କରିବା ଏବଂ ନିରନ୍ତର ସେମାନଙ୍କର ବୃତ୍ତିଗତ ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବା ପାଇଁ ଦକ୍ଷତା ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମ ୬ ମାସ ପାଇଁ ଚାଲିବ, ଯାହା ଭାରତର ୩ଟି ରାଜ୍ୟର ୫୦୦ରୁ ଅଧିକ ଯୁବକଙ୍କ ନିକଟରେ ପହଞ୍ଚିବ। ନିଟ୍ ଫାଉଣ୍ଡେଶନର କଂଟ୍ରି ଡାଇରେକ୍ଟର ଚାରୁ କପୁର କହିଛନ୍ତି, ଏହି କାର୍ଯ୍ୟକ୍ରମ ଭାରତର ଯୁବପିଢ଼ିଙ୍କୁ ବାସ୍ତବ-ବିଶ୍ୱ ଡିଜିଟାଲ ଦକ୍ଷତା ସହିତ ସଜ୍ଜିତ କରିବା ଦିଗରେ ଏକ ପଦକ୍ଷେପ, ଯାହା ସେମାନଙ୍କୁ ଏକ ପ୍ରଯୁକ୍ତିଚାଳିତ ଅର୍ଥନୀତିରେ ଉନ୍ନତି କରିବାରେ ସାହାଯ୍ୟ କରିବ।

## ଅପରାଧ

# ଶୋଇଥିବା ମହିଳାଙ୍କୁ ଗଳାକାଟି ହତ୍ୟା

**ଲାଞ୍ଜିଗଡ଼/ଭବାନୀପାଟଣା, ୧୨।୭ (ରମେଶ ଚନ୍ଦ୍ର ନାୟକ/ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମୂଷିଗୁଡ଼ା ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ରାତିରେ ଶୋଇଥିବା ଅବସ୍ଥାରେ ବିଧବା ଜନନୀ ହରିଜନ (୬୧)ଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସୂଚନାନୁସାରେ ଜନନୀଙ୍କ ଘର ଲାଞ୍ଜିଗଡ଼ ବ୍ଲକ ଲାଖବାହଲି ପଞ୍ଚାୟତ ତାଳବର ଗାଁରେ। ତାଙ୍କ ପରିବାର ୧୦ବର୍ଷ ହେବ ଭବାନୀପାଟଣା ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ମୂଷିଗୁଡା ଗାଁରେ ରହି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଜନନୀଙ୍କ ସ୍ୱାମୀ ମଙ୍ଗଲୀ ହରିଜନଙ୍କ ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ୩ ଝିଅ ବାହା ହୋଇ ନିଜ ଗାଁ ତାଳବରଠାରେ ରହୁଛନ୍ତି। ଜନନୀଙ୍କ ସହିତ ତାଙ୍କ ସମ୍ପର୍କୀୟ ମହିଳା ସୁଦାମା ହରିଜନ (୪୦)ମଧ୍ୟ ମୂଷିଗୁଡ଼ାରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଜଣ ମହିଳା ଘରେ ଶୋଇଥିବା ବେଳେ ସେହି ଗାଁର ଜଣେ ଯୁବକ ଜନନୀଙ୍କ ଗଳା କାଟି ହତ୍ୟା କରିଥିବା ପରିବାରଠାରୁ ସୂଚନା ମିଳିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଶନିବାର ସକାଳେ ପରିବାର ଲୋକଙ୍କଠାରୁ ଖବର ପାଇ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ପରିବାର ଲୋକେ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରୁଛନ୍ତି। ଏ ନେଇ ବିଏନ୍‌ଏସ୍ ଦଫା ୧୦୩(୧) ଅନୁଯାୟୀ ହତ୍ୟା ମାମଲା (ନଂ.୩୨୪/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସୋମ୍ୟରଞ୍ଜନ ପଧାନଙ୍କଠାରୁ ପ୍ରକାଶ।

# ଖଣିଜ ବୋଝେଇ ଟ୍ରେଲର ଜବତ, ଜଣେ ଗିରଫ

**ପୁଣି ଗଚ୍ଛିତ ଲୁହାପଥର ଚୋରି**

**ଯୋଡ଼ା,୧୨।୭(ମାନସ ମହାନ୍ତି)**



ଜବତ ଟ୍ରେଲର।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଗୁଣ୍ଡ ଲୁହାପଥର ପୁଣି ଚୋରା ହୋଇଛି। ଖଣିଜ ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରି ଏକ ଟ୍ରେଲର ଜବତ କରିଛି। ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉକ୍ତ ଟ୍ରେଲରରେ ପ୍ରାୟ ୩୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଖଣିଜ ଡିପୋରୁ ଟ୍ରେଲର (ନଂ. ୟୁପି ୮୨ ଏଟି ୪୮୬୦)ଯୋଗେ ଲୁହାପଥର ଚୋରାଚାଲାଣ ନିମନ୍ତେ ବୋଝେଇ ହେଉଥିଲେ। ସ୍ଥାନୀୟ ଲୋକ ଜାଣିବା ପରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଖଣିଜ ଚୋରା ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଟ୍ରେଲର ଜବତ କରି ଥାନାକୁ ଆଣିଥିଲା। ଡ୍ରାଇଭରଙ୍କୁ ପଚରାଉଚରା କରାଯାଉଥିବା ବେଳେ ଜବତ ଖଣିଜର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ନୟାଗଡ଼ ରେଳ ସାଇଡିଂ ନିକଟସ୍ଥ ବିଭିନ୍ନ ବ୍ୟକ୍ତିଗତ ପ୍ଲଟ୍‌ରେ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଥିଲା। ଏହାର କେହି ଦାବିଦାର ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରିଥିଲା। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ହୋଇପଡ଼ିରହିଛି। ଚୋରା ଖଣିଜ ବ୍ୟବସାୟୀ ମେଶିନ ଲଗାଇ ଟ୍ରକ ଯୋଗେ ଖଣି ବୋହି ନେଉଛନ୍ତି। ପୋଲିସ ପୂର୍ବରୁ ନୟାଗଡ଼ ରେଳ ସାଇଡିଂ ନିକଟରେ ଚଢ଼ାଉ କରି ଗାଡ଼ି, ମେଶିନ ଓ ଖଣିଜ ଚୋରା ବ୍ୟବସାୟୀଙ୍କୁ ଗିରଫ କରିଛି। ଖଣି ବିଭାଗ ଜବତ କରି ଅତୀତରେ ରଖିଥିବା ଲୁହାପଥରକୁ କାହିଁକି ଖଣି ନିଗମକୁ ହସ୍ତାନ୍ତର କରୁନାହିଁ ଏବଂ ନିଗମ ଏହାକୁ କାହିଁକି ନିଲାମ କରୁନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଯେହେତୁ ପୋଲିସ ଧରିଛି, ପୋଲିସ ଏ ନେଇ ମାମଲା ରୁଜୁ କରିବ।

## ମାଓବାଦୀଙ୍କ ନାଁରେ ୫୦ ଲକ୍ଷ ଚାନ୍ଦା ମାଗି ୨ ଗିରଫ

**ବାଳ ସୁଧାର ଗୃହକୁ ଗଲେ ନାବାଳକ**

**ରାୟଗଡ଼ା/ଟିକିରି,୧୨।୭(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

ନିୟମଗିରି ମାଓବାଦୀଙ୍କ ନାଁରେ ଧମକ ଦେଇ ୫୦ ଲକ୍ଷ ଚାନ୍ଦା ମାଗିବା ଅଭିଯୋଗରେ ୨ ଯୁବକଙ୍କୁ ରାୟଗଡା ଜିଲା ଦୋରାଗୁଡ଼ା ପୋଲିସ ଶନିବାର ଗିରଫ କରିବା ସହ ଅନ୍ୟ ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଛି। ଗିରଫ ଦୁଇଜଣ ହେଲେ କୁପାଖାଲ ଗ୍ରାମର ବିନୋଦ ବାଗ ଓ ମାଳିଗୁଡ଼ାର ନରେଶ ନାଏକ। ଅନ୍ୟଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଦାରାଗୁଡ଼ା ଥାନା ଅନ୍ତର୍ଗତ ହାତୀମୁଣ୍ଡା ଟିକିରି ଗ୍ରାମର ଚନ୍ଦ୍ରଶେଖର ବିଶୋଇଙ୍କୁ ୩ ଜଣ ନିୟମଗିରି ଅଞ୍ଚଳର ମାଓବାଦୀ ପରିଚୟ ଦେଇ ଚିଠି ଓ ଫୋନ୍ କରି ୫୦ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ। ଏ ନେଇ ଚନ୍ଦ୍ରଶେଖର ଦୋରାଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି କିରଣବାଳା ସାମଲ ନଂ. ୮୮/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ତଦନ୍ତରୁ ବିନୋଦ ଓ ନରେଶଙ୍କ ସହିତ ଜଣେ ନାବାଳକ ସାମିଲ ଥିବା ଜଣାପଡ଼ିବା ପରେ ପୋଲିସ ୩ ଜଣଙ୍କୁ ଧରିଥିଲା। ତଦନ୍ତରେ ରାୟଗଡ଼ା ସାଇବର ସେଲ୍ ଟିମ୍ ଓ ଟିକିରି ଥାନା ପୋଲିସ ସହାୟତା କରିଥିବା ଆଇଆଇସି ସାମଲ କହିଛନ୍ତି।

## ଚାକିରି କରାଇଦେବାକୁ କହି ଯୁବତୀଙ୍କୁ ବିକ୍ରି ଅଭିଯୋଗ, ଦମ୍ପତି ଗିରଫ

**କୋରାପୁଟ,୧୨।୭(ଅମିତାଭ ବେହେରା)**

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚାକିରି କରାଇ ଦେବାକୁ କହି କୋଲକାତାର ଜୈନିକ ଯୁବତୀଙ୍କୁ ବିକ୍ରି କରିବାକୁ ନେଉଥିବା ଦମ୍ପତିଙ୍କୁ ଟାଉନ ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ କୋରାପୁଟ ପୂଜାରିପୁଟ ଅଞ୍ଚଳ ବିଶ୍ୱାଳ କଲୋନୀର ଅରୁଣ କୁମାର ସାହୁ(୫୨) ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ବେହେରା(୪୫)। ସୂଚନା ଅନୁଯାୟୀ, ଅରୁଣ କୋଲକାତାର ସୋମା ଘୋଷ(୩୬)ଙ୍କୁ ଫୋନ୍ କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚାକିରି କରାଇ ଦେବାକୁ କହି କୋରାପୁଟକୁ ଡକାଇଥିଲେ। ଏଠାରେ ରହିବା ପାଇଁ ଲଗେଜ ନେଇ ଆସିବାକୁ ମଧ୍ୟ କହିଥିଲେ। ଏହା ପରେ ସୋମା ସମସ୍ତ ପ୍ରସ୍ତୁତି ସହ ୨ ଦିନ ପୂର୍ବରୁ କୋରାପୁଟ ଆସି ଅରୁଣଙ୍କ ବାସଭବନରେ ରହିଥିଲେ। ଶୁକ୍ରବାର ରାତିରେ ଅରୁଣ ଓ ତାଙ୍କ ସ୍ତ୍ରୀ ପଲ୍ଲବୀ ଯୁବତୀଙ୍କୁ କୌଣସି ଏକ ବ୍ୟକ୍ତିଙ୍କୁ ବିକ୍ରି କରିବାକୁ ଏକ ବାଇକ ଯୋଗେ ନେଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ସୋମା ପାଟି କରିଥିଲେ। ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଉଭୟ ଦମ୍ପତିଙ୍କୁ ଥାନାକୁ ଆଣିଥିଲେ। ଯୁବତୀଙ୍କ ଅଭିଯୋଗ ପରେ ଟାଉନ ଥାନାରେ ୧୪୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। କୋରାପୁଟ ଟାଉନ ଥାନାର ସବ ଇନିସପେକ୍ଟର ଏଲ୍.ବୈଦ୍ୟ ମାମଲାର ତଦନ୍ତ କରୁଛନ୍ତି।

## ଭଟିଗାଁ ସରପଞ୍ଚ ଗିରଫ

**ୱାର୍ଡମେମ୍ବରଙ୍କୁ ଆକ୍ରମଣ ଘଟଣା**

**ବରପାଲି,୧୨।୭(ଚିତ୍ତରଞ୍ଜନ ସାହୁ)**

ୱାର୍ଡମେମ୍ବରଙ୍କୁ ଆକ୍ରମଣ ଓ ଜାତିଆଣ ଗାଳିଗୁଲଜ କରିବା ଅଭିଯୋଗରେ ବରପାଲି ପୋଲିସ ଶୁକ୍ରବାର ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରୁ ତାଙ୍କୁ ବରଗଡ଼ ଜେଲ୍‌କୁ ପଠାଯାଇଛି। ଭଟିଗାଁ ଗ୍ରାମପଞ୍ଚାୟତ ୧୩ ନମ୍ବର ୱାର୍ଡର ୱାର୍ଡମେମ୍ବର ପ୍ରଭାକର କୌଣସି କାମରେ ଗତ ୩୦ ତାରିଖରେ ବରପାଲି ବ୍ଲକ୍ ଅଫିସକୁ ଆସିଥିଲେ। ଏହି ସମୟରେ ହିମାଞ୍ଚଳ ପହଞ୍ଚି ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏ ନେଇ ପ୍ରଭାକରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୧୮୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ପ୍ରଭାକର ମଧ୍ୟ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ହିମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମକଦ୍ଦମା (ନଂ.୧୮୩/୨୦୨୫) ରୁଜୁ କରିଥିଲା। ଉଭୟ ପକ୍ଷର ଏତଲାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତ ପରେ ପୋଲିସ ହିମାଞ୍ଚଳଙ୍କ ନାମରେ ଗିରଫ ୱାରେଣ୍ଟ ଜାରି କରିଥିଲା।

## ପରକୀୟା ପ୍ରୀତି ଲୁଚାଇବା ପାଇଁ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍ ଚୋରାଇଲେ

**ନୂଆଦିଲ୍ଲୀ, ୧୨।୭**

ଦିଲ୍ଲୀ ପୋଲିସ ଶନିବାର ଏକ ରୋଚକପୂର୍ଣ୍ଣ ଫୋନ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଜଣେ ମହିଳା ତାଙ୍କ ପରକୀୟା ପ୍ରୀତି ସମ୍ପର୍କିତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ଭଡ଼ାରେ ଲୋକ ଲଗାଇ ସ୍ୱାମୀଙ୍କ ଫୋନ୍‌କୁ ଚୋରି କରାଇଥିଲେ। ପ୍ରାୟ ୭୦ ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଯାଞ୍ଚ କରିବା ପରେ ପୋଲିସ ଏହି ମାମଲାର ପର୍ଦ୍ଦାଫାଶ କରିଛି।

ଦକ୍ଷିଣ ଦିଲ୍ଲୀର ଡିସିପି ଅଙ୍କିତ ଚୌହାନ କହିଛନ୍ତି, ଗତ ୧୯ ତାରିଖରେ ସ୍ଥାନୀୟ ସୁଲତାନପୁରସ୍ଥିତ ଓଲ୍ଡ ୟୁକେ ପେଣ୍ଟ ଫ୍ୟାକ୍ଟ୍ରି ନିକଟରେ ସ୍କୁଟରରେ ୨ ଜଣ ଆସି ଜଣେ ବ୍ୟକ୍ତିଙ୍କ ଫୋନ୍ ଛଡ଼ାଇ ନେଇଥିଲେ। ଫୋନ୍ ଚୋରିକୁ ନେଇ ବ୍ୟକ୍ତି ଜଣକ ନିଜ ଭାଗ୍ୟକୁ ଦାୟୀ କରିବା ସହ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି କ୍ୟାମେରାରୁ ଅଭିଯୁକ୍ତ ବ୍ଲୁ ଟି ଶାର୍ଟ ପିନ୍ଧିଥିବା ଜଣାପଡ଼ିଥିଲା। ସ୍କୁଟରର ନମ୍ବରରୁ ପୋଲିସ ଅଭିଯୁକ୍ତ ଅଙ୍କିତ ଗେହଲଟଙ୍କ ନିକଟରେ ପହଞ୍ଚିଥିଲା। ପୋଲିସ ତାଙ୍କୁ ରାଜସ୍ଥାନର ବାର୍‌ମେରରୁ ଗିରଫ କରିଥିଲା। ପଚରାଉଚରା ସମୟରେ ଅଙ୍କିତ ଚୋରି ପଛର କଥା ବଖାଣିଥିଲେ। ଏହି ଚୋରି ପାଇଁ ଅଭିଯୋଗକାରୀଙ୍କ ସ୍ତ୍ରୀ ତାଙ୍କୁ ଭଡ଼ାରେ ନେଇଥିବା ଅଙ୍କିତ କହିଥିଲେ। ପ୍ରେମିକଙ୍କ ସହ ମହିଳାଙ୍କର ଥିବା ଅନ୍ତରଙ୍ଗ ଫଟୋକୁ ତାଙ୍କ ସ୍ୱାମୀ ନିଜ ଫୋନ୍‌ରେ ସେଭ୍ କରି ରଖିଥିବା ନେଇ ସେ ଜାଣିବାକୁ ପାଇଥିଲେ। ସେ ଉକ୍ତ ଫଟୋଗୁଡ଼ିକୁ ସ୍ୱାମୀଙ୍କ ଫୋନ୍‌ରୁ ଡିଲିଟ୍ କରିବାକୁ ଚାହୁଁଥିଲେ। ତେଣୁ ସେ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ମହିଳା ଜଣକ ଅଙ୍କିତଙ୍କୁ ଟଙ୍କା ଦେଇ ତାଙ୍କ ସ୍ୱାମୀଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ, ଅଫିସ୍ ସମୟ ଏବଂ ଅଫିସ୍‌ରୁ ଘରର ରୁଟ୍ ସମ୍ପର୍କରେ ଜଣାଇଥିଲେ। ପୋଲିସ ଅଙ୍କିତଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଫୋନ୍‌କୁ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ କିଛିଦିନ ତଳେ ଜାଣିବାକୁ ପାଇଥିଲେ। ତେଣୁ ସ୍ତ୍ରୀ ଶୋଇଥିବା ସମୟରେ ତାଙ୍କ ଫୋନ୍‌ରେ ପ୍ରେମିକଙ୍କ ସହ ଥିବା ଅନ୍ତରଙ୍ଗ ଫଟୋଗୁଡ଼ିକୁ ବ୍ୟକ୍ତି ଜଣକ ନିଜ ଫୋନ୍‌କୁ ନେଇଯାଇଥିଲେ। ଯେତେବେଳେ ମହିଳା ଜଣକ ଏ ବିଷୟରେ ଜାଣିଲେ, ପ୍ରେମିକଙ୍କ ସହ ତାଙ୍କର ଅବୈଧ ସମ୍ପର୍କ ଲୋକଲୋଚନକୁ ଆସିବା ଆଶଙ୍କା କରି ସେ ଭୟଭୀତ ହୋଇଯାଇଥିଲେ ଏବଂ ସ୍ୱାମୀଙ୍କ ଫୋନ୍ ଚୋରି ପାଇଁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତ ମହିଳାଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ........................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜ୍ୟୋତି ସୁରେଖାଙ୍କୁ ହ୍ୟାଟ୍ରିକ୍ ପଦକ



ଜ୍ୟୋତି ସୁରେଖା ଭେନମ୍

## ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪

ମାଡ୍ରିଡ୍, ୧୨।୭(ପି.ଟି.)

ଜ୍ୟୋତି ସୁରେଖା ଭେନମ୍ ଏଠାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୪ ଟିମ୍ ଇଭେଣ୍ଟରେ ୨ ରୌପ୍ୟ ଏବଂ କୋଟିଏ ବ୍ରୋଞ୍ଜ ସହ ହ୍ୟାଟ୍ରିକ ପଦକ ହାସଲ କରିଛନ୍ତି। ପ୍ରଥମେ ସେ ଭାରତର ମହିଳା କମ୍ପାଉଣ୍ଡ ଦଳ ସହ ରୌପ୍ୟ ପଦକ ଲାଭକରିଥିଲେ। ମିକ୍ସଡ ଟିମ୍ ଇଭେଣ୍ଟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ବ୍ରିଟେନର ଇଲା ଗିବ୍‌ସନଙ୍କଠାରୁ ୧୪୭-୧୪୮ରେ ଅଳ୍ପକେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ଟିମ୍ ଇଭେଣ୍ଟରେ ସଙ୍କଟଜନକ ପରିସ୍ଥିତିରେ ଭାରତ ପୁଣି ବିଫଳ ହୋଇଥିବା ଶନିବାରର ଏହି ଫଳାଫଳ ସୂଚିତ କରୁଛି। ଜ୍ୟୋତି ସୁରେଖା ଭେନମ୍, ପରଣିତ କୌର ଏବଂ ୧୬ ବର୍ଷୀୟା ନବାଗତ ପ୍ରତୀକ୍ଷା ପ୍ରଦୀପଙ୍କୁ ନେଇ ଭାରତୀୟ ଦଳ ମୋଟ ୨୧୧୬ ପଏଣ୍ଟ ସହ କ୍ୱାଲିଫିକେଶନ ରାଉଣ୍ଡର ଶୀର୍ଷରେ ରହିଥିଲା। ତେଣୁ ଦଳଠାରୁ ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ମାତ୍ର ଦଳ ଫାଇନାଲରେ ହୁଆଙ୍ଗ ଆଇ-ଜୋ, ଚେନ୍ ୟି ହୁଆନ୍ ଓ ଚିଉ ୟୁ-ଏରଙ୍କୁ ନେଇ ଚାଇନିଜ୍ ତାଇପେ ଦଳଠାରୁ ୨୨୫-୨୨୭ରେ ହାରିଯାଇଥିଲା। ସେ ରିଷଭ ଯାଦବଙ୍କୁ ସାଥୀକରି ୧୦ମ ସିଡ୍ ଏଲ୍ ସାଲ୍‌ଭାଡର ଯୋଡ଼ି ପାଓଲା କୋରାଡୋ ଓ ଡଗ୍‌ଲାସ ଭ୍ଲାଦିମିର ନୋଲାସ୍କୋଙ୍କୁ ୧୫୬-୧୫୩ରେ ପରାଜିତକରି ମିକ୍ସଡ ଟିମ୍ ବ୍ରୋଞ୍ଜ ପ୍ଲେ-ଅଫ୍ ଜିତିଛନ୍ତି।

## ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟର ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୧୨।୭ (ବିଜୟ ରଣା)

କଳିଙ୍ଗ ଷ୍ଟାଡିୟମସ୍ଥିତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ 'ସଟଲ'ରେ ଆୟୋଜିତ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି। ମିକ୍ସଡ ଡବଲ୍ସ ବିଭାଗର ପ୍ରି-କ୍ୱାର୍ଟର ଲାଇନ ଅପ୍ ଚୂଡ଼ାନ୍ତ ହୋଇଯାଇଅଛି।

ଏଥିରେ ଓଡ଼ିଶା ଯୋଡ଼ି ତନ୍ମୟ ସାହୁ ଓ ହର୍ଷିତା ରାଉତ ତାଙ୍କ ତାମିଲନାଡୁ ପ୍ରତିଦ୍ୱନ୍ଦ୍ୱୀ ହରିଭାରତି ବି. ଓ ଧନ୍ୟା ଏନ୍‌ଙ୍କଠାରୁ ୨୧-୧୮, ୧୭-୨୧ ଓ ୧୯-୨୧ରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଉତ୍ତରପ୍ରଦେଶ ଯୋଡ଼ି ଧ୍ରୁବ ରାୱତ ଓ ମନୀଷା କେ. ଆନ୍ଧ୍ର-କେରଳ ଯୋଡ଼ି ଭି.ଭି. ଓ ଏନ୍. ଓଏସିସ୍‌ଙ୍କୁ ୨୧-୧୬, ୨୨-୨୪ ଓ ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସିଡ କର୍ଣ୍ଣାଟକର ଆସିଥ ସୂର୍ଯ୍ୟା ଓ ଅମୃଥା ପି. ଏବଂ ପଞ୍ଚମ ସିଡ୍ ମହାରାଷ୍ଟ୍ର-ଦିଲ୍ଲୀ ଯୋଡ଼ି ନିତିନ କୁମାର ରୀତିକା ଥାକ୍‌ରେ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପ୍ରଥମ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଷାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଛନ୍ତି।



ମହିଳା ଡବଲ୍ସ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିଥିବା ଦୁଇ ଖେଳାଳି।

ପୁରୁଷ ସିଙ୍ଗଲ୍ସରେ ପ୍ରଥମ ସିଡ କର୍ଣ୍ଣାଟକର ରଘୁନାଥ ଏମ୍., ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ରାଉଣ୍ଡ ଅଫ୍-୩୨ରେ ପହଞ୍ଚିଥିବା ବେଳେ ଅଣ ସିଡେଡ୍ ଖେଳାଳି କର୍ଣ୍ଣାଟକର ହେମନ୍ତ ଏମ୍. ଜି. ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୧୩-୨୧, ୨୧-୧୭ ଓ ୨୧-୮ରେ ହରାଇ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି।

ମହିଳା ଡବଲ୍ସରେ ପ୍ରଥମ ସିଡ୍ କର୍ଣ୍ଣାଟକର ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟ, ଦ୍ୱିତୀୟ ସିଡ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଏସ୍. ଦୀପ୍ତା, ତୃତୀୟ ସିଡ୍ କର୍ଣ୍ଣାଟକ-ଉତ୍ତର ପ୍ରଦେଶର ଅମୃଥା ପି. ଓ ସୋନାଲି ସିଂ, ଚତୁର୍ଥ ସିଡ ମହାରାଷ୍ଟ୍ରର ଅନଘା କାରଣ୍ଡିକାର ଓ ସିୟା ସିଂ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ସେମାନଙ୍କ ସ୍ଥାନ ସୁରକ୍ଷିତ ରଖିଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗରେ ଆୟୋଜିତ ଏହି ସର୍ବଭାରତୀୟ ପ୍ରତିଯୋଗିତା (ଓସ୍‌ବା) ସଭାପତି ରାଜେଶ ପ୍ରଭାକର ପାଟିଲ ଏବଂ ଓସବା ରାଜ୍ୟ ସଂପାଦକ ନଳିନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

## ଇଣ୍ଡିଆନ ଓପନ ପାରା ଆଥ୍‌ଲେଟିକ୍ସ

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ ବ୍ରୋଞ୍ଜ

ଭୁବନେଶ୍ୱର, ୧୨।୭ (ବିଜୟ ରଣା)

ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ୧୧ଟି ପଦକ ମିଳିଛି। ଜୟନ୍ତୀ ବେହେରା ମହିଳା ଟି-୪୭ କାଟେଗୋରି ୧୦୦ ଓ ୨୦୦ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଟି-୪୭ ୪୦୦ ମିଟରରେ ରୌପ୍ୟ ପାଇଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଏଫ୍-୫୫ ଜାଭେଲିନ୍‌ରେ ସ୍ୱର୍ଣ୍ଣ ଏବଂ ଏଫ୍-୫୫ ଶଟ୍‌ପୁଟରେ ରୌପ୍ୟ ହାସଲ କରିଛନ୍ତି। ସେହିପରି ଓଡ଼ିଶାର ଜାନକୀ ଓରାମ ମହିଳା ଟି-୧୨ କାଟେଗୋରୀ ୧୦୦ମିଟର ଦୌଡ଼ରେ ରୌପ୍ୟ ଏବଂ ୨୦୦ମିଟରରେ ବ୍ରୋଞ୍ଜ ହାସଲ କରିଥିଲେ। ସାହିଲ କିରୋ ତାଙ୍କର ଗାଇଡ୍ ରନର ଥିଲେ। ସେ ଟି୨୦ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କମଳାକାନ୍ତ ନାୟକ ପୁରୁଷ ଏଫ୍ ୫୪/୫୫ କାଟେଗୋରୀ ଜାଭେଲିନ୍‌ରେ ରୌପ୍ୟ ଜିତିଥିବା ବେଳେ ୮୦୦ମିଟରରେ ରୌପ୍ୟ ଏବଂ ୪୦୦ ମିଟରରେ ବ୍ରୋଞ୍ଜ ପାଇଥିଲେ।



ଓଡ଼ିଶାର ପଦକ ବିଜେତା ପାରା ଆଥ୍‌ଲେଟ୍।

## କ୍ଲବ୍ ବିଶ୍ୱକପ୍ ଫାଇନାଲ

# ରେଫରି ଦାୟିତ୍ୱରେ ଅଲିରେଜା



ଇଷ୍ଟ ରଥରଫୋର୍ଡ(ୟୁଏସ୍‌ଏ), ୧୨।୭(ଏପି)

ଅଷ୍ଟ୍ରେଲିଆର ଅଲିରେଜା ଫାଘାନି ରବିବାର ଚେଲ୍‌ସୀ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ୍ ମଧ୍ୟରେ ଖେଳାଯିବାକୁଥିବା କ୍ଲବ ବିଶ୍ୱକପ୍ ଫାଇନାଲରେ ରେଫରି ଦାୟିତ୍ୱ ତୁଲାଇବେ। ୪୭ ବର୍ଷୀୟ ଫାଘାନିଙ୍କ ଜନ୍ମସ୍ଥାନ ହେଉଛି ଇରାନରେ। ପୂର୍ବରୁ ସେ ୨୦୧୬ ଅଲିମ୍ପିକ୍ସ ପୁରୁଷ ଫୁଟ୍‌ବଲ ଜର୍ମାନୀ ବିପକ୍ଷରେ ବ୍ରାଜିଲର ପେନାଲ୍ଟି କିକ୍ ବିଜୟ ଫାଇନାଲ ମ୍ୟାଚରେ ରେଫରି ଦାୟିତ୍ୱ ତୁଲାଇଥିଲେ। ସେ ଚଳିତ ବର୍ଷ ମାୟାମି ଓ ଅଲ୍ ଆଲି, ବୋକା ଜୁନିୟର୍ସ ବିପକ୍ଷ ବେୟର୍ନ ମ୍ୟୁନିକ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଏବଂ ପାମିରାସ ବିପକ୍ଷରେ ଚେଲ୍‌ସୀର କ୍ୱାର୍ଟରଫାଇନାଲ ବିଜୟ ମ୍ୟାଚ୍‌ରେ ସଫଳତାର ସହିତ ରେଫରି ଦାୟିତ୍ୱ ତୁଲାଇଛନ୍ତି। ସେ ଆହୁରି ମଧ୍ୟ ୨୦୧୮ ଓ ୨୦୨୨ ବିଶ୍ୱକପ୍‌ରେ ରେଫରି ଭାବେ କାର୍ଯ୍ୟ କରିଛନ୍ତି।

# ଜୋଟାଙ୍କ ଜର୍ସି ନମ୍ବରକୁ ବାଦ୍‌ଦେଲା ଲିଭରପୁଲ୍

ଲିଭରପୁଲ୍, ୧୨।୭(ଏପି)

ଗତ ସପ୍ତାହରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡିଏଗୋ ଜୋଟା ପିନ୍ଧୁଥିବା ନଂ.୨୦ ଜର୍ସିକୁ ଲିଭରପୁଲ ପକ୍ଷରୁ ଗୁରୁବାର ରିଟାୟର କରାଯାଇଛି। ୨୮ ବର୍ଷୀୟ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲ୍‌ଭା(୨୫) ସ୍ପେନ୍‌ର ଉତ୍ତର ପଶ୍ଚିମ ସହର ଜମୋରାରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ୨୦ ନମ୍ବର ଜର୍ସିକୁ ଜୋଟା ଗର୍ବର ସହ ପିନ୍ଧୁଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଆମେ ଅନେକ ସ୍ମରଣୀୟ ବିଜୟ ହାସଲକରିଛୁ। ଜୋଟା ସର୍ବଦା ଲିଭରପୁଲ ଫୁଟ୍‌ବଲ କ୍ଲବର ନଂ.୨୦ ହୋଇ ରହିବେ ବୋଲି କ୍ଲବ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। କ୍ଲବର ସିଇଓ ମାଇକେଲ ଏଡ୍‌ୱାର୍ଡ୍ସ କହିଛନ୍ତି, ଜୋଟାଙ୍କ ପରିବାର ସହ ପରାମର୍ଶ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏକ କ୍ଲବ ଭାବେ ଆମେ ସମର୍ଥକଙ୍କ ଭାବାବେଗ ବୁଝିପାରୁଛୁ। ଆମେ ବି ସମାନ ଅନୁଭବ କରୁଛୁ। ମୋ ମତରେ ଲିଭରପୁଲ ଫୁଟ୍‌ବଲ କ୍ଲବ ଇତିହାସରେ କୌଣସି ଖେଳାଳିଙ୍କୁ ଏଭଳି ସମ୍ମାନ ଦିଆଯାଇନାହିଁ। ଜୋଟାଙ୍କ ଲାଗି ଗତ ସିଜନ କ୍ୟାରିୟରର ସବୁଠୁ ସଫଳ ସିଜନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ଲିଭରପୁଲ ରେକର୍ଡ ସମକକ୍ଷ ୨୦ତମ ପ୍ରିମିୟର ଲିଗ୍ ଓ ପର୍ତ୍ତୁଗାଲ ସହ ୟୁଇଫା ନେଶନ୍ସ ଲିଗ୍ ଜିତିଥିଲା। ମୋଟ ଉପରେ ସେ ଲିଭରପୁଲ ପାଇଁ ୧୮୨ ମ୍ୟାଚ୍ ଖେଳି ୬୫ ଗୋଲ କରିଥିଲେ।

# ସିରାଜଙ୍କ ଶ୍ରଦ୍ଧାଞ୍ଜଳି

ଲଣ୍ଡନ, ୧୨।୭(ପି.ଟି.)

ନିକଟରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପର୍ତ୍ତୁଗୀଜ୍ ଫୁଟ୍‌ବଲର ଡିଏଗୋ ଜୋଟାଙ୍କ ପ୍ରତି ଭାରତୀୟ ପେସର ମହମ୍ମଦ ସିରାଜ୍ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ସିରାଜ୍ ଘରୋଇ ଦଳର ଉଇକେଟ୍‌କିପର ବ୍ୟାଟର ଜେମି ସ୍ମିଥ୍‌ଙ୍କୁ ଆଉଟ୍ କରିବା ପରେ ଦୁଇହାତର ଆଙ୍ଗୁଠି ଜରିଆରେ ନମ୍ବର ୨୦ ସଙ୍କେତ ଦେଖାଇଥିଲେ, ଯାହା ଜୋଟାଙ୍କ ଜର୍ସିର ନମ୍ବର ଥିଲା। ପରେ ସିରାଜ ଉଭୟ ହାତ ଟେକି ଫୁଟ୍‌ବଲରଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଆମେ ଗତ ମ୍ୟାଚ୍ ବେଳେ ଦୁର୍ଘଟଣାରେ ଜୋଟାଙ୍କ ମୃତ୍ୟୁ ଖବର ପାଇଥିଲୁ। ମୁଁ ଜଣେ ପର୍ତ୍ତୁଗାଲ ଦଳର ଫ୍ୟାନ୍ ଏବଂ କ୍ରିଷ୍ଟିଆନୋ ରୋନାଲ୍ଡୋ ମଧ୍ୟ ସମାନ ଦଳ ପାଇଁ ଖେଳନ୍ତି। ଏଣୁ ଏହି ଖବର ମୋତେ ଭାବବିହ୍ୱଳ କରିଥିଲା। ମୁଁ ଗତ ମ୍ୟାଚ୍‌ରେ ତାଙ୍କୁ ସମ୍ମାନ ଜଣାଇବାକୁ ଚାହୁଁଥିଲି। ପରେ ଏ ସମ୍ପର୍କରେ କୁଲଦୀପ ଯାଦବଙ୍କ ସହ କଥା ମଧ୍ୟ ହୋଇଥିଲି। ଏଣୁ ମୁଁ ଉଇକେଟ ପାଇବା ପରେ ସେଭଳି ସଙ୍କେତ କରିଥିଲି ବୋଲି ସିରାଜ କହିଛନ୍ତି। ଏତଦ୍‌ବ୍ୟତୀତ ଜୀବନର ଅନିଶ୍ଚିତତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଜୀବନ ଅତ୍ୟନ୍ତ ଅପ୍ରତ୍ୟାଶିତ। ଆମେ କାହା ପାଇଁ ଲଢୁଛୁ, କାହା ପାଇଁ କରୁଛୁ, କିନ୍ତୁ ଆସନ୍ତା କାଲି କଥା କାହାକୁ ଜଣାନାହିଁ। ଜୀବନରେ କିଛି ବି ନିଶ୍ଚିତ ନୁହେଁ।

# Classified Everyday

0674-2580101, 9692975378



MATRIMONIAL


## BRIDE WANTED

Govt. Civil Contractor କୁମୁଟି ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



## REAL ESTATE SALE

Bhubaneswar Sum Hospital-2, ତ୍ରିନାଥବଜାର ନିକଟରେ ଘରବାରି ପ୍ଲଟ୍ 1350sqft. ଏବଂ Cuttack Sri Sri University, ତ୍ରିଶୁଳିଆରେ 1900sqft.ରେ ଉପଲବ୍ଧ। Whatsapp: 9437011506, 6371462496. D-1257

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M. D-76474

3 BHK ready to move flat for sale at Sundarpada. Price-60 Lakhs. Contact- 7606024182. D-1273

Buy Or Sale Property: 8984071303 Wanted Yellow Zone Gharabari Land on Outright Basis, minimum 30' Road around Bhubaneswar for Simplex/ Duplex/ Apartment Projects for our Clients. Only Land Owner can Contact. D-1258

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ସ୍ଥିତିବାନ ଘରବାରି ପାଟେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

## AFFIDAVIT

Manasi Patra, aged about 33+ years, W/o- Late Pandaba Patra, At/P.O.- Khandahata, Via- Tora, Dist.- Bargarh, PIN- 768040, Odisha declare by this affidavit No.- C.F. No.- 787, dated- 23.06.2025. That now onwards I shall be known as Manabhangi Naik for all future purpose. D-1269

By virtue of an affidavit sworn before the Executive Magistrate, Belpada, No.-110, date- 11.07.2025, I, Nilakantha Nag, R/o. At- Chacherbeng, P.O.- Sarmuhan, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Sania Nag to Sandhya Nag. Henceforth, she shall be known as Sandhya Nag for all future purposes.
Nilakantha Nag D-1270

By virtue of an affidavit sworn before the Executive Magistrate, Thuamul Rampur, dated 18.06.2025, I, Parama Naik, R/o. At- Jamguda, P.O./P.S.- Th. Rampur, District.- Kalahandi, PIN- 766037, Odisha declare that I have changed the name of my son from Pratarajan Naik to Praptaranjan Naik. Henceforth, he shall be known as Praptaranjan Naik for all purposes.
Parama Naik D-1271

By virtue of an affidavit sworn before the Exec- utive Magistrate, Keonj- har, No.- 013, dated- 13.03.2025, I, Pradeep Kumar Biswal, S/o-Sanatan Biswal, resident of Village/ P.O.- Udayapur, P.S.- Patna, Dist.- Keonjhar, Odisha-758045 State that, in Aadhaar Card of my son his name is wrongly mentioned as Sahim Biswal instead of Swastik Biswal. Hence, Sahim Biswal and Swastik Biswal is one and same person. D-1276

I, Pramod Kumar Mohanty, S/o- Kapila Charan Mohanty, Resident of plot No.- 327/A-65, At-Kantilo, P.O.-Kuha, Sunderpada, Bhubaneswar, Odisha declare by this affidavit No.- 65, dated- 20.01.2025. That now onwards I shall be known as Pramod Mohanty for all future purposes. D-76472

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, BHUBANESWAR, dated- 23.05.2025, I, LAXMIBALA SAHOO, Address: AT/P.O.- GOHIRIAPADA, P.S.- FATEGARH, DIST.- NAYAGARH, ODISHA, PIN-752077 declare that I have changed my name from TUNI SAHOO to LAXMIBALA SAHOO. Henceforth, I shall be known as LAXMIBALA SAHOO for all purposes.
Laxmibala Sahoo (New Name) D-1275

I, Karim Nassar, S/o- Kasamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 73AA110707, dated- 11.07.2025 and affidavit No.- 72AA112158, dated- 12.07.2025. That now onwards I shall be known as Karim Kassamali Nassar for all future purposes. D-1267

I, Laila Karim, W/o- Karim Kassamali Nassar, resident of At- Flat No.- A/7, Platinum Group Co Op Housing Society, beside Kitab Mahal, P.O.-College Square, P.S.-Malgodown, Dist.-Cuttack-753003, Odisha declare by this affidavit No.- 73AA110708, dated- 11.07.2025. That now onwards I shall be known as Laila Karim Nassar for all future purposes. D-1266

## LEGAL NOTICE

ମାନ୍ୟବର, ଦେୱାନୀ ଅଦାଲତ
ବରିଷ୍ଠ ବିଭାଗ, ବୌଦ୍ଧ
ସିଭିଲ୍ ସୁଟ୍ ନଂ. -୮୬/୨୦୨୪
ସ୍ୱର୍ଣ୍ଣଲତା ସାହୁ ....ବାଦୀ
ବନାମ
ମୁରଲୀଧର ପ୍ରଧାନ ....ପ୍ରତିବାଦୀ

ଏତଦ୍ୱାରା ଏସ୍. କେ. ସଫିଉଲ୍ଲ, ପିତା: ଏସ୍. କେ. ମାନନ, ସା: କଳାଖଣ୍ଡି (ଚାରିଛକ), ପୋଷ୍ଟ: ଝଡ଼ ରାଜିଙ୍ଗ, ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ, ବର୍ତ୍ତମାନ ସା/ପୋଷ୍ଟ: କେରଙ୍ଗ, ଥାନା/ଜିଲ୍ଲା- ଖୋର୍ଦ୍ଧାଙ୍କୁ ଜଣାଇ ଦିଆଯାଉଛି କି ସ୍ୱର୍ଣ୍ଣଲତା ସାହୁ ତୁମ୍ଭ ନାମରେ ଉପରୋକ୍ତ ମକଦ୍ଦମା ଦାଏର କରିଛନ୍ତି। ଉକ୍ତ ମକଦ୍ଦମା ତା08.08.2025ରିଖ 10.30AM ଘଟିକା ସମୟରେ ଆପଣ ନିଜେ କିମ୍ବା ଓକିଲଙ୍କ ଜରିଆରେ ହାଜର ହୋଇ ନିଜ ପକ୍ଷ ରଖିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଅଦାଲତ ଆଇନ ଅନୁଯାୟୀ ଉପରୋକ୍ତ ମକଦ୍ଦମା ବିଚାର କରିବାକୁ ବାଧ ହେବ।
ତା୦୮।୦୭।୨୦୨୫
ବୌଦ୍ଧ
ସ୍ୱା./- ବରିଷ୍ଠ ଦେୱାନୀ ଅଦାଲତ, ବୌଦ୍ଧ
ଧ-୧୨୬୮

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384@ybl | T&C Apply
BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସ୍ମାର୍ଟ ୱାଚ୍








**ରିଷ୍ଟ ୱାଚ୍ ବା ହାତଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ସଉକ। ସମୟ ଦେଖିବା ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ସେମାନେ ବିଭିନ୍ନ ଡିଜାଇନ୍‌ର ୱାଚ୍ ବ୍ୟବହାର କରିଥା'ନ୍ତି। ବର୍ତ୍ତମାନ ଏହାର ଫଙ୍କ୍‌ଶନ କେବଳ ସମୟ ଦେଖିବାରେ ସୀମିତ ନାହିଁ, ବରଂ ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ପାଇଁ ସ୍ମାର୍ଟ ୱାଚ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି....**





ଦିନଥିଲା, ହାତରେ ଘଣ୍ଟା ନ ପିନ୍ଧିଲେ ଅନେକେ ବାହାରକୁ ଯାଉ ନ ଥିଲେ। ବିଶେଷକରି ପରୀକ୍ଷାର୍ଥୀଙ୍କର ଏହା ସବୁଠୁ ଜରୁରୀ। କାରଣ ସମୟ ଜାଣିବା ଲାଗି ଏହାହିଁ ଥିଲା ଏକମାତ୍ର ବିକଳ୍ପ। ଯଦିଓ ମୋବାଇଲ୍ ଫୋନ୍ ଆସିବା ପରେ ଏହାର ବ୍ୟବହାର କିଛି ମାତ୍ରରେ କମିଥିଲା, ହେଲେ ବର୍ତ୍ତମାନ କେବଳ ସମୟ ଜାଣିବା ଲାଗି ନୁହେଁ, ଫିଟ୍‌ନେସ୍ ଟ୍ରାକ୍ କରିବା, ଫୋନ୍ କଲ୍ ରିସିଭ୍ କରିବା ଭଳି ମଲ୍ଟିପଲ୍ ଫଙ୍କ୍‌ଶନ ସହିତ ବିଭିନ୍ନ ନାମୀଦାମୀ କମ୍ପାନୀର ସ୍ମାର୍ଟ ୱାଚ୍ ମାର୍କେଟ୍‌ରେ ଉପଲବ୍ଧ। ମେଟାଲିକ୍ ଚେନ୍‌ଠୁ ଆରମ୍ଭ କରି ଡିଫରେଣ୍ଟ ଡିଫରେଣ୍ଟ କଲରର ଲେଦର ଏବଂ ପ୍ଲାଷ୍ଟିକ୍ ବ୍ୟାଣ୍ଡ ଥିବା ତଥା ଡିଜିଟାଲ ଅପରେଟେଡ୍ ସ୍ମାର୍ଟ ୱାଚ୍ ଏବେ ପାଲଟିଛି ଯୁବପିଢ଼ିଙ୍କର ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଗ୍ଲୋବାଲ ସ୍ମାର୍ଟ ୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ବର୍ଷରେ ସମୁଦାୟ ହାତଘଣ୍ଟାର ପ୍ରାୟ ୪୦%ରୁ ଊର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍ ଇତ୍ୟାଦି।

**ମଲ୍ଟିପୁଲ୍ ଫାସିଲିଟି କରିଛି ଲୋକପ୍ରିୟ:** ହାତରେ କେବଳ ଘଣ୍ଟାଟିଏ ବାନ୍ଧି ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଖୁବ୍ ସହଜରେ ଜାଣିପାରିବା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକ ଯୁବପିଢ଼ିଙ୍କ ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ତେଣୁ ଜିମ୍ ଯାଉଥିବା କିମ୍ବା ଜଗିଂ, ରନିଂ, ସାଇକ୍ଲିଂ କରୁଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟ ୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟ ୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡ଼ିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଏଥିରେ ଉପଲବ୍ଧ।



**ଫୋନ୍‌ର ଛୋଟ ରୂପ:** ଏଥିରେ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିବା ଅପ୍ସନଠୁ ଆରମ୍ଭ କରି ଆଲାର୍ମ ସେଟ୍ କରିବା, ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିବା, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ଦେଖି ଫୋନ୍ ନ ଧରି ଏଥିରୁ ହିଁ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିବାର ଅପ୍ସନ ରହିଛି। କେବଳ ଏତିକି ନୁହେଁ, ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। ଏମିତିକି କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍‌ଡ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶ୍‌ଲେସ୍ ଶପିଂର ବି ଫାଇଦା ଉଠାଇ ପାରିବେ।

**ଖୋଜିବ ଚୋରି ହୋଇଥିବା ଫୋନ୍:** ହଠାତ୍ ଫୋନ୍ ହଜିଗଲେ ଯେକେହି ବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ କଥା। ହେଲେ ଯଦି ଆପଣ ସ୍ମାର୍ଟ ୱାଚ୍ ବ୍ୟବହାର କରୁଛନ୍ତି, ତେବେ ସେଥିରେ ରହିଛି 'ଫାଇଣ୍ଡ ଫୋନ୍' ନାମକ ଏକ ଆପ୍ଲିକେଶନ୍। ନିଜ ସ୍ମାର୍ଟ ୱାଚ୍‌କୁ ଫୋନ୍ ସହିତ କନେକ୍ଟ କରିଥିଲେ ଏହାଦ୍ୱାରା ଫୋନ୍‌କୁ ଟ୍ରାକ୍ କରି ସହଜରେ ଖୋଜିପାରିବେ ଏବଂ ଆବଶ୍ୟକ ସ୍ଥଳେ ସିମ୍ ଓ ଫୋନ୍ ବ୍ଲକ୍ ମଧ୍ୟ କରିପାରିବେ।

**ଚାର୍ଜେବଲ୍ ଏହି ୱାଚ୍:** ସାଧାରଣତଃ ରିଷ୍ଟ ୱାଚ୍‌ଗୁଡ଼ିକ ତୁଳନାରେ ଏଥିରେ ଫଙ୍କ୍‌ଶନ୍ ଅଧିକ ଥିବାରୁ ଚାର୍ଜ ମଧ୍ୟ ଅଧିକ ଖର୍ଚ୍ଚ ହୋଇଥାଏ। କିନ୍ତୁ ସବୁଠୁ ବଡ଼ କଥା ହେଉଛି, ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାର ଡିମାଣ୍ଡ ଖୁବ୍ ଅଧିକ।

**ୱାଟରପ୍ରୁଫ୍:** ଅଧିକାଂଶ ସ୍ମାର୍ଟୱାଚ୍ ୱାଟରପ୍ରୁଫ୍। ତେଣୁ ଏହାକୁ ରେନି ଡେ'ରେ ପିନ୍ଧିବାରେ କୌଣସି ଅସୁବିଧା ନାହିଁ। ତା'ଛଡା ସ୍ୱିମରମାନେ ଏହାକୁ ପିନ୍ଧି ସ୍ୱିମିଂ ବି କରିପାରୁଛନ୍ତି।

**ରାତିରେ ବି ଦେଖିବା ସହଜ:** ସ୍ମାର୍ଟ ୱାଚ୍ ଗୁଡ଼ିକର ଆଉ ଏକ ସ୍ପେଶାଲ ଫିଚର ହେଉଛି ଲାଇଟ୍। ତେଣୁ ରାତି ଅନ୍ଧାରରେ ବି ସମୟ ଜାଣି ନ ପାରିବା ହେଉ ଅବା କିଏ କଲ୍ କରୁଛି ନ ଦେଖାଯିବାର ଟେନ୍‌ଶନ୍ ନାହିଁ। ତା'ଛଡା ଏଥିରେ ୱାଲ୍‌ପେପର୍ ସେଟିଂ କରି ନିଜ ହେଉ କିମ୍ବା ପସନ୍ଦର ଫଟୋ ବି ରଖିହେବ। ତେବେ ଏଭଳି ବିଭିନ୍ନ ଫିଚର ପାଇଁ ଏହା ଲୋକପ୍ରିୟ ହୋଇପାରିଛି।





## ହାତଲେଖା ଦିଏ ବ୍ୟକ୍ତିତ୍ୱର ପରିଚୟ

**ଲେଖିବାର ଶୈଳୀ ଏବଂ ହସ୍ତାକ୍ଷର ସମସ୍ତଙ୍କର ଭିନ୍ନ ଭିନ୍ନ ହୋଇଥାଏ। ତେବେ ଏକ ଗବେଷଣା ମୁତାବକ ହାତଲେଖାରୁ ମଧ୍ୟ ଜଣଙ୍କର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ ...**



→ ଗବେଷଣାରୁ ଜଣାପଡ଼ିଛି ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।

→ ଯେଉଁମାନଙ୍କ ଅକ୍ଷର ଛୋଟ ଛୋଟ, ସେମାନେ ସାଧାରଣତଃ ଅନ୍ତର୍ମୁଖୀ ସ୍ୱଭାବର ହୋଇଥିବା ବେଳେ ବଡ଼ ଅକ୍ଷର ଲେଖୁଥିବା ବ୍ୟକ୍ତି ବହିର୍ମୁଖୀ ହୋଇଥାନ୍ତି।

→ ଅନେକେ ଜାକି ଜାକି ଲେଖିବାକୁ ଭଲପାଆନ୍ତି। ଅର୍ଥାତ୍ ସେମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ। ତେବେ ଏଭଳି ମଣିଷ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆଜାଦ୍ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।

→ ସ୍ପଷ୍ଟ ଦସ୍ତଖତ କରୁଥିବା ବ୍ୟକ୍ତିମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ପଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନପ୍ରିୟ ହୋଇଥା'ନ୍ତି।

→ ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି।



ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ୍ୟ ହୋଇଥା'ନ୍ତି।

→ ଖୁବ୍‌ଶୀଘ୍ର ଏବଂ ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।

→ କଲମକୁ ଅଳ୍ପ ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

## ଏ ସପ୍ତାହର ପ୍ରଶ୍ନ

୧- .................... ପକ୍ଷରୁ ଫାଇନାନ୍ସିଆଲ୍ ଫ୍ରଡ୍ ରିସ୍କ ଇଣ୍ଡିକେଟର ଆରମ୍ଭ କରାଯାଇଛି ?
୨- ବୁକାପାଟ୍‌ନା ଚିଙ୍କାରା ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ....... ରାଜ୍ୟରେ ଅବସ୍ଥିତ ?
୩- ୱାଣ୍ଡାନ୍ ମଡ୍ ଭଲ୍‌କାନୋ ............ ଠାରେ ଅବସ୍ଥିତ ?
୪- ତିରୁଚେନ୍ଦୁର ସୁବ୍ରମଣ୍ୟ ସ୍ୱାମୀ ମନ୍ଦିର ........... ରାଜ୍ୟରେ ଅବସ୍ଥିତ ?
୫- ଭାରତରତ୍ନ ସର୍ବପ୍ରଥମେ ........... ମସିହାରେ ପ୍ରଦାନ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଗାଜିଆବାଦ
୨ ମିନିଷ୍ଟ୍ରି ଅଫ୍ ଏକ୍ସଟର୍ନାଲ୍ ଆଫାୟାର୍ସ
୩ କର୍ଣ୍ଣାଟକ
୪ ଦ୍ୱାରକା ଏକ୍ସପ୍ରେସ୍ ୱେ
୫ ଜମ୍ମୁ

## ଉତ୍ତରଦାତା


ପ୍ରକାଶ ପ୍ରଧାନ, ଢେଙ୍କାନାଳ


ରବୀନ୍ଦ୍ର କୁମାର ତ୍ରିପାଠୀ, ଭଦ୍ରକ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀରେ ସର୍ବାଧିକ ସଂଖ୍ୟକ ପକ୍ଷୀ



୧- ଡୋମେଷ୍ଟିକ୍ ଚିକେନ୍ .................... ୩୦ ବିଲିୟନ
୨- ରେଡ୍-ବିଲ୍ଡ କ୍ୱିଲିଆ .................... ୧.୫ ବିଲିୟନ
୩- ମୌର୍ନିଂ ଡୋଭ୍ .................... ୪୫୭ ମିଲିୟନ
୪- ଆମେରିକାନ୍ ରବିନ୍ .................... ୩୧୦ ମିଲିୟନ
୫- କମନ୍ ଫିଜାଣ୍ଟ .................... ୧୬୦-୨୨୦ ମିଲିୟନ
୬- ରେଡ୍-ୱିଙ୍ଗ୍‌ଡ ବ୍ଲାକ୍‌ବାର୍ଡ .................... ୨୧୦ ମିଲିୟନ
୭- ଚିପିଂ ସ୍ପାରୋ .................... ୨୦୦ ମିଲିୟନ
୮- କମନ୍ ଷ୍ଟାର୍ଲିଂ .................... ୧୦୦-୧୯୯ ମିଲିୟନ
୯- କମନ୍ ସ୍ୱିଫ୍ଟ .................... ୯୫-୧୬୪ ମିଲିୟନ
୧୦- ୟେଲୋ-ରମ୍ପ୍‌ଡ ୱାର୍‌ବ୍ଲର୍ .................... ୧୩୦ ମିଲିୟନ

## ୟୁଥ୍ ଆଲର୍ଟ

# ହାନିକାରକ ପ୍ୟାକେଟ୍ ଫ୍ରୁଟ୍ ଜୁସ୍

**ଫ୍ରୁଟ୍‌ଜୁସ୍ ପିଇବା ଅନେକଙ୍କୁ ଖୁବ୍ ପସନ୍ଦ। ହେଲେ ଫଳ ଆଣି କାଟି, ଗ୍ରାଇଣ୍ଡ କରି ଜୁସ୍ ପ୍ରସ୍ତୁତ କରି ପିଇବା ଭଳି ଲମ୍ବା କାମ ଅପେକ୍ଷା ଶର୍ଟ ଉପାୟରେ ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଜୁସ୍ ପିଇଦେବା ଅଧିକ ସହଜ ବୋଲି ଅନେକେ ବିଶେଷକରି ଯୁବପିଢ଼ି ଭାବନ୍ତି। ହେଲେ ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ...**



- ❖ ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ।
- ❖ ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌ରେ ମିଶାଯାଉଥିବା ଆର୍ଟିଫିସିଆଲ୍ କଲର୍ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ❖ ଫ୍ରୁଟ୍‌ଜୁସ୍‌ରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।



- ❖ ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ଦେଖାଯାଏ।

ଶର୍କରାର ମାତ୍ରା ଅଧିକ ଥିବାରୁ ଓଜନ ବୃଦ୍ଧି ଏବଂ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

- ❖ ପ୍ୟାକେଟ୍ ଜୁସ୍‌କୁ ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବାକୁ ସେଥିରେ ବିଭିନ୍ନ କେମିକାଲ୍ ସହିତ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା ବଢ଼ିଥାଏ।
- ❖ ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଟଟକା ଫଳ ଖାଇବା ଶରୀର ପାଇଁ ହିତକର। ଜୀବନ ଯେତେ ବ୍ୟସ୍ତବହୁଳ ହୋଇ ଥାଉନା କାହିଁକି, ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ବଦଳରେ ଘରେ ପ୍ରସ୍ତୁତ ଫ୍ରୁଟ୍‌ଜୁସ୍ ପିଇବା ସବୁଠୁ ଭଲ।




# ତୃତୀୟ ଟେଷ୍ଟ: ରାହୁଲଙ୍କ ଶତକ

**ଲର୍ଡ୍ସ,୧୨।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ତୃତୀୟ ଦିନ ଟି' ବ୍ରେକ୍ ସୁଦ୍ଧା ବରାବର ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ଭାରତୀୟ ଦଳ ତୃତୀୟ ଦିନରେ ବ୍ୟାଟିଂ ଜାରି ରଖି ୧୦୧ ଓଭର ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୩୮ ରନ୍ କରିଛି। ଭାରତ ପାଇଁ ଓପନର ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ରବୀନ୍ଦ୍ର ଜାଡେଜା ୫୧ ଓ ୱାଶିଂଟନ ସୁନ୍ଦର ୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଭାରତୀୟ ଦଳକୁ ୪୯ ରନ୍ ଦରକାର ଥିବାବେଳେ ହାତରେ ୪ ଉଇକେଟ ରହିଛି।


ଶତକ ହାସଲ ପରେ ଉଲ୍ଲସିତ ଲୋକେଶ ରାହୁଲ।

ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୫/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରାହୁଲ ଓ ଋଷଭ ପନ୍ତ ଆରମ୍ଭରୁ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ସେଟ୍ ହେବା ପରେ ଦୁହେଁ ଆଟାକିଂ ବ୍ୟାଟିଂ କରିଥିଲେ। ପ୍ରଥମ ସେଶନର ଅନ୍ତିମ ବଲରେ ରାହୁଲଙ୍କ ସହ ଭୁଲ୍ ବୁଝାମଣା କାରଣରୁ ପନ୍ତ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ପନ୍ତ ୮ ଚୌକା ଓ ୨ ଛକା ସହିତ ୭୪ ରନ୍ କରି ଆଉଟ୍ ହୋଇଥିଲେ। ସେ ରାହୁଲଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୧୪୧ ରନ୍ ଯୋଡ଼ିଥିଲେ। ଦ୍ୱିତୀୟ ସେଶନରେ ରାହୁଲ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ସେ ୧୩ ଚୌକା ସହ ୧୦୦ ରନ୍ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଦଶମ ଓ ଇଂଲଣ୍ଡରେ ଚତୁର୍ଥ ଶତକ ଥିଲା। ଐତିହାସିକ ଲର୍ଡ୍ସ ଭେନ୍ୟୁରେ ଏହା ତାଙ୍କର ଦ୍ୱିତୀୟ ଶତକ। ଦୀଲିପ ଭେଙ୍ଗସରକାରଙ୍କ ପରେ ରାହୁଲ ଦ୍ୱିତୀୟ ଭାରତୀୟ ଭାବେ ଏଭଳି ସଫଳତା ପାଇଛନ୍ତି। ଏହାପରେ ଜାଡେଜା ଓ ନୀତିଶ କୁମାର ରେଡ୍ଡୀ ଷଷ୍ଠ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ଜଣାପଡୁଥିବା ରେଡ୍ଡୀ ୩୦ ରନ୍ କରି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବଲରେ ଉଇକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ରେଡ୍ଡୀ ଆଉଟ୍ ହେବା ପରେ ଜାଡେଜାଙ୍କ ସହ ୱାଶିଂଟନ କ୍ରିଜ୍‌ରେ ଯୋଗ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ଷ୍ଟୋକ୍ସ ଦୁଇଟି ଉଇକେଟ ନେଇଥିବା ବେଳେ କ୍ରିସ ୱୋକ୍ସ, ଜୋଫ୍ରା ଆର୍ଚ୍ଚର ଓ ଶୋଏବ ବସୀର ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/ଅଲଆଉଟ୍।

ଭାରତ ପ୍ରଥମ ଇନିଂସ: ୧୦୧ ଓଭରରେ ୩୩୮/୬ (ଲୋକେଶ ରାହୁଲ-୧୦୦, ଋଷଭ ପନ୍ତ-୭୪, ରବୀନ୍ଦ୍ର ଜାଡେଜା-୫୧*, ନୀତିଶ କୁମାର ରେଡ୍ଡୀ-୩୦, ବେନ୍ ଷ୍ଟୋକ୍ସ-୨/୫୯, ଜୋଫ୍ରା ଆର୍ଚ୍ଚର-୧/୪୫, ଶୋଏବ ବସୀର-୧/୫୯)।

## କ୍ୟାଶ-ଗ୍ଲାସପୁଲ ପୁରୁଷ ଡବଲ୍ସ ଚାମ୍ପିୟନ

**ଲଣ୍ଡନ,୧୨।୭**

ପଞ୍ଚମ ସିଡ୍ ବ୍ରିଟେନର ଜୁଲିଆନ କ୍ୟାଶ ଓ ଲୟଡ ଗ୍ଲାସପୁଲ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ଉଭୟ ଖେଳାଳିଙ୍କ ଲାଗି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। କ୍ୟାଶଙ୍କ ଲାଗି ଅଷ୍ଟମ ଟାଇଟଲ ହୋଇଥିବା ବେଳେ ଗ୍ଲାସପୁଲଙ୍କର ଏହା ଦଶମ ଟ୍ରଫି। ଗତ ୮୯ ବର୍ଷରେ ପ୍ରଥମ ବ୍ରିଟିଶ ଯୋଡ଼ି ଭାବେ କ୍ୟାଶ ଓ ଗ୍ଲାସପୁଲ ୱିମ୍ବେଲଡନରେ ପୁରୁଷ ଡବଲ୍ସ ଟ୍ରଫି ଉଠାଇଛନ୍ତି। ଅନ୍ତିମ ଥର ୧୯୩୬ରେ ବ୍ରିଟେନର ପ୍ୟାଟ ହଗ୍ସ ଓ ରେମଣ୍ଡ ଟକି ପୁରୁଷ ଡବଲ୍ସ ଟାଇଟଲ ଜିତିଥିଲେ। ଶନିବାର ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ କ୍ୟାଶ ଓ ଗ୍ଲାସପୁଲଙ୍କ ଯୋଡ଼ି ୬-୨, ୭-୬ (୭/୩) ସିଧାସଳଖ ସେଟ୍‌ରେ ଅଣସିଡ୍ ଯୋଡ଼ି ନେଦରଲାଣ୍ଡସର ଡେଭିଡ୍ ପେଲ ଓ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ହରାଇଛନ୍ତି। ବ୍ରିଟିଶ ଯୋଡ଼ି ପ୍ରଥମ ସେଟ୍‌କୁ ମାତ୍ର ୨୭ ମିନିଟ୍ ମଧ୍ୟରେ ଜିତି ନେଇଥିଲା। ଦ୍ୱିତୀୟ ସେଟ୍ ଉଭୟ ଯୋଡ଼ି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

## ସ୍ୱିଟେକଙ୍କୁ ପ୍ରଥମ ୱିମ୍ବେଲଡନ ଟାଇଟଲ

**ଲଣ୍ଡନ,୧୨।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ଅଷ୍ଟମ ସିଡ୍ ଇଗା ସ୍ୱିଟେକ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଷଷ୍ଠ ଗ୍ରାଣ୍ଡସ୍ଲାମ ଓ ପ୍ରଥମ ୱିମ୍ବେଲଡନ ଟାଇଟଲ। ସେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ୱିମ୍ବେଲଡନ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି। ଏହି ବିଜୟ ସହ ସ୍ୱିଟେକ ୨୦୨୨ଠାରୁ ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସେମିଫାଇନାଲରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କାଙ୍କୁ ଚକିତ କରିଥିବା ୨୩ ବର୍ଷୀୟା ଆମାଣ୍ଡା ଆନିସିମୋଭା ରନରଅପରେ ସନ୍ତୁଷ୍ଟ ରହିଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଟେକ ୬-୦, ୬-୦ ସିଧାସଳଖ ସେଟ୍‌ରେ ୧୩ତମ ସିଡ୍ ଆନିସିମୋଭାଙ୍କୁ ହରାଇଛନ୍ତି। ମ୍ୟାଚ୍ ଆରମ୍ଭରୁ ସ୍ୱିଟେକ ପୂରା ପ୍ରଭାବ ବିସ୍ତାର କରି ଖେଳିଥିଲେ। ଏପରିକି ସେ ପ୍ରତିପକ୍ଷ ଖେଳାଳିଙ୍କୁ ଗୋଟିଏ ହେଲେ ଗେମ୍ ଜିତିବାକୁ ଦେଇନଥିଲେ। ଏହି ଏକତରଫା ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୫୭ ମିନିଟ୍ ଲାଗିଥିଲା। ୧୯୧୧ରୁ ଖେଳାଯାଉଥିବା ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ଏଭଳି ଏକତରଫା ବିଜୟ ପୂର୍ବରୁ କୌଣସି ଖେଳାଳି ହାସଲ କରି ନଥିଲେ।


ଟ୍ରଫି ସହ ଇଗା ସ୍ୱିଟେକ୍।

## ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୭ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫ମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଚାମ୍ପିୟନଶିପ୍‌ର ଫାଇନାଲ ପର୍ଯ୍ୟାୟର ବାଳିକା ବିଭାଗରେ ଶନିବାର ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚରେ ବାମ୍ରା ଏଚ୍‌ଟିସି ୧-୦ ଗୋଲ୍‌ରେ ବାରଗାଁଓ ଏଚ୍‌ଟିସିକୁ ହରାଇ ଦେଇଛି। ଏଥିରେ ପରାଜିତ ଦଳର ମନୀଷା କିଷାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାଳିକା ବିଭାଗ ଗ୍ରାଣ୍ଡ ଫିନାଲେରେ ଲାଠିକଟା ଏଚ୍‌ଟିସି ୧ (୨)-(୧) ୧ରେ ଗୁରୁଣ୍ଡିଆ ଏଚ୍‌ଟିସିକୁ ପରାସ୍ତ କରିଛି। ଚାମ୍ପିୟନଶିପ୍‌ର ବାଳିକା ବିଭାଗରେ ଲାଠିକଟା ଏଫ୍‌ସି ଚାମ୍ପିୟନ ହୋଇଥିବା ବେଳେ ଗୁରୁଣ୍ଡିଆ ପ୍ରଥମ ରନରଅପ୍ ଏବଂ ବାମ୍ରା ଦ୍ୱିତୀୟ ରନରଅପ୍ ହୋଇଥିଲା।

## ଦେବାଶିଷ ଚାମ୍ପିୟନ



ଦେବାଶିଷ ସାହୁ

**ଭୁବନେଶ୍ୱର,୧୨।୭(ଅନାଦି କର):** ଓଡ଼ିଶାର ଟେନିସ୍ ଖେଳାଳି ଦେବାଶିଷ ସାହୁ ଏଆଇଟିଏ ଓ ଓଟିଏ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ଟେନିସ୍ କୋର୍ଟରେ ଖେଳାଯାଇଥିବା ଏଆଇଟିଏ ମେନ୍ସ ୧ ଲକ୍ଷ କାଟେଗୋରି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୬-୪, ୬-୨ ସିଧାସଳଖ ସେଟ୍‌ରେ ମହାରାଷ୍ଟ୍ରର ଅନୁରାଗ ରେଡ୍ଡୀଙ୍କୁ ହରାଇଛନ୍ତି। ଦେବାଶିଷ ତାଙ୍କ ସଫଳତା ଲାଗି ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, କିଟ୍ ୟୁନିଭରସିଟ୍ ଟେନିସ ଏକାଡେମୀ କୋଚ୍ ଟଡ୍, ଗଗନେନ୍ଦୁ ଦାଶ ଓ କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେବାଶିଷ ଆଗାମୀ ଦିନରେ ଆଇଟିଏଫ୍ ପୁରୁଷ ସର୍କିଟରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

## ଫ୍ରାନ୍ସକୁ ହରାଇଲା ଭାରତ 'ଏ'

**ଇଣ୍ଡୋଭେନ୍(ନେଦରଲାଣ୍ଡ୍ସ), ୧୨।୭(ପି.ଟି.):** ଭାରତ ଏ' ହକି ଦଳ ୟୁରୋପିଆନ୍ ଟୁର୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ହମି କ୍ଲବ ଓରାଞ୍ଜେ ରୁଡ୍‌ଠାରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଦଳ ୩-୨ ଗୋଲ୍‌ରେ ଫ୍ରାନ୍ସକୁ ହରାଇଦେଇଛି। ଭାରତ ତରଫରୁ ଫରୱାର୍ଡ ଆଦିତ୍ୟ ଅର୍ଜୁନ ଲାଲ୍‌ଗେ ଡବଲ ଗୋଲ୍‌ସ୍କୋର କରିଥିବା ବେଳେ ବବି ସିଂ ଧାମି ଗୋଟିଏ ଗୋଲ୍ ଦେଇଥିଲେ। ଲାଲ୍‌ଗେଙ୍କ ପ୍ରଥମଟି ଫିଲ୍ଡଗୋଲ୍ ଥିଲା। ଦ୍ୱିତୀୟଟି ପେନାଲ୍‌ଟି କର୍ନରକୁ କନ୍‌ଭର୍ଟ କରିଦେଇଥିଲେ। ବବିଙ୍କର ମଧ୍ୟ ଫିଲ୍ଡଗୋଲ୍ ଥିଲା। ଫ୍ରାନ୍ସ ପକ୍ଷରୁ କ୍ଲିମେଣ୍ଟ ୨ଟିଯାକ ଗୋଲ୍ ସ୍କୋର କରିଥିଲେ। ଭାରତ ଏ' ରବିବାର ପୁନର୍ବାର ଫ୍ରାନ୍ସ ସହ ମୁକାବିଲା କରିବ। ୟୁରୋପ ଟୁର୍‌ରେ ଥିବା ଦଳକୁ ଆହୁରି ୫ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଭାରତ ଏ' ପୂର୍ବରୁ ଆୟର୍ଲାଣ୍ଡକୁ ୨ଥର ଏବଂ ଫ୍ରାନ୍ସକୁ ଥରେ ପରାସ୍ତ କରିସାରିଛି। ଫ୍ରାନ୍ସ ବିପକ୍ଷ ରିଭର୍ସ ମ୍ୟାଚ୍ ବ୍ୟତୀତ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଦୁଇଟି ଏବଂ ଇଂଲଣ୍ଡ ଓ ବେଲ୍‌ଜିୟମ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।




## ଟି୨୦ ବିଶ୍ୱକପ୍ ଖେଳିବ ଇଟାଲୀ

**ନୂଆଦିଲ୍ଲୀ,୧୨।୭:** ଆସନ୍ତା ବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଇଟାଲୀ ଯୋଗ୍ୟତା ହାସଲ କରିଛି। ଶୁକ୍ରବାର ହେଗ୍‌ଠାରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଲାଗି ଖେଳାଯାଇଥିବା ୟୁରୋପ ଯୋଗ୍ୟତା ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ନେଦରଲାଣ୍ଡ୍ସଠାରୁ ଇଟାଲୀ ପରାସ୍ତ ହୋଇଛି। ହେଲେ ନେଟ୍ ରନ୍‌ରେଟ୍ ଯଥେଷ୍ଟ ଭଲ ଥିବାରୁ ଦଳ ପ୍ରଥମଥର ପାଇଁ କ୍ରିକେଟ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଟି୨୦ ବିଶ୍ୱକପ୍ ଖେଳାଯିବ। ପୂର୍ବରୁ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଟାଲୀ ୨୦ ଓଭରରେ ୭ ଉଇକେଟରେ ୧୩୪ ରନ୍ କରିଥିଲା। ଯୋଗ୍ୟତା ହାସଲ କରିବା ପାଇଁ ପ୍ରତିପକ୍ଷ ନେଦରଲାଣ୍ଡ୍ସକୁ ଅତିକମ୍ ୧୪ ଓଭର ପର୍ଯ୍ୟନ୍ତ ଖେଳାଇବାର ଥିଲା। କିନ୍ତୁ ନେଦରଲାଣ୍ଡ୍ସ ୧୭ତମ ଓଭରରେ ମ୍ୟାଚ୍ ଜିତିଥିଲା। ୨୦୨୬ ଟି୨୦ ବିଶ୍ୱକପ୍ ଲାଗି ଏପର୍ଯ୍ୟନ୍ତ ୧୫ଟି ଦଳ ଯୋଗ୍ୟତା ହାସଲ କରିସାରିଛନ୍ତି। ଏହି ତାଲିକାରେ ଆୟୋଜକ ଭାରତ ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, କାନାଡା, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଦେଶ ରହିଛନ୍ତି। ଇଷ୍ଟ ଏସିଆ ଓ ପାସିଫିକ୍ (ଇଏପି)ରୁ ୩ ଓ ଆଫ୍ରିକା କ୍ୱାଲିଫାୟରରୁ ୨ ଦଳ ବିଶ୍ୱକପ୍ ଲାଗି ଟିକେଟ୍ ହାସଲ କରିବେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ